

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୮ ଜୁନ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 28 JUNE 2021
Vol.No. 32 ■ No. 162 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମୋଦୀଙ୍କ 'ମନ୍ କି ବାତ' କାର୍ଯ୍ୟକ୍ରମ

## କହିଲେ ଗୁଜବରେ ବିଶ୍ୱାସ କରନ୍ତୁନି, ଟିକା ନିଅନ୍ତୁ



ନୂଆଦିଲ୍ଲୀ,୨୭/୦୬(ନି.ପ୍ର): କରୋନା ମହାମାରୀ ଲଢ଼େଇରେ ଭ୍ୟାକ୍ସିନ ଏକମାତ୍ର ବିକଳ୍ପ । ତେଣୁ ସଂକ୍ରମଣରୁ ଦୂରେଇ ରହିବା ପାଇଁ ଟିକା ନେବାକୁ ପଛଘୁଂଚା ଦିଅନ୍ତୁ ନାହିଁ କିମ୍ୱା ଦ୍ୱନ୍ଦ୍ୱ ଆଣନ୍ତୁ ନାହିଁ । ସମସ୍ତେ ଟିକା ନେବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ନିଜର ୭୮ତମ ମନ କି ବାତ କାର୍ଯ୍ୟକ୍ରମରେ କହିଛନ୍ତି । ପ୍ରଧାନମନ୍ତ୍ରୀ ନିଜେ ଏହି ଟିକା ନେଇଛନ୍ତି ଏବଂ ତାଙ୍କ ମାଆ ମଧ ଟିକା ନେଇଥିବା ମନ କି ବାତରେ କହିଛନ୍ତି ମୋଦୀ । ସେହିଭଳି କରୋନା ଲଢ଼େଇରେ ମାସ୍କ ପିନ୍ଧିବା ଅତ୍ୟନ୍ତ ଜରୁରୀ । ଟିକା ନେବା ସହିତ ମାସ୍କ ପିନ୍ଧିବା ଏବଂ ଅନ୍ୟାନ୍ୟ ନିୟମକୁ ମାନିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ମୋଦୀ । କରୋନା ସଂକ୍ରମଣ ନାହିଁ ବୋଲି ଭ୍ରମରେ ନରହିବାକୁ ଦେଶବାସୀଙ୍କୁ ସଚେତନ କରିଛନ୍ତି । 'ମନ୍ କି ବାତ୍ ପ୍ରାରମ୍ଭ'ରେ ପ୍ରଧାନମନ୍ତ୍ରୀ ମୋଦୀ ଟୋକିଓ ଅଲିମ୍ପିକ୍ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ କ୍ରୀଡ଼ାବିତ୍ ମାନଙ୍କୁ ଅଭିବାଦନ ଜଣାଇବା ସହ ଟୋକିଓ ଅଲିମ୍ପିକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଖେଳାଳିଙ୍କ ପାଇଁ 'ଚିୟର୍ ଇଣ୍ଡିଆ' ହାସ୍‌ଟ୍ୟାଗ୍ ବ୍ୟବହାର କରିବା ଲାଗି ପ୍ରଧାନମନ୍ତ୍ରୀ ନାଗରିକମାନଙ୍କୁ କହିଛନ୍ତି। ସ୍ୱର୍ଗତ ମିଲ୍‌ଖା ସିଂହଙ୍କ କଥା ସ୍ମରଣ କରି ସେ କହିଛନ୍ତି, ଶ୍ରୀ ମିଲ୍‌ଖା ସିଂହଜୀଙ୍କ ସହ କରିଥିବା ଆଳାପକୁ ସବୁଦିନ ପାଇଁ ସଶ୍ରଦ୍ଧ ସ୍ମରଣ କରିବି। ଅଲିମ୍ପିକ୍ ପ୍ରସଙ୍ଗ ପଡ଼ିଲା ବେଳେ ଆମ ମିଲ୍‌ଖା ସିଂହଙ୍କୁ ମନେ ନ ପକାଇବା କେମିତି ସେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ସହ ଆଳାପ କରିବାର ସୁଯୋଗ ପାଇଥିଲି । ଟୋକିଓ ଅଲିମ୍ପିକ୍ସକୁ ଯାଉଥିବା ଖେଳାଳିମାନଙ୍କୁ ପ୍ରେରଣା ଦେବା ନିମନ୍ତେ ▶▶ପୃଷ୍ଠା ୭

## ତିନି ଦିନିଆ ଗସ୍ତରେ ଲେହରେ ପହଂଚିଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ



ଜମ୍ମୁ,୨୭/୦୬ (ନି.ପ୍ର): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ସେନା ମୁଖ୍ୟ ଜେନେରାଲ ଏମ.ଏମ ନାରବଣେ ରବିବାର ସକାଳେ ଲେହରେ ପହଂଚିଥିଲେ। ଏହି ସମୟରେ ସେ କହିଛନ୍ତି ଯେ, ଆମ ସୈନ୍ୟବାହିନୀର ସୈନିକ ତଥା ପୂର୍ବତନ ସୈନିକଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର କେତେ ସମ୍ମାନ ରହିଛି ତାହା ▶▶ପୃଷ୍ଠା ୭

## ସହଯୋଗୀଙ୍କୁ ଚୁମ୍ବନ ଦେବା ପଡିଲା ମହଙ୍ଗା

# କୋଭିଡ ନିୟମ ଭାଙ୍ଗିବା ଅଭିଯୋଗ ଆସିବା ପରେ ଇସ୍ତଫା ଦେଲେ ବ୍ରିଟେନ ସ୍ୱାସ୍ଥ୍ୟମନ୍ତ୍ରୀ



ବ୍ରିଟେନ,୨୭/୦୬: ବ୍ରିଟେନର ସ୍ୱାସ୍ଥ୍ୟମନ୍ତ୍ରୀ ମେଟ ହନକକ୍ ଙ୍କ ବିରୋଧରେ କୋଭିଡ ନିୟମ ଉଲଙ୍ଘନ ଅଭିଯୋଗ ଆସିବା ପରେ ସେ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନଙ୍କୁ ପତ୍ର ଲେଖି ଇସ୍ତଫା ଦେଇଛନ୍ତି । କିଛିଦିନ ତଳେ ସେ ତାଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କୁ ଚୁମ୍ବନ ଦେଉଥିବାର ଫଟୋ ଭାଇରାଲ ହୋଇଥିଲା । ଏହାକୁ ନେଇ ବିରୋଧୀମାନେ ତାଙ୍କ ଉପରେ କୋଭିଡ ନିୟମ ଉଲଙ୍ଘନ କରିଥିବା ଅଭିଯୋଗ ଆଣିଥିଲେ । ଏହାକୁ ନେଇ ବି ହନକଳଙ୍କ ଅଫିସର କର୍ମଚାରୀମାନେ ହନକଳଙ୍କ ଉପରେ ଅଭିଯୋଗ ଆଣିଥିଲେ । ଏହାପରେ ହନକକ୍ ଏଭଳି ଘଟଣା ପାଇଁ କ୍ଷମା ପ୍ରାଥନା କରିଥିଲେ । ହେଲେ ଅଭିଯୋଗର ଫର୍ଦ୍ଦ ଲମ୍ୱା ହେବାରେ ଲାଗିଥିଲା । ଶେଷରେ ସେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ନିଜ ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫା ପରେ ବ୍ରିଟେନର ପୂର୍ବତନ ଅର୍ଥମନ୍ତ୍ରୀ ସାଜିଦ ଜାବିଦଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଛି । ହନକକ୍ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି କହିଛନ୍ତି କି "ମହାମାରୀ ସମୟରେ ଲୋକମାନେ ଯେଉଁଳି ତ୍ୟାଗ କରିଛନ୍ତି ▶▶ପୃଷ୍ଠା ୭

# ଜମ୍ମୁ ଏୟାରଫୋର୍ସ ଷ୍ଟେସନରେ ବିସ୍ଫୋରଣ

■ ୫ ମିନିଟ ବ୍ୟବଧାନରେ ହୋଇଛି ୨ଟି ବିସ୍ଫୋରଣ

■ ଡ୍ରୋନ ଯୋଗେ ବିସ୍ଫୋରଣ କରାଯାଇଥିବା ସୂଚନା



ନୂଆଦିଲ୍ଲୀ,୨୭/୦୬(ନି.ପ୍ର): ରାତି ପ୍ରାୟ ୨ଟା ବେଳେ ଭାରତୀୟ ବାୟୁସେନା ପରିଚାଳିତ 'ସତଓ୍ୱାରି ବାୟୁସେନା ଷ୍ଟେସନ୍'ରେ ଦୁଇଟି ବିସ୍ଫୋରଣ ଘଟିଥିବା ସୂଚନା ମିଳିବା ପରେ ଆଜି ସକାଳୁ ବୋମା ନିଷ୍କ୍ରିୟକାରୀ ଏବଂ ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳକୁ ଯାଇଛନ୍ତି । ୫ ମିନିଟ ଅନ୍ତରରେ ଘଟିଥିବା ଏହି ବିସ୍ଫୋରଣରେ କେହି ଆହତ ହୋଇଥିବାର ସୂଚନା ମିଳି ନ ଥିବା କଥା ସରକାରୀ ଅଧିକାରୀମାନେ କହୁଛନ୍ତି । ବିସ୍ଫୋରଣ ଘଟଣା ସଂକ୍ରାନ୍ତରେ ସେମାନେ ବାୟୁସେନା 'ଏଫ୍‌ଆଇଆର'କୁ ଅପେକ୍ଷା କରିଛନ୍ତି ବୋଲି ପୁଲିସ କହିଛି । ଅନ୍ୟସୂତ୍ରରୁ ପ୍ରାପ୍ତ ତଥ୍ୟ ଅନୁସାରେ, ରାତି ପ୍ରାୟ ୧:୫୦ରେ ଘଟିଥିବା ପ୍ରଥମ ବିସ୍ଫୋରଣ ଯୋଗୁଁ ଗୋଟାଏ କୋଠାଘରର ଛାତ ସାମାନ୍ୟ ଭାଙ୍ଗିଯାଇଥିବା ବେଳେ ଦ୍ୱିତୀୟ ବିସ୍ଫୋରଣଟି ଖୋଲା ଜାଗାରେ ଘଟିଛି। ବିସ୍ଫୋରଣ କାରଣୁ କୌଣସି ଯନ୍ତ୍ରପାତି କିଂବା ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇନାହିଁ ବୋଲି ବାୟୁସେନା କହିଛି । ଘଟଣାର ତଦନ୍ତ ଚାଲିଛି ବୋଲି ସେମାନେ କହିଛନ୍ତି । ସୂଚନାଯୋଗ୍ୟ, ଜମ୍ମୁ ବିମାନ ବନ୍ଦର ରନ୍‌ୱେ ଏବଂ ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ୍ ଭାରତୀୟ ବାୟୁସେନା ନିୟନ୍ତ୍ରଣରେ ଥାଏ । ସେଠାରେ ଯାତ୍ରୀବାହୀ ବିମାନ ମଧ ଚଳାଚଳ କରେ ।କ୍ଷଣିକ ମଧରେ ନିରାପତ୍ତା ବଳ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରି ପକାଇଥିବା କଥା ସରକାରୀ ଅଧିକାରୀମାନେ କହିଛନ୍ତି ।

## ୪ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୭/୦୬ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୪ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକ ହେଲା କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ନୂଆପଡା। ଏହି ସମୟ ମଧ୍ୟରେ ୨୧ ଟି ଜିଲ୍ଲାରେ ବିଜୁଳି ଘଡିଘଡି ସହ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ , ଯାଜପୁର , କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ ଖୋର୍ଦ୍ଧା, ନୟାଗଡ , ଗଂଜାମ ଗଜପତି, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ , କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡା ଓ କଳାହାଣ୍ଡି ।

# ଶହେ ଟଙ୍କା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତିଙ୍କୁ ହତ୍ୟା



ଭିତରକୁ ପଶିଆସି ଡକ୍ଟର ଧ୍ରୁବରାଜ ନାଏକଙ୍କ ସ୍ତ୍ରୀ ଓ ଝିଅଙ୍କୁ ଶହେ ଟଙ୍କା

ଭୁବନେଶ୍ୱର,୨୭/୦୬(ନି.ପ୍ର): ୧୦୦ଟଙ୍କା ପାଇଁ ଜଣେ ଜଣଙ୍କ ଜୀବନ ନେଇଯାଇପାରେ ଏଭଳି ଚାଂଚଲ୍ୟକର ଖବର ଆସିଛି ଝାରସୁଗୁଡ଼ାରୁ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଧ୍ରୁବରାଜ ନାଏକଙ୍କୁ ହତ୍ୟା କରିଛି ଜଣେ ଦୁର୍ବୃତ । ମୃତକଙ୍କ ଭାଇଙ୍କ କହିବା ହେଲା ସାହିର ଜଣେ ବ୍ୟକ୍ତି ହଠାତ୍ ଘର ମାଗିଥିଲା । ସେମାନେ ପଇସା ନଥିବା କହିବା ସହ ଧ୍ରୁବରାଜ ଆସିଲେ ଦେବେ ବୋଲି କହିଥିଲେ । ଏହାକୁ ନେଇ ବଚସା ହେବା ପରେ ଉତେକ୍ତ ହୋଇପଡ଼ିଥିଲା ଦୁର୍ବୃତ । ସାଙ୍ଗରେ ଆଣିଥିବା ଟଙ୍ଗିଆରେ ପ୍ରଫେସର ଡକ୍ଟର ଧ୍ରୁବରାଜ ନାଏକଙ୍କୁ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଝାରସୁଗୁଡ଼ା ସମଲେଶ୍ୱରୀ ନର୍ସିଂ ହୋମ ନେଇଥିବା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ତେବେ ଆକ୍ରମଣ କରିଥିବା ଦୁର୍ବୃତଙ୍କ ସମ୍ପୂର୍ଣ୍ଣ ପରିଚୟ ଓ ଆକ୍ରମଣ ପଛର ପ୍ରକୃତ କାରଣ ଜଣାପଡ଼ିନାହିଁ । ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଲଇକେରା ପୋଲିସ ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି ।

# କରୋନା ମୁକାବିଲାରେ ଡା.ଗୁରୁପ୍ରସାଦ ମହାପାତ୍ରଙ୍କ କର୍ତ୍ତବ୍ୟକୁ ମନେପକାଇ ପ୍ରଧାନମନ୍ତ୍ରୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୨୭/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ନିଜର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଓଡ଼ିଶା ମାଟିର ଦକ୍ଷ ପ୍ରଶାସକ ସ୍ୱର୍ଗତ ଡା. ଗୁରୁପ୍ରସାଦ ମହାପାତ୍ରଙ୍କ କୋଭିଡ୍ ମୁକାବିଲାରେ ତାଙ୍କର କାମ ପ୍ରତି ଥିବା ନିଷ୍ଠା, କର୍ତବ୍ୟ ଓ ପ୍ରତିବଦ୍ଧତାର ସ୍ମୃତିଚାରଣ କରି ତାଙ୍କୁ ସଠିକ୍ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ବୋଲି ଟ୍ୱିଟ୍ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂଆଦିଲ୍ଲୀରେ ନିଜ ସହଯୋଗୀ ମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିବା ପରେ ଟ୍ୱିଟ୍ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀଜୀଙ୍କ ଦ୍ୱାରା ଓଡ଼ିଶାର ସୁପୁତ୍ର ଏବଂ ଭାରତ ସରକାରରେ ସଚିବ ରହିଥିବା ସ୍ୱର୍ଗତ ଡ଼ା. ଗୁରୁପ୍ରସାଦ ମହାପାତ୍ରଙ୍କ ଭଳି କର୍ମଯୋଗୀଙ୍କ କଥା ଉଲ୍ଲେଖ କରିବା ସମସ୍ତଙ୍କୁ ଗୌରବାନ୍ୱିତ କରିଛି। ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସମୟରେ ମଧ ନିଷ୍ଠାର ସହ ଦେଶବାସୀଙ୍କୁ ଅକ୍ସିଜେନ୍ ପହଁଚାଇବାରେ ତାଙ୍କର କାର୍ଯ୍ୟ ଅତୁଳନୀୟ। କରୋନା ବିରୋଧୀ ଦେଶର ▶▶ପୃଷ୍ଠା ୭

## ଖୁବଶୀଘ୍ର ୧୨-୧୮ ବର୍ଷର ପିଲାଙ୍କ ପାଇଁ ଟିକାକୁ ମିଳିପାରେ ମଞ୍ଜୁରୀ !

ଭୁବନେଶ୍ୱର,୨୭/୦୬ (ନି.ପ୍ର): କେନ୍ଦ୍ର ସରକାର ଭ୍ୟାକ୍ସିନ ନୀତିକୁ ନେଇ ସୁପ୍ରିମ କୋର୍ଟରେ ଏକ ରିପୋର୍ଟ ଦାଖଲ କରିଛନ୍ତି । ଏହି ରିପୋର୍ଟରେ କୁହାଯାଇଛି କି, ୧୨-୧୮ ବର୍ଷର ପିଲାମାନଙ୍କ ପାଇଁ ଜାଇଡସ୍ କାଡିଲାର କରୋନା ▶▶ପୃଷ୍ଠା ୭

## ଘୋଷଣା ହେଲା ବିଜୁ ମହିଳା ଜନତା ଦଳର ପଦାଧିକାରୀ

ଭୁବନେଶ୍ୱର,୨୭/୦୬(ନି.ପ୍ର): ବିଜେଡ଼ି ମହିଳା ଜନତା ଦଳର ପଦାଧିକାରୀ ଘୋଷଣା । ରାଜ୍ୟସ୍ତରୀୟ ପରାମର୍ଶଦାତା ଭାବେ ୫ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ରାଜଶ୍ରୀ ମଲ୍ଲିକ, ମଂଜୁଲତା ମଣ୍ଡଳ, ରୀତା ତରାଇଙ୍କୁ ଦାୟିତ୍ୱ ଦିଆଯାଇଛି । ଲତିକା ପ୍ରଧାନ ଓ ନନ୍ଦିନୀ ଦେବୀଙ୍କୁ ମଧ ମିଳିଛି ଦାୟିତ୍ୱ । କାର୍ଯ୍ୟକାରୀ ସଭାପତି ଭାବେ ୩ଜଣଙ୍କୁ ନିଯୁକ୍ତି ମିଳିଛି । ସୁଭୁସିନୀ ଜେନା, ସୁଲତା ଦେଓ ଓ ନିବେଦିତା ମହାନ୍ତି ଦିଆଯାଇଛି ଦାୟିତ୍ୱ । ସାଧାରଣ ସମ୍ପାଦିକା ଭାବେ କସ୍ତୁରୀ ମହାପାତ୍ରଙ୍କୁ ମିଳିଛି ଦାୟିତ୍ୱ । ୭ଜଣଙ୍କୁ ଜୋନ ସଭାପତି ଭାବେ ନିଯୁକ୍ତି ମିଳିଛି । ବରିଷ୍ଠ ଉପସଭାପତି ଭାବେ ୯ଜଣଙ୍କୁ ଦାୟିତ୍ୱ ଦିଆଯାଇଛି । ଉପସଭାପତି ଭାବେ ୨୭ଜଣଙ୍କୁ ମିଳିଛି ଦାୟିତ୍ୱ । ଜେନେରାଲ ସେକ୍ରେଟାରୀ ଭାବେ ୩୫ଜଣଙ୍କୁ ନିଯୁକ୍ତି । ସମ୍ପାଦିକା ଭାବେ ୩୬ଜଣଙ୍କୁ ଦିଆଯାଇଛି ନିଯୁକ୍ତି । ଯୁଗ୍ମ ସମ୍ପାଦିକା ଭାବେ ୨୮ଜଣଙ୍କୁ ନିଯୁକ୍ତି ଦିଆଯାଇଛି । କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ୬୯ଜଣଙ୍କୁ ନିଯୁକ୍ତି ଦିଆଯାଇଛି ।

# ଡେଲଟା ପ୍ଲସ ଭାଇରସ ଉପରେ ବିଶେଷଜ୍ଞ ପ୍ୟାନେଲର ମତ

## ଫୁସଫୁସ ପ୍ରତି ଡେଲଟା ପ୍ଲସ ଅଧିକ ହୋଇପାରେ ଆକର୍ଷିତ, ହେଲେ କରିନପାରେ କ୍ଷତି



ଭୁବନେଶ୍ୱର,୨୭/୦୬(ନି.ପ୍ର): ଦେଶର ୧୦ଟି ରାଜ୍ୟରେ ପ୍ରାୟ ୫୦ ମାମଲା ଆସିବା ପରେ ଡେଲଟା ପ୍ଲସ କରୋନା ଭୂତାଣୁ ନେଇ ଚିନ୍ତା ବଢ଼ିଯାଇଛି । କୋଭିଡ୍ ଓ୍ୱାର୍କିଂ ଗ୍ରୁପର ମୁଖ୍ୟ କହିଛନ୍ତି, ଫୁସଫୁସ ଟିସୁ ସହିତ ଏହି ଷ୍ଟ୍ରେନର ନିବିଡ଼ ସଂପର୍କ ରହିଛି । ନ୍ୟାସନାଲ ଟେକ୍ନିକାଲ ଆଡଭାଇଜରୀ ଗ୍ରୁପ ଅଫ୍ ଇମୁନାଇଜେସନ୍ ଅଧକ୍ଷ ଡକ୍ଟର ଏନ କେ ଆରୋରା କହିଛନ୍ତି, ଅନ୍ୟ ଷ୍ଟ୍ରେନ୍ ତୁଳନାରେ ଡେଲ୍ଟା ପ୍ଲସ୍, ଫୁସଫୁସରେ ମ୍ୟୁକୋଜାଲ୍ ଲାଇନ୍ ସହିତ ଅଧିକ ସଂପର୍କ ରହିଛି । କିନ୍ତୁ ଏହା ଅଧିକ କ୍ଷତି ଘଟାଇବାକୁ ସମର୍ଥ ଏ ନେଇ କିଛି ତଥ୍ୟ ମିଳିନାହିଁ । ଏପରିକି ଏହା ଅଧିକ ଗୁରୁତର ରୋଗ ସୃଷ୍ଟି କରିବ କିମ୍ୱା ଅଧିକ ସଂକ୍ରାମକ ହେବ ବୋଲି ମଧ କିଛି ପ୍ରମାଣ ମିଳିନାହିଁ । ଜୁନ ୧୧ ତାରିଖରେ ଡେଲଟା ପ୍ଲସ କରୋନା ଭୂତାଣୁ ଚିହ୍ନଟ ହେବା ପରେ ନିକଟରେ ଏହାକୁ ଭେରିଆଂଟ ଅଫ୍ କନସର୍ନ ଆଖ୍ୟା ଦେଇଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ । ଦେଶରେ ୫୦ ମାମଲା ଚିହ୍ନଟ ହେବା ସହ ସବୁଠୁ ଅଧିକ ମାମଲା ଆସିଛି ମହାରାଷ୍ଟ୍ରରୁ । ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୩୪୦୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୭/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୪୦୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୦୦୪୭୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୮୬୩୮୨୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୨୭୦୬ ରହିଛି। ଆଜି ଚିହ୍ନଟ ହୋଇଥିବା ୩୪୦୮ ଜଣଙ୍କ ମଧ୍ୟରୁ ୧୯୪୩ ଜଣ ସଂଗରୋଧରୁ ▶▶ପୃଷ୍ଠା ୭

## ଆଇଏଏସ ସ୍ତରରେ ବଡ ଧରଣର ଅଦଳବଦଳ

**ବଦଳିଲେ ମାଲକାନଗିରି ଜିଲ୍ଲାପାଳ ୟେଦୁଲ୍ଲା ବିଜୟ : ଟେଣ୍ଡର ଫିକ୍ସିଂକୁ ନେଇ ଆସିଥିଲେ ବିବାଦ ଘେରକୁ**

ଭୁବନେଶ୍ୱର,୨୭/୦୬(ନି.ପ୍ର): ଆଇଏଏସ ସ୍ତରରେ ବଡ ଧରଣର ଅଦଳବଦଳ । ବଦଳିଲେ ମାଲକାନଗିରି ଜିଲ୍ଲାପାଳ ୟେଦୁଲ୍ଲା ବିଜୟ । ବିଶାଳ ସିଂ ହେଲେ ମାଲକାନଗିରି ଜିଲ୍ଲାପାଳ । ଟେଣ୍ଡର ଫିକ୍ସିଂକୁ ନେଇ ବିବାଦ ଘେରକୁ ଆସିଥିଲେ ମାଲକାନଗିରି ଜିଲ୍ଲାପାଳ । ସେହିଭଳି ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ଡବ୍ଲୁଓଡିସିର ସିଇଓ ଭାବେ ମିଳିଲା ଦାୟିତ୍ୱ । ମୋନିଷା ବାନାର୍ଜୀଙ୍କୁ ବରଗଡ ଓ ଲିଙ୍ଗରାଜ ପଣ୍ଡାଙ୍କୁ ଗଜପତିର ଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ଆବୋଲି ସୁନୀଲ ନରବାଣେଙ୍କୁ ସୋନପୁର ଜିଲ୍ଲାପାଳ ଭାବେ ବଦଳି କରାଯାଇଥିବା ବେଳେ ସୋମେଶ କୁମାର ଉପାଧ୍ୟାୟଙ୍କୁ କଳହାଣ୍ଡିର ପିଡି ଡିଆରଡିଏ ଭାବେ ମିଳିଛି ଦାୟିତ୍ୱ । ସୁରେଶ କୁମାର ବଶିଷ୍ଠଙ୍କୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ଭାବେ ଦାୟିତ୍ୱ ମିଳିଥିବା ବେଳେ ୟେଦୁଲ୍ଲା ବିଜୟଙ୍କୁ ପଶୁସମ୍ପଦ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ଭୁପେନ୍ଦ୍ର ସିଂ ପୁନିଆଙ୍କୁ ଇପିକଲର ପରିଚାଳନା ନିର୍ଦ୍ଦେଶକ ଭାବେ ନୂଆ ଦାୟିତ୍ୱ ମିଳିଥିବା ବେଳେ ଅନୁପମ ଶାହାଙ୍କୁ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି । ସେହିଭଳି ଅନ୍ୱେଷା ରେଡ୍ଡୀଙ୍କୁ ମୟୂରଭଞ୍ଜର ପିଡି ଡିଆରଡିଏ ଭାବେ ଦାୟିତ୍ୱ ମିଳିଥିବା ବେଳେ ଅଗ୍ରୱାଲ ଅକ୍ଷୟ ସୁନୀଲଙ୍କୁ ନବରଙ୍ଗପୁରର ଉପ-ଜିଲ୍ଲାପାଳ ଭାବେ ଦାୟିତ୍ୱ ମିଳିଛି । ଦିବ୍ୟଜ୍ୟୋତି ପରିଡାଙ୍କୁ ଆରପିଏର ଅତିରିକ୍ତ ଦାୟିତ୍ୱ ମିଳିଛି ।

# ‘ମୋନା’ପକ୍ଷରୁ ଆନ୍ତର୍ଜାତିକ ନିଶା କାରବାର ଓ ଅପବ୍ୟବହାର ନିରୋଧ ଦିବସ

ବାଲେଶ୍ୱର,୨୭/୬ (ନି.ପ୍ର): ଆନ୍ତର୍ଜାତିକ ନିଶା କାରବାର ଓ ଅପବ୍ୟବହାର ନିରୋଧ ଦିବସ ଅବସରରେ ଶନିବାର ‘ମିଳିତ ନିଶା ନିବାରଣ ଅଭିଯାନ’ (ମୋନା) ଓ ବାଲେଶ୍ୱର ଓକିଲ ସଂଘ ପକ୍ଷରୁ ଫକୀର ଗୋଲେଇସ୍ଥିତ କଥା ସମ୍ରାଟ ଫକୀର ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ମୋନାର ସଭାପତି ଆଇନଜୀବୀ ପ୍ରଭାକର ସାହୁ ଓ ବାର ଆସୋସିଏସନର ସଭାପତି ମନୋଜ ନାୟକ ମିଳିତ ଭାବେ ପୁଷ୍ପମାଲ୍ୟ ଅର୍ପଣ ସହ ଆନ୍ତର୍ଜାତିକ ନିଶା କାରବାର ଓ ଅପବ୍ୟବହାର ନିରୋଧ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ । ‘ମୋନା’ର ସାଧାରଣ ସମ୍ପାଦିକା ମମତା ମହାପାତ୍ର ଏଥିରେ ଯୋଗଦେଇ ପ୍ରାୟ ଦେଢ଼ଶହ ବର୍ଷ ତଳେ ବାଲେଶ୍ୱର ମାଟିର ସନ୍ତାନ ତଥା ଓଡ଼ିଆ ଭାଷା ସାହିତ୍ୟର ସେନାପତି ବ୍ୟାସକବି ଫକୀରମୋହନ ନିଶା ନିବାରଣ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ‘ପେଟେଣ୍ଟମେଡ଼ିସିନ୍’ ଗଳ୍ପ ରଚନା କରି ନିଶାର ଭୟାବହତା ସଂପର୍କରେ ସମାଜକୁ ବାର୍ତ୍ତା ଦେଇଥିଲେ ବୋଲି କହିଥିଲେ । କୋଭିଡ୍ କଟକଣା ମଧ୍ୟରେ ସାଙ୍କେତିକ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ନିରଞ୍ଜନ ପରିଡ଼ା, କମଳାକାନ୍ତ ଦାଶ, ଗୀତାଞ୍ଜଳି ସିଂହ, ଯୋଗେଶଚନ୍ଦ୍ର ପ୍ରଧାନ, ବେଣୁଧର ସାହୁ, ନିରଞ୍ଜନ ରାଉତ, କଲ୍ୟାଣୀ ନନ୍ଦ, ଅକ୍ଷୟ ତ୍ରିପାଠୀ ଓ କୁମୁଦ ରଞ୍ଜନ ଗିରି ପ୍ରମୁଖ ଯୋଗ ଦେଇଥିଲେ । ଗତକାଲି ଅପରାହ୍ନରେ ‘ମୋନା’ର କମିଟିର ଭରଚୁଆଲ ମୋଡ଼ରେ ଆୟୋଜିତ ସ୍ୱତନ୍ତ୍ର ସଭାରେ ନିଶା କାରବାରର ପେଣ୍ଠସ୍ଥଳ ପାଲଟିଥିବା ବାଲେଶ୍ୱର ଜିଲ୍ଲାର ସଦର ବ୍ଲକର ପୁରୁଣା ବାଲେଶ୍ୱର ଭଳି ବସ୍ତା ଓ ଜଳେଶ୍ୱର



ବ୍ଲକରେ ଚାଲିଥିବା ନିଶା କାରବାର ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଇଥିବାରୁ ଜିଲା ପ୍ରଶାସନ ଓ ଅବକାରୀ ବିଭାଗ ସହିତ ପୋଲିସ ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଏଥିସହିତ ‘ମୋନା’ର ଆଜୀବନ ସଦସ୍ୟ ଆଇନଜୀବୀ ନିରଞ୍ଜନ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ଫୁଲବାଣୀରେ କୋଭିଡ ଯୋଦ୍ଧା, ସ୍ୱାସ୍ଥ୍ୟ କର୍ମୀ ସରୋଜ ଓଝାଙ୍କୁ ରାଷ୍ଟ୍ରୀୟ ସମ୍ମାନ

କନ୍ଧମାଳ,୨୭/୬ (ନି.ପ୍ର): କନ୍ଧମାଳ ଜିଲ୍ଲାର ବୁଡୁରୁକିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଜଣେ ବହୁମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀ ଭାବରେ କାର୍ଯ୍ୟ କରୁଥିବା ସରୋଜ ଓଝାଙ୍କର କୋଭିଡରେ ଆକ୍ରାନ୍ତ ହେବା ପରେ ଫୁଲବାଣୀ କିମସ୍ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଦେହାନ୍ତ ହୋଇଛି । କନ୍ଧମାଳ ଜିଲ୍ଲା ପ୍ରଶାସନ ତରଫରୁ କୋଭିଡ ଯୋଦ୍ଧା, ସ୍ୱର୍ଗତ ଓଝାଙ୍କୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯିବା ସହିତ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରର୍ଥନା କରାଯାଇଛି । ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡି ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହିତ ତାଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ । ଏହି ଅବସରରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରାଜଶ୍ରୀ ପଟ୍ଟନାୟକ, ଏବଂ ଜିଲ୍ଲାର ସମସ୍ତ ପଦସ୍ଥ ଅଧିକାରୀ,କନ୍ଧମାଳ ସ୍ୱାସ୍ଥ୍ୟକର୍ମୀ ସଂଘର ସମସ୍ତ କର୍ମଚାରୀ ମାନେ ଯୋଗ ଦେଇ ତାଙ୍କର ଆତ୍ମାର ସଦଗତି କମନା କରିବା ସହିତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ସ୍ୱର୍ଗତ ଓଝାଙ୍କ ପରିବାର ପକ୍ଷରୁ ତାଙ୍କ ଝିଅ ଶୁଭଶ୍ରୀ ଓଝା ଯୋଗ ଦେଇଥିଲେ । ଏହି ଅବସରରେ ଶୁଭଶ୍ରୀ ଓଝାଙ୍କୁ କନ୍ଧମାଳ ଜିଲ୍ଲାପାଳ ଏବଂ ମୁଖ ଚିକିତ୍ସା ଅଧିକାରୀ ତାଙ୍କ ପରିବାରକୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ ।

## ଟ୍ରେନ୍‌ରେ କଟି ମହିଳା ମୃତ

ଜଳେଶ୍ୱର ୨୬/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପରିଷଦ ଅଧିନ ହାଟପଦା ଗ୍ରାମର ଜନୈକ ମହିଳା ଟ୍ରେନ୍‌ରେ କଟି ମୃତ୍ୟୁବରଣ କରିଛି । ଘଟଣାରୁ ପ୍ରକାଶ ଗୋପ ଗାଁର ଚନ୍ଦ୍ରକାନ୍ତ ଦେହୁରୀଙ୍କ ପତ୍ନୀ କମଳା ଦେହୁରୀ ଦୁଇଦିନ ତଳେ ନିଜ ବାପଘର ହାଟପଦାକୁ ବୁଲି ଆସିଥିଲା । ମାତ୍ର ଆଜି ଦିବା ୧୦ ଘଟିକାରେ ଜଳେଶ୍ୱର ଷ୍ଟେସନ ଉତ୍ତର କେବିନ୍ ନିକଟରେ ଡାଉନ୍ ଲାଇନ୍‌ରେ ଆସୁଥିବା ଏକ ଦ୍ରୁତଗାମୀ ଟ୍ରେନ୍ ସମ୍ମୁଖରେ ଅସାବଧାନତା ଯୋଗୁଁ ପଡିଯାଇ ଦୁର୍ଘଟଣାରୁ ଶୀକାର ହୋଇଥିଲେ । ଫଳରେ ଟ୍ରେନ୍‌ଟି ତା ଉପରେ ଚଢିଯାଇଥିଲା । ତାର ସାମାନ୍ୟ ମସ୍ତିକ ବିକୃତିଥିବା ପରିବାର ସୂତ୍ରରୁ ଜଣାଯାଇଛି । ଜିଆର୍‌ପି ଶବ ଜବତ୍ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପରିବାର ପକ୍ଷରୁ ତାର ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଜିକେଭଟ୍ଟର ହସ୍‌ପିଟାଲକୁ ଅଣାଯାଇଥିଲେ ମଧ୍ୟ ସେଠାରେ ବ୍ୟବଚ୍ଛେଦ ହୋଇ ପାରିବନାହିଁ ବୋଲି ଦାୟିତ୍ୱରେ ଥିବା ଡାକ୍ତର ମନାକରିଥିଲେ । ସୂଚନାଯୋଗ୍ୟ ମୃତକ ପରିବାର ଗରିବ ଜନଜାତି ସମ୍ପ୍ରଦାୟର ହୋଇଥିବାରୁ ଅଧିକ ଖର୍ଚ୍ଚାନ୍ତ ହୋଇ ମୃତ ଶରୀରକୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଯିବାକୁ ନେଇ ବୁଦ୍ଧିଜିବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି ।

## ବିଜେପି ତରଫରୁ ଇ-ଚିନ୍ତନ ପ୍ରଶିକ୍ଷଣ ବର୍ଗ

କେନ୍ଦ୍ରାପଡା,୨୭/୬ (ନି.ପ୍ର): ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡା ଶାଖା ତରଫରୁ ଜିଲ୍ଲା ସ୍ତରୀୟ ଇ-ଚିନ୍ତନ ପ୍ରଶିକ୍ଷଣ ବର୍ଗ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପ୍ରଶିକ୍ଷଣ ବିଭାଗ ତରଫରୁ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ବୈଦନାଥ ଚାଟାର୍ଜୀଙ୍କ ସଂଯୋଜନାରେ ରାଜ୍ୟ ଉପ ସଭାନେତ୍ରୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଯୋଗଦେଇ ମୋଦୀଙ୍କ ନେତୃତ୍ୱାଧିନ କେନ୍ଦ୍ର ସରକାର ୭ ବର୍ଷର ମୌଳିକ ଓ ବୈଚାରିକ ଉପଲବ୍ଧି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଗତ ୭ ବର୍ଷରେ ସ୍ୱଚ୍ଛ ଭାରତ ଅଭିଯାନ, ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା, ଗରିବଙ୍କ ଖାଦ୍ୟ ଯୋଜନା, ଗରିବ କଲ୍ୟାଣ ଯୋଜନା, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସାମୟିକ, ମହିଳା ସଶକ୍ତିକରଣ ଆଦି କ୍ଷେତ୍ରରେ ଉଲେଖନୀୟ ଅବଦାନ ସଂପର୍କରେ ଅବଗତ କରାଇବା ସହ ସାମ୍ପ୍ରତିକ କରୋନା ମହାମାରୀ ସଂଗ୍ରାମକୁ ସଫଳ ମୁକାବିଲା କରିବା ସହ ଅମ୍ଳଯାନ, ଭେଣ୍ଟିଲେଟର, ଆଇସିୟୁ ବେଡ, କୋଭିଡ ହସପିଟାଲ ଆଦି ଯୋଗାଇ ସମଗ୍ର ଦେଶରେ କୀର୍ତିମାନ ସ୍ଥାପନ କରିଛନ୍ତି ।

# କମାଲପୁର ଓ ପଠାଣମହଲାକୁ ନେଇ ସ୍ୱତନ୍ତ୍ର ଗ୍ରାମପଞ୍ଚାୟତ ଗଠନ ଦାବି

ଭଦ୍ରକ,୨୭/୬ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ଗୁଜିଦରଡା ପଞ୍ଚାୟତ ଜିଲ୍ଲାର ସବୁଠାରୁ ବଡ଼ ପଞ୍ଚାୟତ ଭାବେ ପରିଗଣିତ । ଯାହାର ଲୋକସଂଖ୍ୟା ୧୬ ହଜାରରୁ ଉର୍ଦ୍ଧ୍ୱ । ୨୦୨୦ ମସିହା ଭୋଟର ତାଲିକାନୁଯାୟୀ ଏହାର ଭୋଟର ସଂଖ୍ୟା ୮୪୧୮, ଯାହା ବୃଦ୍ଧି ଘଟି ଏବେ ୯ ହଜାର ପାର ହୋଇ ସାରିଲାଣି । ତେବେ ଏହି ପଞ୍ଚାୟତର କମାଲପୁର ଓ ପଠାଣ ମହଲା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପ୍ରାୟ ୪ କିମି ଦୂର । ଫଳରେ ଏହି ଗ୍ରାମ ଦୁଇଟିର ୯ଟି ୱାର୍ଡର ବୃଦ୍ଧବୃଦ୍ଧା, ବିଧବା ମହିଳା, ଦିବ୍ୟାଙ୍ଗ ଏପରି ରାସନ କାର୍ଡଧାରୀମାନେ ସେମାନଙ୍କ ହକ୍ ପାଇବା ପାଇ ପୁରା ଦିନ କମି ହୋଇ ଦୂରରେ ଥିବା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଛନ୍ତି । ଏଥି ପାଇଁ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । କମାଲପୁର ଓ ପଠାଣମହଲାର ଜନସଂଖ୍ୟା ଓ ଦୂରତା ଦୃଷ୍ଟିରୁ ଏହି ଦୁଇଟି ଗ୍ରାମର ୯ଟି ୱାର୍ଡକୁ ନେଇ ଏକ ନୂତନ ପଞ୍ଚାୟତ ଗଠନ ପାଇଁ ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ, ଜିଲ୍ଲାପାଳ, ବିଧାୟକ, ସାଂସଦ ଆଦିଙ୍କ ପାଖରେ ବାରମ୍ବାର ଦାବି ହୋଇ ଆସୁଅଛି । ମାତ୍ର ଗ୍ରାମବାସୀଙ୍କ କଥାକୁ କେହି ଖାତର କରୁ ନାହାନ୍ତି । ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେବା ଦେବା ସହିତ ଆଜି ଗ୍ରାମବାସୀମାନେ ଏକଜୁଟ ହୋଇ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସେମାନଙ୍କ




ଅସନ୍ତୋଷକୁ ପ୍ରକାଶ କରିଛନ୍ତି । ସରକାର ଯଦି ସେମାନଙ୍କ ଦାବିକୁ କର୍ଣ୍ଣପାତ ନକରନ୍ତି ତେବେ ଆଗାମୀ ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତି ଭଙ୍ଗ ହେବା ସହିତ ସମୂହ ଭୋଟ ବର୍ଜନ କରିବେ । ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି ଅବଦୁଲ ହମିଦ୍ ଖାଁ, ଜମିରୁଦ୍ଦିନ ଖାଁ, ସେକ୍ ମହମ୍ମଦ ଫାରୁକ୍, ସେକ୍ ସଜିରୁଲ୍ ରହେମାନ୍, ସେକ୍ ସକିଲ ରହେମାନ, ଆଜାଫ୍ ଖାଁ, ସେବର ଅଲ୍ଲି ଖାଁ, ଅନୱର ଅଲି ଖାଁ, ନଜମା ବିବି, ମଲ୍ଲ ବିବି, ସଂଯିଦା ବିବି, ଏକାଦଶୀ ବେହେରା, ନିରଞ୍ଜନ ମୁଦୁଲି, ଖଗେଶ୍ୱର ମହାନ୍ତି, ରାଜେନ୍ଦ୍ର ବାରିକ, ଜଗନ୍ନାଥ ଯେନା, ରଞ୍ଜବ ବାରିକ, ଅଜଗର ଅଲି ଖାଁ, ଜଫରୁଦ୍ଦିନ ଇକ୍‌ବାଲ ପ୍ରମୁଖ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ଯୋଡାମ୍ବ ପଂଚାୟତକୁ ବ୍ଲକ ଓ ତହସିଲ ପାଇଁ ଦାବି

ମାଲକାନଗିରି,୨୭/୬ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ ଗୁରୁପ୍ରିୟା ସେତୁ ନିର୍ମାଣ ହେବା ପରେ ବିଛି ନାଂଚଳ କୁ ସ୍ୱାଭିମାନ ଅଂଚଳ ଭାବେ ଘୋଷଣା କରାଯାଇଥିଲା । ଗୁରିପ୍ରିୟା ସେତୁ ହେବା ଯୋଗୁଁ ସେତୁର ଆରପଟେ ଥିବା ଯୋଡମ୍ବ, ପଣସପୁଟ, ଯନ୍ତ୍ରି, ପଂଚାୟତ ବାସୀ ନିଜକୁ ସ୍ୱାଭିମାନୀ ବୋଲି ଭାବିଥିଲେ । ତେବେ ବ୍ଲକ ଓ ତହସିଲ କୁ ଆସିବାକୁ ହେଲେ ଯନ୍ତ୍ରୀ ପଂଚାୟତ ବାସୀ ୮ ୦କିଲୋମିଟର, ପଣସପୁଟ ପଂଚାୟତବାସୀ ୬ ୦କିଲୋମିଟର, ଗଜାଲମାମୁଡି ପଂଚାୟତବାସୀ ୬ ୫ କିଲୋମିଟର, ଅଣ୍ଡରାପାଲି ପଂଚାୟତବାସୀ ୬ ୦କିଲୋମିଟର ରାସ୍ତା ଅତିକ୍ରମ କରିବା ସହ ହନ୍ତାଳଗୁଡା, ଧୂଳିପୁଟ ଘାଟି ଓ ଯନ୍ତ୍ରୀ ପଂଚାୟତବାସୀ ଆନ୍ଧ୍ର ସୀମାଦେଇ ଆସିବାକୁ ପଡିଥାଏ । ଯଦି ବ୍ଲକ କିମ୍ବା ତହସିଲ ରେ କୌଣସି କାମ ପଡେ ତେବେ ଗୋଟିଏ ଦିନରେ ଯାଇ ଫେରିବା ସମ୍ଭବ ନୁହେଁ । ତେଣୁ ଯୋଡମ୍ବ ରେ ଏକ ବ୍ଲକ ଓ ତହସିଲ କରିବା ପାଇଁ ସ୍ୱାଭିମାନ ଅଂଚଳର ୫ ଟି ଗାଁ ର ଗ୍ରାମବାସୀ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲପାଳ ବୀରସେନ ପ୍ରଧାନଙ୍କୁ ଭେଟି ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି ।

# ଗୁନଗୁନିଆରେ ଚାଷୀଙ୍କ ରାସ୍ତା ଅବରୋଧ

ମୁଖୀଗୁଡା,୨୭/୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମୋଟେର-ଜୟପାଟଣା ରାସ୍ତାକୁ ଗୁନଗୁନିଆ ଠାରେ ଜୟପାଟଣା ଏବଂ କଲମପୁର ବ୍ଲକ ର ଚାଷୀ ଲେପ୍ସ ହୋଇଥିବା ଟୋକନ ପୁନଃ କାର୍ଯ୍ୟକ୍ଷମ କରିବା,ମଣ୍ଡିରେ ପଡି ରହିଥିବା। ଚାଷୀଙ୍କ ଧାନ ଉଠାଣ କରିବା ଦାବିରେ ୭ଘଂଟା ରାସ୍ତା ଅବରୋଧ କରିଥିଲେ । ଜୟପାଟଣା ବ୍ଲକର ବିମଳା, ବାନେର, ରଣମାଲ, ଭେଜିଗୁଡା, ବାଣ୍ଡିଗାଁ, ବଡଟେମେରି କଲମପୁର ବ୍ଲକର ବିଜମରା, ଦୁଲକୀବନ୍ଧ ମଣ୍ଡିରେ ବହୁ ଚାଷୀଙ୍କ ଧାନ ଟୋକନ ଅବଧି ଶେଷ ହେବା ଯୋଗୁଁ ସେମାନଙ୍କ ଧାନ ବିକ୍ରି ନହୋଇ ପଡି ରହିଥିବା ବେଳେ ଅନେକ ଚାଷୀଙ୍କ ଟୋକନ ସେମାନେ ପେକ୍ସରେ କାଗଜ ପତ୍ର ଦାଖଲ କରିଥିଲେ ହେଁ ଆସି ନାହିଁ । ମଣ୍ଡିରେ ଆଗମନ ରେଜିଷ୍ଟ୍ରେସନ କରିଥିଲେ ହେଁ ତାହା ଅନଲାଇନ କରା ନଯିବା ଯୋଗୁଁ ଅନେକ ଚାଷୀ ଙ୍କ ଟୋକନ ଅବଧି ଶେଷ ହୋଇଥିଲା । ଫଳରେ ଚାଷୀଙ୍କ ଧାନ ବିକ୍ରି ନ ହୋଇ ରହିଯାଇଛି । କେତେକ ଚାଷୀଙ୍କ ଧାନ ଗଜା ହେଲାଣି ହେଲେ ଚାଷୀଙ୍କ ଅଭିଯୋଗ କେହି ଶୁଣୁ ନାହାଁନ୍ତି । ଶେଷରେ ବାଧ୍ୟ ହୋଇ ଶତାଧିକ ଚାଷୀ ଧାନବସ୍ତା ରଖି ଆଜି ସକାଳ ୮ଟାରୁ ରାସ୍ତା ଅବରୋଧ କରିଥିଲେ । ଜୟପାଟଣା ତହସିଲଦାର ସୁଭଦ୍ରା ମୁଣ୍ଡିକା ଏବଂ ଥାନା ଅଧିକାରୀ ରଶ୍ମିତା ପ୍ରଧାନ ଚାଷୀଙ୍କସହ ଆଲୋଚନା କରିଥିଲେ କିନ୍ତୁ କୌଣସି ସମାଧାନ ବାହାରି ନ ଥିଲା । ଚାଷୀମାନେ ଜିଲ୍ଲାପାଳଙ୍କଠାରୁ ପ୍ରତିଶୃତି ଶୁଣିବାକୁ ଅଡ଼ି ବସିଥିଲେ ପରେ ଘଟଣା ସ୍ଥଳରେ ଜିଲ୍ଲା ଯୋଗାଣ ଅଧିକାରୀ ପହଂଚି ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ତାଙ୍କ ସମସ୍ୟା ସମାଧାନ ନହେଲେ ପୁଣି ଆନ୍ଦୋଳନ କରିବେ ବୋଲି ଚାଷୀ ମାନେ ପ୍ରକାଶ କରିଛନ୍ତି । ଏହି ଚାଷୀ ଆନ୍ଦୋଳନକୁ କଂଗ୍ରେସ ସମର୍ଥନ କରିଥିଲା । କଂଗ୍ରେସର ଦିଗାମ୍ବର ଦୁରିଆ, ବେଣୁପାଣିର୍ପାଣି ଦୁର୍ଗା, ବାକେଶ୍ୱର ଲହଜଲ, ଲିଙ୍ଗରାଜ ବେହେରା ଗଙ୍ଗାଧର ପାତ୍ର, ଅରକ୍ଷିତ କଂଟା, ବୁଲୁ ନାୟକ, ବିଘ୍ନରାଜ ପଣ୍ଡା, ମାଧବ ସୁନାନୀ, ଆକାଶ ସୁନାନୀ, ସନ୍ତୋଷ ପାଢ଼ି, କୁଞ୍ଜବନ ରାଉତ, ନରେନ୍ଦ୍ର ନାଏକ, କମଳ ଲୋଚନ କୁମାର, ରତନ ନାଏକ, ସୁଜିତ ସରାବ,ପପୁ ବେମାଲ ପ୍ରମୁଖ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ ।

## ଦି ଡ୍ରିମାର୍ସ କ୍ଲବ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ



ଜଳେଶ୍ୱର ,୨୭/୬ (ନି.ପ୍ର): କରୋନା କଟକଣା ସମୟରେ କାମଧନ୍ଦା ନ କରିପାରି ଭୋକିଲାରେ ରହୁଥିବା ଗରିବ ପରିବାର ମୁଠାଏ ଖାଦ୍ୟ ଯୋଗାଇବାକୁ ଜଳେଶ୍ୱରର ଅଗ୍ରଣୀ ଦି ଡ୍ରିମର୍ସ କ୍ଲବ ଅଣ୍ଟା ଭିଡିଛି । ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲଟିର ପଦାସାହିଠାରେ ଥିବା ଗରିବ ଲୋକମାନଙ୍କ ଦି ଡ୍ରିମର୍ସ କ୍ଲବ ପକ୍ଷରୁ ଜଳଖିଆ ଓ ଖିଚୋଡି ବଣ୍ଟନ କରାଯାଇଛି । କ୍ଲବର ସଭାପତି ଆନନ୍ଦ କରଙ୍କ ନେତୃତ୍ୱରେ ପ୍ରତ୍ୟେହ ଏପରି ଖାଦ୍ୟ ବଣ୍ଟନ କରାଯାଉଥିବାରୁ ଜନସାଧାରଣଙ୍କ ପ୍ରଶଂସାରପାତ୍ର ହୋଇଛନ୍ତି । ଏଥିରେ କ୍ଲବର ବହୁ ସଦସ୍ୟ ସହାୟତା କରିଥିଲେ ।

# କଂଗ୍ରେସ ପକ୍ଷରୁ ମିଶ୍ରଣ ପର୍ବ



ଜଳେଶ୍ୱର ୨୬/୬ (ନି.ପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ନଛିମପୁର ପଂଚାୟତର ଆମ୍ବଳିଅଠା ଗ୍ରାମରେ କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଶୁକ୍ରବାର ସଂଧ୍ୟାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ, କିଷାନ କଂଗ୍ରେସ ନେତା ସୁଦାମ ଚରଣ ପାତ୍ର, ସଭାପତି ଚିତ୍ତରଂଜନ ପରିଡା, କଂଗ୍ରେସ ପଂଚାୟତ ସଂପାଦକ ଲକ୍ଷ୍ମୀଧର ଗିରି, ସରପଂଚ ପ୍ରତିନିଧି ସପନ ଜେନା , ସୁବିର ଜେନା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଦିନରେ କଂଗ୍ରେସ ମଜବୁତ୍ ହେବା ସହିତ ଯୁବକ ମାନଙ୍କୁ ଦଳରେ ଅଧିକ ସାମିଲ କରାଯିବ ବୋଲି କହିଥିଲେ । ଏହି ମିଶ୍ରଣ ପର୍ବରେ ସବ୍ୟସାଚୀ ଜେନା, ପାର୍ଥସାରଥି ଜେନା, ଅକ୍ଷୟ କୁମାର କର, ନାରାୟଣ କର, ଗୋପାଳ ଚନ୍ଦ୍ର କର, ଜ୍ୟୋତିପ୍ରକାଶ ଜେନା, ସନ୍ଦିପ କର, ଅମିତ କର, ସ୍ୱରୂପାନନ୍ଦ ଜେନା, ରାଜେଶ ଜେନା, ଜଗନ୍ନାଥ କର, ନନ୍ଦନ କର, ଦୀନବଂଧୁ ପାତ୍ର, ଅନୀଲ କର, ଦେବାଶିଷ କର, ଫୁଟୁ ସେନାପତି, ବିବେକ କର, ଚନ୍ଦନ କର(ଖ) ପ୍ରମୁଖ ଅନ୍ୟଦଳ ଛାଡି କଂଗ୍ରେସ ଦଳରେ ମିଶି ଦଳକୁ ଆସନ୍ତା ନିର୍ବାଚନରେ ସୁଦୃଢ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏହି ପରିପ୍ରେକ୍ଷୀରେ ନଛିମପୁର ପଂଚାୟତର ଯୁବକଂଗେସ ସଭାପତିଭାବେ ଚନ୍ଦନ କୁମାର କର(କ) ଓ ଉପସଭାପତିଭାବେ ଗୋଲକ ବିହାରୀ ସେନାପତି ଚୟନ କରାଯାଇ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## କେନ୍ଦ୍ରାପଡାରେ ମେଡିକାଲ କଲେଜ ଓ ଖାଲି ପଡିଥିବା ସ୍ଥାନରେ ଡାକ୍ତର ନିଯୁକ୍ତି ଦାବି

କେନ୍ଦ୍ରାପଡା,୨୭/୬(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କେନ୍ଦ୍ରାପଡା ରେ ମେଡିକାଲ କଲେଜ ସ୍ଥାପନ କରିବା ଓ ଜିଲ୍ଲାର ଚିକିତ୍ସାଳୟ ମାନଙ୍କରେ ଖାଲି ପଡିଥିବା ଡାକ୍ତର ପଦ୍ଧତି ପୁରଣ କରିବା ପାଇଁ ଦାବି କରାଯାଇଛି । ଏହା ସହ ଶ୍ୟାମ ଗୁଡିଆ ଠାରେ ନିର୍ମାଣଧିନ ମାତୃ ଶିଶୁ ମେଡିକାଲ କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ମଧଯୟ ଦାବି ଉପସ୍ଥାପନ କରାଯାଇଛି । କମିଟିର ଆବାହକ ଆଇନଜୀବି ରମଣୀ ରଞ୍ଜନ ରାଉତରାୟଙ୍କ ସମେତ ପ୍ରଫୁଲ୍ଲ ଦାସ, ଫକିର ଖଟୁଆ, ଅଧ୍ୟାପକ ଅଜୟ ସାମଲ, ଗୟାଧର ଧଳ, ଆଦିକନ୍ଦ ରାଉଳ, ବାବାଜୀ ଧଳ ପ୍ରମୁଖ ଦାବି କରିଛନ୍ତି ।

# ଭଦ୍ରକରେ କୃଷି ବଂଚାଅ, ଗଣତନ୍ତ୍ର ବଂଚାଅ ଦିବସରେ ବିକ୍ଷୋଭ ଓ ପ୍ରତିବାଦ

ଭଦ୍ରକ,୨୭/୬ (ନି.ପ୍ର): ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନ କ୍ରମେ ସମଗ୍ର ଦେଶରେ ଆଜିର ଦିନକୁ କୃଷି ବଂଚାଅ ଓ ଗଣତନ୍ତ୍ର ବଂଚାଅ ଦିବସ ରୂପେ ପାଳନ କରାଯାଉଥିବାବେଳେ ଭଦ୍ରକ ସହରରେ କଳା କୃଷି ଆଇନ୍ ଗୁଡିକୁ ବାତିଲ ଦାବି ଓ ଗଣତନ୍ତ୍ର ହତ୍ୟାର ପ୍ରତିବାଦ କରି ଶ୍ରମିକ ଓ କୃଷକମାନଙ୍କ ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ଶ୍ରମିକ ନେତା ଦିବ୍ୟସିଂହ ନାୟକ, ଚନ୍ଦ୍ରଶେଖର ନାୟକ, ପ୍ରଭାସ ମହାପାତ୍ର, ରାଧାନାଥ ଦାସ, ନିରଂଜନ ପାଣି, କାଳନ୍ଦୀ ପାତ୍ର, ପ୍ରଫୁଲ୍ଲ ପାଢୀ, ବିକାଶ ନାଥ ପ୍ରମୁଖ ବହୁ ସମର୍ଥକମାନେ କଚେରୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରି କୃଷି ବଂଚାଅ ତଥା ଗଣତନ୍ତ୍ରକୁ ବଂଚାଇବାକୁ ଆହ୍ୱାନ ଦେଇଥିଲେ । ଏଥି ଉପଲକ୍ଷେ ଏକ ପ୍ରତିବାଦ ସଭାରେ ଶ୍ରୀ ନାୟକ ନିଜ ବକ୍ତବ୍ୟରେ ୧୯୭୫ ଏହି ଜୁନ୍




ମାସ ୨୬ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଇନ୍ଦିରାଗାନ୍ଧୀ ଜରୁରୀ କାଳୀନ ପରିସ୍ଥିତି ଜାରି କରିଥିଲେ । ଫଳରେ ଜୟ ପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ତାହାର ଜୋରଦାର ପ୍ରତିବାଦ ହୋଇଥିଲା । ଏବଂ ଏହିଦିନ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଡ. ହରେକୃଷ୍ଣ ମହତାବଙ୍କ ସମେତ ଜନାର୍ଦ୍ଦନ ପତି, ବିଷ୍ଣୁ ମହାନ୍ତି, ଭଦ୍ରକରୁ ନିରାକାର ଜେନା, ଲକ୍ଷ୍ମୀ ମହାପାତ୍ର, ବୈରାଗୀ ଜେନାଙ୍କ ଭଳି ଓଡ଼ିଶାର ବହୁ ନେତା, ରାଜନେତା ଓ ସ୍ତମ୍ଭକାରଙ୍କୁ ମିଶା/ଡିଆଇଆର ବଳରେ ଗିରଫ କରାଯାଇ ୧୯ ମାସ କାରବରଣ ଭୋଗିବାକୁ ପଡିଥିଲା । ଆଜି ମୋଦି ସରକାର ବିକାଶ ନାମରେ ବିନାଶ କରିବାକୁ ଯାଇ ଦେଶରେ ସରକାରୀ କଳ କାରଖାନା ଓ ଅଫିସ୍ତ ଦପ୍ତରକୁ ବିଦେଶୀ କଂପାନୀକୁ ବିକ୍ରି କରି ଦରଦାମ ବୃଦ୍ଧି କରି କୃଷକର ଜମିକୁ ଆଦାନୀ ଅମ୍ବାନୀକୁ ନେଇ ଚାଷୀଙ୍କୁ ଏମ୍‌ଏସ୍‌ପି ନଦେବାରୁ ସେମାନେ ୭ ମାସ ହେବ ଆନ୍ଦୋଳନରେ ଥିବାବେଳେ କେନ୍ଦ୍ର ସରକାର କଳାଧନ ଆଣି ଜିରୋ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଦେବା ପ୍ରତାରଣାରେ ପରିଣତ ହୋଇଛି ବୋଲି କହିଥିଲେ । ଏବଂ କରୋନା ସମୟରେ ଲୋକେ କାମ ହରାଇ ବେକାର ହୋଇଥିବାବେଳେ ବର୍ଷକୁ ୨ କୋଟି ଯୁବକ/ଯୁବତୀଙ୍କୁ କାମଦେବା ପାଣିର ଗାର ହୋଇଛି । ତେଣୁ କୃଷି ବିରୋଧୀ କଳା ଆଇନ୍ ବାତିଲ କରି ଗଣତନ୍ତ୍ରର ସୁରକ୍ଷା ପାଇଁ ଆଜି ଦେଶବାସୀ ଏକ ହେବାକୁ ସେ ଆହ୍ୱାନ ଦେଇଥିଲେ ।

## ଦେଢ କୋଟି ଟଙ୍କାରେ ନିର୍ମିତ ପାର୍କ ଓ ଶ୍ମଶାନ କ୍ଷେତ୍ର ପରିଦର୍ଶନ କଲେ ବିଧାୟକ

ନୂଆପଡା,୨୭/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନିର୍ମାଣ ହେବାକୁ ଥିବା ପାର୍କ ଓ ଶ୍ମଶାନ କାର୍ଯ୍ୟକ୍ଷେତ୍ରକୁ ପରିଦର୍ଶନ କରିଛନ୍ତି । ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ପାର୍କ ସହ ୭୫ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ଶ୍ମଶାନ କାର୍ଯକ୍ଷେତ୍ର ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ । ଏହି ସମୟରେ ଖଡିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ରଥ ନିର୍ମାଣ




ଦିଲ୍ଲୀପ କୁମାର ସାହୁ




ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲିଳାର ଅପୂର୍ବ ନିଦର୍ଶନ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ସ୍ୱବିଗ୍ରହରେ ଚତୁର୍ଦ୍ଧାମୂର୍ତ୍ତି ଦିବ୍ୟ ରଥରେ ବିଜେକରି , ଯାଆନ୍ତି ଜନ୍ମବେଦୀ ଗୁଣ୍ଡିଚାଘରକୁ । ପ୍ରତିବର୍ଷ ସେଥିପାଇଁ ତିନିଗୋଟି ନୂଆ ରଥ ନିର୍ମାଣ କରାଯାଏ ।

ବଡଭାଇ ବଳଭଦ୍ରଙ୍କ ରଥ ତାଳଧ୍ୱଜ, ଭଉଣୀ ସୁଭଦ୍ରାଙ୍କ ରଥ ଦେବଦଳନ ଓ ବଡଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନନ୍ଦିଘୋଷ ।

ରଥ ନିର୍ମାଣ ପାଇଁ ସରସ୍ୱତୀ ପୂଜାଠାରୁ କାଠ କଟା ଆରମ୍ଭ ହୁଏ ଓ ପର୍ଯ୍ୟାୟ କ୍ରମେ ଶ୍ରୀକ୍ଷେତ୍ରକୁ ଆସିଥାଏ । ଚନ୍ଦନ ଯାତ୍ରାର ଆରମ୍ଭ ଦିନ ଅର୍ଥାତ ଅକ୍ଷୟ ତୃତୀୟାଦିନ ରଥ ଅନୁକୂଳ ବା ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ ।



ରଥ ନିର୍ମାଣ ନିମନ୍ତେ ବଡଦାଣ୍ଡରେ ଥିବା ମାଆ ଚର୍ଚ୍ଚିକାଙ୍କ ମନ୍ଦିର ସମ୍ମୁଖରେ ରଥ ଅନୁକୂଳ କାର୍ଯ୍ୟ ପାରମ୍ପରିକ ରିତିରେ କରାଯାଇଥାଏ। ତିନିଗୋଟି ଧଉରା କାଠକୁ ପରିଷ୍କାର କରି ରଖାଯାଏ। ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ପଟୁଆର ସହ ଆସେ ତିନିଗୋଟି ଆଜ୍ଞାମାଳ। ପ୍ରଥମେ ଆଜ୍ଞାମାଳ ଗୁଡିକୁ କାଠ ଉପରେ ରଖାଯାଏ ଓ ତାପରେ ତିନିଜଣ ବିଶ୍ୱକର୍ମା ବା ଶିଳ୍ପୀଙ୍କ ମଥାରେ ଶାଢୀ ବନ୍ଧାଯାଏ । ପୁରୋହିତ ମନ୍ତ୍ର ପାଠ କରନ୍ତି , ବିଶ୍ୱକର୍ମା କୁରାଢି ଛୁଆଁଇ ଆରମ୍ଭ କରନ୍ତି ରଥ କାମ ।

ଶାସ୍ତ୍ର ଅନୁଯାୟୀ ପ୍ରତି ରଥର ରହିଛି ୩୪ଟି ବିଭାଗ । ଚକ, ଦଣ୍ଡିଆ, ଅର, ବାଙ୍କି, ହଂସପଟା, କର୍ଣ୍ଣ, ଶଙ୍ଖଦ୍ୱାର, ଜାଲି, ଗାଙ୍ଗପଟା, ସିଂହାସନ, କନକ ମୁଣ୍ଡାଇ, ଭୂମି, ଷୋଳନାହାକା, ମକରଦଣ୍ଡା, ବସନ୍ତ, ଦୁଆର ଘୋଡ଼ା, ସାରଥୀ ପୀଢ଼, କୁମ୍ଭପଟି, ଆଠ ନାହାକା, ବାଙ୍କି, ପୀଢ଼, ଚାଷୀପଟା, ଦଣ୍ଡା, ପାରାଭାଡ଼ି, ଖପୁରୀ, ପାଦ, ଓଲଟଶୁଆ, ଦଧିନଉତି, କଳସ, କଣ୍ଠି, ଦଣ୍ଡ, ଚକ୍ର ଓ ନ୍ୱଜ ବା ପତାକା ।

ବଳଭଦ୍ରଙ୍କ ତାଳଧ୍ୱଜ ରଥର ଉଚ୍ଚତା ବତିଶି ହାତ ଦଶ ଆଙ୍ଗୁଳି। ସାତଶହ ତେଷଠି ଖଣ୍ଡ କାଠରେ ଏହି ରଥ ନିର୍ମିତ ହୋଇଥାଏ । ଏହି ରଥର ଚକ ସଂଖ୍ୟା ଚଉଦ। ଦେବୀ ସୁଭଦ୍ରାଙ୍କ ରଥ ଦେବ ଦଳନର ଉଚ୍ଚତା ତିରିଶ ହାତ ଓ ସାତଶହ ଏଗାର ଖଣ୍ଡ କାଠରେ ଏହାକୁ ତିଆରି କରାଯାଏ। ଏହି ଶରଥର ଚକ ସଂଖ୍ୟା ବାର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଉଚ୍ଚତା ତେତିଶହାତ ପାଞ୍ଚ ଆଙ୍ଗୁଳି। ଏହି ରଥ ନିର୍ମାଣ ନିମିତ୍ତ ଆଠଶହ ବତିଶ ଖଣ୍ଡ କାଷ୍ଠ ଆବଶ୍ୟକ ହୋଇଥାଏ। ରଥର ଚକ ସଂଖ୍ୟା ଷୋହଳ ଏବଂ ପ୍ରତି ଚକର ବ୍ୟାସ ସାତଫୁଟ ।

ମହାରଣା ସେବକ ମାନେ ରଥ ନିର୍ମାଣରେ ମୁଖ୍ୟ ଭୂମିକା ନିଭାଇଥାନ୍ତି । କାଠ ବୁହାବୋହି କାର୍ଯ୍ୟ କରିଥାନ୍ତି ଭୋଇ ସେବକ ମାନେ । କରତି ସେବକ ମାନେ କାଠ ଚିରିବା କାର୍ଯ୍ୟ ତୁଲାଇ ଥିବାବେଳେ ଲୌହକାର ସେବକ ରଥରେ ବ୍ୟବହୃତ ଲୁହା କଣ୍ଟା ଓ ଅନ୍ୟାନ୍ୟ ଲୌହ ଉପକରଣ ଗଢିଥାନ୍ତି। ରୂପକାର ସେବକମାନେ ରଥରେ ଖଞ୍ଜା ଯାଉଥିବା ମୂର୍ତ୍ତି ଗୁଡିକୁ ଗଢିଥାନ୍ତି । ଆଉ ସେହି ମୂର୍ତ୍ତି ଓ ରଥର ଅନ୍ୟାନ୍ୟ ଅଂଶକୁ ଆକର୍ଷଣୀୟ ରଙ୍ଗରେ ରଙ୍ଗେଇଥାନ୍ତି ଚିତ୍ରକର ସେବକ । ସହିଭଳି ରଥ ମଣ୍ଡଣି ପାଇଁ ବ୍ୟବହୃତ ବସ୍ତ୍ର ଗୁଡିକୁ ଦରଜୀ ସେବକମାନେ ସିଲେଇ କରିଥାନ୍ତି। ପାଖାପାଖି ଦୁଇଶହରୁ ଅଧିକ ସେବକଙ୍କ ଅକ୍ଳାନ୍ତ ପରିଶ୍ରମରେ ଗଢାଯାଇଥାଏ ଚତୁର୍ଦ୍ଧା ମୂର୍ତ୍ତି ଙ୍କ ତିନିରଥ ।

ରଥ ତିନୋଟିଙ୍କୁ ଚିହ୍ନିବାର ସହଜ ଉପାୟ ହେଲା ସେମାନଙ୍କର ରଙ୍ଗ। ରଙ୍ଗକୁ ଦେଖି ବହୁ ଦୂରରୁ ଜାଣିହୁଏ ରଥର ନାମ ।

ବଡଭାଇ ବଳଦେବଙ୍କ ତାଳଧ୍ୱଜ ରଥର ରଙ୍ଗ ଲାଲ୍ ଓ ସବୁଜ। ରଥଟି ଏହି ରଙ୍ଗର ବସ୍ତ୍ର ଦ୍ୱାରା ଆଚ୍ଛାଦିତ ହୋଇଥିବା ବେଳେ ରଥର ଅଖ ଚକ ଓ ଅନ୍ୟାନ୍ୟ ଅଂଶକୁ ମଧ ଲାଲ୍ ଓ ସବୁଜ ରଙ୍ଗରେ ରଙ୍ଗାଯାଇଥାଏ । ଲାଲ୍ ସହିତ ସବୁଜ ରଙ୍ଗ ଦେଖିଲେ ତାହା ତାଳଧ୍ୱଜ ରଥ ବୋଲି ସ୍ପଷ୍ଟ ହୋଇଥାଏ ।

ମାଆ ଶୁଭଦ୍ରାଙ୍କ ଦେବଦଳନ ରଥଟି ଲାଲ୍ ଓ କଳା ରଙ୍ଗର ବସ୍ତ୍ର ଦ୍ୱାରା ଆଚ୍ଛାଦିତ ହୋଇଥାଏ । ରଥର ଅଖ ଚକ ଓ ଅନ୍ୟାନ୍ୟ ଅଂଶର ରଙ୍ଗ ମଧ ସେହି ଲାଲ୍ ଓ କଳା।

ତେଣୁ ଲାଲ୍ ସହିତ କଳା ରଙ୍ଗ ଦେଖିଲେ ଜଣା ପଡିଥାଏ ଯେ ତହା ମାଆଙ୍କ ରଥ ଦେବଦଳନ।

ବଡ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଙ୍କ ନନ୍ଦିଘୋଷରଥର ରଙ୍ଗ ଲାଲ୍ ଓ ହଳଦିଆ । ପ୍ରଭୁଙ୍କର ଅନ୍ୟ ନାମ ପୀତାମ୍ବର। ତେଣୁ ତାଙ୍କ ରଥଟି ହଳଦିଆ ଓ ଲାଲ୍ ରଙ୍ଗର ବସ୍ତ୍ର ମଣ୍ଡିତ । ରଥର ଅନ୍ୟାନ୍ୟ ଅଂଶକୁ ମଧ ସେହି ଲାଲ୍ ଓ ହଳଦିଆ ରଙ୍ଗରେ ରଙ୍ଗାଇ ଦିଆ ଯାଇଥାଏ । ଭକ୍ତଟିଏ ବହୁ ଦୂରରୁ ଲାଲ୍ ରଙ୍ଗ ସହ ହଳଦିଆ ରଙ୍ଗକୁ ଦେଖି ନିଶ୍ଚିତ ହୋଇଥାଏ ଯେ ତାହା କୋଟି ପ୍ରାଣର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରିୟ ନନ୍ଦିଘୋଷ ରଥ ।

ସବୁ ବର୍ଷପରି ଶ୍ରୀଗୁଣ୍ଡିଚା ଦିନ ମହାପ୍ରଭୁ ଯିବେ ଆଡପ ମଣ୍ଡପକୁ । କରୋନା ଭୟରେ ଗତବର୍ଷ ଯେପରି ଭକ୍ତ ଶୂନ୍ୟ ଥିଲା ବଡଦାଣ୍ଡ, ଚଳିତବର୍ଷ ମଧ ସେହିଭଳି ବିନା ଭକ୍ତରେ ହେବ ରଥଯାତ୍ରା। ଧନ୍ୟ ମହାପ୍ରଭୁ ଧନ୍ୟ ତୁମ ଲିଳା । ଜୟ ଜଗନ୍ନାଥ ।


+ମୋ:୯୮୬୧୧୨୬୧୯୭




# ଆମେରିକାର ବିମାନ ଶ୍ମଶାନ



ଆମେରିକାରେ ରହିଛି ବିଶ୍ୱର ସବୁଠାରୁ ବଡ଼ ବିମାନ ଶ୍ମଶାନ। ଆମେରିକାର ଟକ୍ସନ ମରୁଭୂମିରେ ୨୬୦୦ ଏକର ପରିମିତ ଜମି ଉପରେ ରହିଥିବା ଏହି ବିମାନ ଶ୍ମଶାନରେ ହଜାର ହଜାର ସଂଖ୍ୟାରେ କେଉଁ ଅମଳରୁ ପଡ଼ିରହିଛି ପୁରୁଣାତି ପୁରୁଣା ବିମାନ। ବୋନୟାର୍ଡ଼ ନାମରେ ପରିଚିତ ଏହି ସ୍ଥାନକୁ ବିମାନର ଶ୍ମଶାନ ଭାବେ ସମସ୍ତେ ଜାଣନ୍ତି। ବୋନୟାର୍ଡ଼ରେ କାର୍ଗୋ ଲିଫ୍ଟର ଠୁ ଆରମ୍ଭ କରି ବୋମା ବର୍ଷଣକାରୀ ବିମାନ ଏ୧୦ ଥଣ୍ଡରବୋଲ୍ଟସ, ହକ୍ୟୁଲସ ଫାଇଟର୍ସ ଏବଂ ଏଫ ୧୪ ଟମ୍ୟାଟ ଫାଇଟର ଆଦି ବିମାନ ଏଠାରେ ପଡ଼ିରହିଛି। ଆମେରିକାର ୩୦୯ ତମ ଏୟାରସ୍ପେସ ମେଣ୍ଟେନାନ୍ସ ଆଣ୍ଡ ରିଜେନେରେସନ ଗ୍ରୁପ ଏଠାରେ ପହଞ୍ଚୁଥିବା ବିମାନ ଗୁଡ଼ିକର ମରାମତି କରିଥାନ୍ତି ଏବଂ କିଛି ବିମାନକୁ ଉଡ଼ିବା ଯୋଗ୍ୟ କରିଦେଇଥାନ୍ତି। ମାକ୍ରୋସଫ୍ଟ ସାଟେଲାଇଟ ଜରିଆରେ କିଛି ଫଟୋ ଜାରି କରିଥିଲା। ଏଥିରେ ବୋନୟାର୍ଡ଼କୁ ୩ ଭାଗରେ ବିଭକ୍ତ କରାଯାଇଥିବାର ଦର୍ଶାଯାଇଥିଲା। ତେବେ ସେ ଯାହା ହୋଇଥାଉନା କାହିଁକି, ଆରିଜୋନାରେ ଡେଭିସ ମନ୍ଥନ ଏୟାରଫୋର୍ସ ବେସରେ ୩୫ ବିଲିଅନ ଡଲାର (୨୧୫୭ ଅରବ ଟଙ୍କା)ର ପୁରୁଣା ବିମାନର ନଷ୍ଟ ହୋଇଥିବା କିଛି ଅଂଶକୁ ଷ୍ଟୋରକରି ରଖାଯାଇଥାଏ। ଏହା ପାଖାପାଖି ୪,୪୦୦ ଏୟାରକ୍ରାଫ୍ଟର ଘର କହିଲେ ଅତ୍ୟୁକ୍ତି ହେବନି।



# ଯୁବାବସ୍ଥାରେ ହାଇପରଟେନ୍‌ସନ୍

ହାଇପରଟେନସନ ବା ଉଚ୍ଚ ରକ୍ତଚାପ। ବର୍ନ୍ନମାନ ଯୁବାବସ୍ଥାରେ ବି ଅନେକ ଏହାର ଶିକାର ହେଉଥିବାର ଦେଖିବାକୁ ମିଳୁଛି। ଏହା ଏଭଳି ଏକ ରୋଗ ଯାହାକୁ ଅନେକ ଯଥା ସମୟରେ ଚିହ୍ନଟ କରି ନପାରି ଅବହେଳା କରି ବସନ୍ତି ଏବଂ ଧୀରେ ଧୀରେ ଏହା ପରବର୍ନ୍ତୀ ସମୟରେ କୌଣସି ବଡ଼ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।



ହାଇଟେନସନ ବା ଉଚ୍ଚ ରକ୍ତଚାପ। ବର୍ତ୍ତମାନ ଯୁବାବସ୍ଥାରେ ବି ଅନେକେ ଏହାର ଶିକାର ହେଉଥିବାର ଦେଖିବାକୁ ମିଳୁଛି। ଏହା ଏଭଳି ଏକ ରୋଗ ଯାହାକୁ ଅନେକେ ଯଥା ସମୟରେ ଚିହ୍ନଟ କରି ନପାରି ଅବହେଳା କରି ବସନ୍ତି ଏବଂ ଧୀରେ ଧୀରେ ଏହା ପରବର୍ତ୍ତୀ ସମୟରେ କୌଣସି ବଡ଼ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ଏମିତି କି ଏଥିଯୋଗୁଁ ଅନେକ ଜୀବନ ହାନି ହୋଇଥିବାର ନଜିର ରହିଛି। ତେଣୁ ଏହାକୁ 'ସାଇଲେଣ୍ଟ କିଲର' ବା ନୀରବ ଘାତକ ମଧ୍ୟ କୁହାଯାଇଥାଏ।

ହାଇପରଟେନସନ ହେବାର କାରଣ: ମଣିଷର ସାଧାରଣ ରକ୍ତଚାପ (ନର୍ମାଲ ବ୍ଲଡ୍ ପ୍ରେସର) କେବେ କେବେ ବିଭିନ୍ନ କାରଣରୁ ପ୍ରଭାବିତ ହୋଇଥାଏ। ଯଦି ଏହା ସାଧାରଣ ରକ୍ତଚାପ (୨୧୦/୮୦ ଏମଏମଏଚଜି) ଠାରୁ ଅଧିକ ଅର୍ଥାତ୍ ସିଷ୍ଟଲିକ ପ୍ରେସର ୧୪୦ ଏମଏମଏଚଜିରୁ ଉର୍ଦ୍ଧ୍ୱକୁ ଯାଏ ଏବଂ ଡାୟାଷ୍ଟୋଲିକ ପ୍ରେସର ୯୦ ଏମଏମଏଚଜିରୁ ଅଧିକ ହୁଏ ତେବେ ଏହାକୁ ଉଚ୍ଚ ରକ୍ତଚାପ ବା ହାଇପରଟେନସନ କୁହାଯାଏ। ରକ୍ତଚାପ ମିଲିମିଟର୍ସ ଅଫ ମରକ୍ୟୁରୀ ବା ଏମଏମଏଚଜି ଏକକ ଦ୍ୱାରା ମପାଯାଏ। ଏହା ସାଧାରଣତଃ ଦୁଇ ପ୍ରକାରର। ଯଥା ପ୍ରାଇମେରୀ ଏବଂ ସେକେଣ୍ଡାରୀ ହାଇପରଟେନସନ।

ପ୍ରାଇମେରୀ ହାଇପରଟେନସନ:

- ସାଧାରଣତଃ ମାନସିକ ଚିନ୍ତା, ମାନସିକ ଅସନ୍ତୁଳନ, ଅସ୍ଥିରତା, ଚାକିରି, ପାରିବାରିକ, ଆର୍ଥିକ, ସାମାଜିକ ଆଦି ସମସ୍ୟା ଏବଂ ଅବସାଦ, କ୍ରୋଧ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ହୋଇଥାଏ। ଅଧିକ ତେଲ ମସଲା, ଫାଷ୍ଟଫୁଡ଼ ଏବଂ ଲୁଣ ଖାଉଥିବା କିମ୍ବା ମେଦବହୁଳତା ଯୁବତୀ ଯୁବକଙ୍କ ଠାରେ ଏହି ରୋଗର ଆଶଙ୍କା ବେଶି।



♦ ଧୂମପାନ ବା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ କରୁଥିବା ଯୁବତୀ ଯୁବକଙ୍କ ଠାରେ ମଧ୍ୟ ଏହି ରୋଗର ଆଶଙ୍କା ଅଧିକ।

ସେକେଣ୍ଡାରୀ ହାଇପରଟେନସନ:

♦ ବଂଶାନୁକ୍ରମରେ ମଧ୍ୟ ଏହାର ଆଶଙ୍କା ରହିଛି। ଅର୍ଥାତ୍ ଅନେକଙ୍କଠାରେ ଏହା ବଂଶ ପରମ୍ପରା କିମ୍ବା ଜେନେଟିକ ଫ୍ୟାକ୍ଟର ଯୋଗୁଁ ହୋଇଥାଏ।

♦ ଯୁବାବସ୍ଥାରେ ହରମୋନ ପରିବର୍ତ୍ତନ ମଧ୍ୟ କେତେକଙ୍କ ଠାରେ ଏହି ରୋଗ କରାଇଥାଏ।

♦ ଡାଇବେଟିସ ଥିଲେ ମଧ୍ୟ ହାଇପରଟେନସନ ଆଶଙ୍କା ରହିଛି।

♦ ଏହା ବ୍ୟତୀତ କିଡନୀ, ଲିଭର, ହାର୍ଟ, ଯକୃତ ଏବଂ ଅନ୍ତଃସ୍ରାବୀ ଗ୍ରନ୍ଥୀ ସମ୍ବନ୍ଧୀୟ କୌଣସି ରୋଗ ମଧ୍ୟ ଏଥିପାଇଁ ଦାୟୀ।

ହାଇପରଟେନସନର ଲକ୍ଷଣ: ଯଦି ଏହି ରୋଗରେ ସେଭଳି କିଛି ନିର୍ଦ୍ଦିଷ୍ଟ ଲକ୍ଷଣ ନାହିଁ, ତଥାପି କେତେକ କ୍ଷେତ୍ରରେ ହାଇପରଟେନସନ ହେଲେ ମୁଣ୍ଡ ବିନ୍ଧିବା, ବେକ ଘୋଳାଇହେବା କିମ୍ବା ବିନ୍ଧିବା, ଚିଡ଼ିଚିଡ଼ା ଲାଗିବା, ମାନ୍ଦା ଲାଗିବା, ଅନିୟମିତ ହୃଦ ସ୍ପନ୍ଦନ, କାନ ବାଜିବା, ଛାତିରେ ଯନ୍ତ୍ରଣା ହେବା, ବାରମ୍ବାର ବାନ୍ତି ଦେଖାଇବା, ମୁଣ୍ଡ ବୁଲାଇବା ଶୋଇବା ସମୟରେ ଘରେ ଛାତ ବୁଲିବା ଭଳି ଲାଗିବା, ଚାଲିବାବେଳେ ଟଳମଳ ହେବା, କଥାକଥାରେ ଚିଡ଼ିଚିଡ଼ି ହେବା, ନିଦ୍ରାହୀନତା, ଦେହ ଥରିବା, ଦେହରେ ବିଷ ଚରିଲା ପରି ମନେହେବା ଏବଂ ସର୍ବୋପରି ଏକାଗ୍ରତା ନଷ୍ଟ ହେବା ଇତ୍ୟାଦି।

ଏହାର ପ୍ରଭାବ: ଯଦି ଏହା ଏକ ମାରାତ୍ମକ ରୋଗ ନୁହେଁ, ହେଲେ ଦୀର୍ଘ ଦିନ ଏହା ଶରୀରରେ ରହିବା ଦ୍ୱାରା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକିଆଣେ। ତେଣୁ ଠିକ୍ ସମୟରେ ରକ୍ତଚାପ ପରୀକ୍ଷା କରାଇ ଏହା ଚିହ୍ନଟ କରି ଚିକିତ୍ସା ନ କରିପାରିଲେ ଏହାର ନକାରାତ୍ମକ ପ୍ରଭାବ ମସ୍ତିଷ୍କ, ଚକ୍ଷୁ, ହୃତପିଣ୍ଡ, ବୃକକ ଶିରା ପ୍ରଶିରା ଉପରେ ପଡ଼ିଥାଏ। ଫଳସ୍ୱରୂପ ହୃଦଘାତ, ଷ୍ଟ୍ରୋକ, କିଡ଼ନୀ ଫେଲ୍ୟୁୟର ଭଳି ସମସ୍ୟା କାରଣ ସାଜିଥାଏ।



# ଦୃଷ୍ଟିହୀନ କରିଦେଇପାରେ ମଧୁମେହ !



ଏକ ମାରାତ୍ମକ ରୋଗ ଭାବେ ଉଭା ହୋଇଛି ମଧୁମେହ । ଏହି ରୋଗ ପ୍ରଭାବରେ ଶରୀରର ଅନେକ ଅଙ୍ଗ ପ୍ରଭାବିତ ହୋଇଥାଏ । ବିଶେଷକରି ଆଖି ଏବଂ କିଡ୍‌ନୀ ଉପରେ ଏହାର ପ୍ରଭାବ ଶୀଘ୍ର ପଡ଼ିଥାଏ । ମଧୁମେହ ରୋଗୀଙ୍କଠାରେ ରୋଗ ପ୍ରତିରୋଧକ କ୍ଷମତା ଖୁବ୍‌ଶୀଘ୍ର ହ୍ରାସ ପାଇଥାଏ । ଏ ରୋଗର ଶର୍କରା ସ୍ତର ବୃଦ୍ଧି ପାଇ ଚକ୍ଷୁ ସହ ଜଡ଼ିତ ବିଭିନ୍ନ ସମସ୍ୟା ସୃଷ୍ଟି କରେ । ଅନେକ ସମୟରେ ଏହା ଦୃଷ୍ଟିହୀନ କରିଦେଇଥାଏ । ମଧୁମେହ ପ୍ରଭାବରେ ଆଖିରେ ସୃଷ୍ଟି ହେଉଥିବା ସମସ୍ୟାକୁ ଡାଏବିଟିସ୍ ରେଟିନପ୍ୟାଥି କୁହାଯାଏ । ଏହି ସମସ୍ୟା ଦେଖିଲେ, ଆଖିର ଅତ୍ୟନ୍ତ ନରମ ପରସ୍ତ ଯାହାକୁ ରେଟିନା ବୋଲି କୁହାଯାଏ, ତାହା କ୍ଷତିଗ୍ରସ୍ତ ହୋଇଥାଏ । ରେଟିନା ପର୍ଯ୍ୟନ୍ତ ପହଞ୍ଚୁଥିବା ରକ୍ତ ନଳୀକା ମଧୁମେହ ଯୋଗୁ ପ୍ରଭାବିତ ହେଉଥିବାରୁ ଏଭଳି ସ୍ଥିତି ଉପୁଜିଥାଏ । ଏହି ସ୍ଥିତିରେ ରୋଗୀର ଆଖିକୁ ଝାଲ୍‌ସା ଦିଶିଥାଏ: କିଛି ବି ଦୃଶ୍ୟମାନ ହୁଏନାହିଁ । ଏଭଳି ସମସ୍ୟା ୨୦ରୁ ୭୦ ବର୍ଷ ବୟସର ଲୋକଙ୍କଠାରେ ଅଧିକ ଦେଖାଯାଏ । ବିଶ୍ୱରେ ଦୃଷ୍ଟିହୀନତାର ସବୁଠୁ ବଡ଼ କାରଣ ଥାଏ ଡାଏବିଟିକ୍ ରେଟିନାପ୍ୟାଥି । ଏଥିରୁ ବର୍ତ୍ତିବାକୁ ହେଲେ ମଧୁମେହ ହୋଇଥିବାର ସୂଚନା ନିୟନ୍ତ୍ରଣ କରିବା ଉଚିତ୍ । ଏଥିପାଇଁ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ନିତାନ୍ତ ଜରୁରୀ । ଯଦି ୮-୯ବର୍ଷ ହେବ ଏହି ରେଗରେ ପୀଡ଼ିତ ଥାନ୍ତି, ତେବେ ପ୍ରତି ୩ ମାସରେ ଥରେ ଚକ୍ଷୁ ପରୀକ୍ଷା କରାଇନେବା ଆବଶ୍ୟକ ।

## ରୋଷେଇ ଘରୁ

## ପାମ୍ପଡ଼ କଢ଼ି

ସାମଗ୍ରୀ :

ପାମ୍ପଡ଼-୮,
ଦହି-୧ କପ୍,
ଲଙ୍କାଗୁଣ୍ଡ-୧/୨ ଚାମଚ,
କଞ୍ଚାଲଙ୍କା-୪,
ରିଫାଇନ୍ ତେଲ-୫୦ଗ୍ରାମ୍,
ହଳଦୀଗୁଣ୍ଡ-୧/୨ ଚାମଚ,
ଗରମମସଲାଗୁଣ୍ଡ-୧/୨ ଚାମଚ,
ଧନିଆ ପାଉଡର୍-୧/୨ଚାମଚ,
ମେଥିଦାନା-୧/୨ ଚାମଚ ଏବଂ
ଲୁଣ(ସ୍ୱାଦ ଅନୁସାରେ) ।

ପ୍ରସ୍ତୁତି ପ୍ରଣାଳୀ -

ପ୍ରଥମେ ପାମ୍ପଡ଼କୁ ଛୋଟ ଛୋଟ ଆକାରରେ ଭାଙ୍ଗିଦିଅନ୍ତୁ । ଏବେ ଏହାକୁ ପାଣିରେ ୭-୮ ମିନିଟ୍ ଯାଏ ଭିଜାଇ ରଖନ୍ତୁ । ଆଉ ଏକ ପାତ୍ରରେ ଦହି, ଲୁଣ, ହଳଦୀଗୁଣ୍ଡ ଏବଂ ଧନିଆ ପାଉଡର ମିଶାଇ ଭଲଭାବେ ଗୋଳାନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ସେଥିରେ ୨ଚାମଚ ତେଲ ଗରମ କରନ୍ତୁ । ତେଲ ଗରମ ହେଲେ ମେଥିଦାନା,କଟା କଞ୍ଚାଲଙ୍କା ଏବଂ ଲଙ୍କାଗୁଣ୍ଡ ପକାଇ ହାଲ୍‌କା ଭାଜନ୍ତୁ । ଏବେ ଦହି ମିଶ୍ରଣକୁ ଏକ କପ୍ ପାଣି ଦେଇ କଡ଼େଇରେ ଢ଼ାଳନ୍ତୁ । ଏହାକୁ ଭଲଭାବେ ଫୁଟିବାକୁ ଛାଡ଼ିଦିଅନ୍ତୁ । ଫୁଟିଗଲେ ସେଥିରେ ଭିଜା ପାମ୍ପଡ଼କୁ ପକାଇ ଗରମ ପରଷନ୍ତୁ ପାମ୍ପଡ଼ କଢ଼ି ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୮ ଜୁନ୍ ୨୦୨୧, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜାମ୍ମୁ-କାଶ୍ମୀରର ଭବିଷ୍ୟତ...

ଭାରତମାତାଙ୍କ ମୁକୁଟ ଭାବେ ବର୍ଣ୍ଣିତ କାଶ୍ମୀରରେ ସମ୍ପ୍ରତି ନୂତନ ସ୍ଥିତି ସୃଷ୍ଟି ହୋଇଛି । କ୍ରମାଗତ ଆତଙ୍କୀ ଓ ଅନୁପ୍ରବେଶକାରୀଙ୍କ ଉପଦ୍ରବଜନିତ ହିଂସା ଓ ଶ୍ୱାସରୋଧୀ ଅବସ୍ଥାରେ କିଛିଟା ଉନ୍ନତି ପରେ ଜମ୍ମୁ-କାଶ୍ମୀରରେ ସ୍ୱାଭାବିକ ବାତାବରଣ ଆଣିବା ସକାଶେ ପ୍ରୟାସ ଆରମ୍ଭ ହୋଇଛି । ଦିଲ୍ଲୀ ସ୍ଥିତି ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ରାଜ୍ୟର ନେତୃବୃନ୍ଦଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ସାଢ଼େ ତିନିଘଣ୍ଟା ବ୍ୟାପୀ ବୈଠକରେ ଜମ୍ମୁ-କାଶ୍ମୀରର ସର୍ବଶେଷ ସ୍ଥିତି ନେଇ ବିଚାରବିମର୍ଶ କରାଯିବା ପରେ ଯେଉଁ ନିଷ୍କର୍ଷ ପ୍ରକଟିତ ହେଲା, ତାହା କେବଳ ସମ୍ପୃକ୍ତ କ୍ଷେତ୍ର ପାଇଁ ନୁହେଁ, କହିବାକୁ ଗଲେ ଦେଶ ପାଇଁ ମହତ୍ତ୍ୱ ରଖୁଛି । ଚଉଦ ଜଣ ନେତାଙ୍କ ଉପସ୍ଥିତିରେ ଜମ୍ମୁ-କାଶ୍ମୀରରେ ପ୍ରସ୍ତାବିତ ନିର୍ବାଚନ ପୂର୍ବରୁ ସୀମା ନିର୍ଦ୍ଧାରଣ ଏବଂ ରାଜ୍ୟ ମାନ୍ୟତା ନେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି । ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ରାଜଧାନୀ ଦିଲ୍ଲୀଠାରୁ ଜମ୍ମୁ-କାଶ୍ମୀର ରାଜଧାନୀ ଶ୍ରୀନଗରର ଦୂରତାକୁ ହଟାଇବାକୁ ହେବ । ଭିନ୍ନ ଭିନ୍ନ ମତାଦର୍ଶ ସତ୍ତ୍ୱେ ଦେଶ ତଥା ପ୍ରାନ୍ତବ୍ୟାପକ ସ୍ୱାର୍ଥକୁ ନଜରରେ ରଖି କାମ କରିବାକୁ ପଡ଼ିବ ବୋଲି କହିଛନ୍ତି ମୋଦି । ଗଣତନ୍ତ୍ରକୁ ଜମ୍ମୁ-କାଶ୍ମୀର କ୍ଷେତ୍ରରେ ତୃଣମୂଳ ସ୍ତରରେ କିଭଳି ଦୃଢ଼ କରାଯିବ, ତାହା ହେଉଛି ସରକାରଙ୍କ ପ୍ରାଥମିକତା । ବେଶ୍ କିଛି କାଳ ଧରି କେନ୍ଦ୍ରଶାସିତ ଅଞ୍ଚଳରେ ସକ୍ରିୟ ପ୍ରତିନିଧି ସଭା ନାହିଁ । ରାଜ୍ୟକୁ ପୃଥକ୍ କେନ୍ଦ୍ରଶାସିତ ଅଞ୍ଚଳ କରାଯାଇ ଲଦାଖ ଓ ଜମ୍ମୁ-କାଶ୍ମୀର ପୃଥକ୍ କରାଯିବା ପୂର୍ବରୁ ସମ୍ବିଧାନରେ ଥିବା ୩୭୦ଧାରା ଓ ୩୫ (କ)ର ଉଚ୍ଛେଦ ହୋଇଛି । ବୈଠକରେ ହୋଇଥିବା ଚର୍ଚ୍ଚାରୁ ଗୋଟିଏ କଥା ସ୍ପଷ୍ଟ ହୋଇସାରିଛି ଯେ, କୌଣସିମତେ ସ୍ୱତନ୍ତ୍ର ଅଧିକାର ପାଇଁ ଉଦ୍ଦିଷ୍ଟ ଧାରାଗୁଡ଼ିକର ପ୍ରତ୍ୟାବର୍ତ୍ତନ ସମ୍ଭାବନା ପ୍ରାୟତଃ ନାହିଁ । ତେବେ ବିଭିନ୍ନ ଦଳର ନେତାମାନେ ରାଜ୍ୟପାହ୍ୟା ଫେରାଇ ଦିଆଯିବା ପାଇଁ ଦାବି ରଖିଥିଲେ । ସେ ବାବଦରେ କେନ୍ଦ୍ର ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯିବା ସକାଶେ ସଙ୍କେତ ଦିଆଯିବା ସହିତ କୁହାଯାଇଛି ଯେ, ସୀମା ନିର୍ଦ୍ଧାରଣ ପାଇଁ ପ୍ରଥମେ କାର୍ଯ୍ୟ ଆରମ୍ଭ କରାଯିବା ଦରକାର । ବୈଠକରେ କେତେକ ନେତା ୩୭୦ ଧାରା ଉଚ୍ଛେଦର ବୈଧତାକୁ ଅଦାଲତରେ ଚାଲେଞ୍ଜ କରାଯିବ ବୋଲି କହିଥିବା ଭିତରେ ଗୋଟିଏ ପ୍ରସଙ୍ଗ ପ୍ରକଟିତ ହୋଇଛି ଯେ, ଯଥାଶୀଘ୍ର ସୀମା ନିର୍ଦ୍ଧାରଣ କରାଯାଇ ନିର୍ବାଚନ କରାଯିବାର ବ୍ୟବସ୍ଥା ହେବା ଦରକାର । ଜମ୍ମୁ-କାଶ୍ମୀରକୁ ରାଜ୍ୟପାହ୍ୟା ପ୍ରଦାନ ଦାବି ଓ ପ୍ରସ୍ତାବ ନେଇ ବୈଠକରେ ସହମତି ଦେଖାଦେଇଛି । କେନ୍ଦ୍ର ଓ ଜମ୍ମୁ-କାଶ୍ମୀର ଭିତରେ ଯେଉଁ ବ୍ୟବଧାନ ଲାଗିରହିଛି, ତାହାକୁ ହଟାଯାଇ ବିଶ୍ୱସର ବାତାବରଣ ସୃଷ୍ଟି ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିବା ଦେଖାଯାଇଛି । ୨୦୧୯ରୁ ଉକ୍ତ କ୍ଷେତ୍ରରେ ବରାବର ରାଜନୈତିକ ଅସ୍ଥିରତା ଲାଗି ରହିଛି । ପିଡିପି ଓ ବିଜେପି ପାଳି କରି ଶାସନ କରିବା ହେଉ କି' ପୂର୍ବଥର କଂଗ୍ରେସ ଓ ଏନ୍‌ସିପି ସରକାର ପାଳି କରି କ୍ଷମତା ଉପଭୋଗ କରିବା ହେଉ, ରାଜ୍ୟବାସୀଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିବାରେ ଯଥୋଚିତ ପଦକ୍ଷେପ କେହି ନେବାରେ ସମର୍ଥ ହୋଇନଥିଲେ । କେନ୍ଦ୍ର ସରକାର ଏହା ଉପରେ ଲଗାତାର ଦୃଷ୍ଟି ରଖି ଜାତୀୟ ମୁଖ୍ୟସ୍ରୋତରେ ସାମିଲ କରିବା ସକାଶେ ସ୍ୱତନ୍ତ୍ର ଅଧିକାର ପାଇଁ ଥିବା ଧାରା ଉଚ୍ଛେଦ କରିବା ପାଇଁ ମନସ୍ଥ କଲେ । ଲଦାଖ ଓ ଜମ୍ମୁକୁ ଅଲଗା କରି ଉପରାଜ୍ୟପାଳ ନିଯୁକ୍ତିଠାରୁ ଆରମ୍ଭ କରି କାଶ୍ମୀରୀ ପଣ୍ଡିତମାନଙ୍କ ସ୍ୱାର୍ଥ ପାଇଁ ଅଲଗା ବ୍ୟବସ୍ଥା କଲେ । ଏହିସବୁ ପ୍ରସଙ୍ଗ ଉପରେ ସମସ୍ତ ଦଳ ଭିତରେ ଯେ ସହମତି ଥିଲା, ତାହା ନୁହେଁ । ବଡ଼ ଦଳଗୁଡ଼ିକର ପ୍ରତିନିଧିତ୍ୱକୁ ସମସ୍ତ ଜମ୍ମୁ-କାଶ୍ମୀରବାସୀ ସହଜରେ ଗ୍ରହଣ କରିନାହାଁନ୍ତି । ତୃଣମୂଳ ସ୍ତରରେ ଥିବା ସମସ୍ୟା ଉପରେ ବଡ଼ ଦଳର ନେତା-ନେତ୍ରୀଙ୍କର ଠିକ୍ ଅବଧାରଣା ନାହିଁ ବୋଲି କେତେକ ମହଲ କହିଛନ୍ତି । ତାହା ବାଦ୍ ଗୋଟିଏ ବୈଠକରେ ବୈଚାରିକ ବ୍ୟବଧାନ ଦୂରୀଭୂତ ହୋଇଯିବ ବୋଲି ବିଚାରିବା ଠିକ୍ ନୁହେଁ । ସୁତରାଂ ଜମ୍ମୁ-କାଶ୍ମୀରରେ ପରିବର୍ତ୍ତନ ପାଇଁ ନିଅଁ ପଡ଼ିଲା ବୋଲି ଅତି ବେଶୀରେ କୁହାଯାଇପାରିବ ।

## ସତ୍ୟବାଦୀ ଯୁଗର ବରେଣ୍ୟ ସ୍ରଷ୍ଟା ପଣ୍ଡିତ କୃପାସିନ୍ଧୁ ମିଶ୍ର



**ବିଶ୍ୱବିଜୟୀ ଦାଶ**



୧୮୮୭ ମସିହା ଜୁନ ୨୭ ତାରିଖ ଦିନ ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ସ୍ଥିତ ବୀରହରେକୃଷ୍ଣପୁର ଗ୍ରାମର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲ କୃପାସିନ୍ଧୁ। ବାଲ୍ୟକାଳରୁ ତାଙ୍କର ପିତାଙ୍କର ଦେହାନ୍ତ ଘଟିଥିଲା ଓ ସେ ନିଜ ମାଉସୀ ଘରକୁ ପୋଷ୍ୟ ପୁତ୍ର ହୋଇଯାଇଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ଭଳି ପିଲାବେଳୁ ତାଙ୍କ ଜ୍ଞାନ ଓ ବିଚକ୍ଷଣ ବୁଦ୍ଧିର ପରିଚୟ ମିଳିଥିଲା। କୃପାସିନ୍ଧୁ ମିଶ୍ର ଗାଁ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଥିଲେ, ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ସ୍କୁଲରୁ ନାମ କଟେଇ କଟକର ରେଭେନ୍‌ସା କଲିଜିଏଟ ସ୍କୁଲରେ ନାମ ଲେଖାଇଲେ।

ଏହା ତାଙ୍କ ଜୀବନର ଗତିପଥକରେ କିଛି ପରିବର୍ତ୍ତନ ଆଣିଦେଲା । ଆତ୍ମନିର୍ଭରଶୀଳ ହେବା ପାଇଁ, ସେ ଟିଉସନ କରୁଥିଲେ । ଏଣ୍ଟ୍ରାନ୍ସ ପରୀକ୍ଷାରେ ପାସ କରି, ସେ ୧୫ଟଙ୍କା ବୃତ୍ତି ପାଉଥିଲେ । ପରବର୍ତ୍ତୀ ସମୟରେ ସେ ରେଭେନ୍ସା ମହାବିଦ୍ୟାଳୟରୁ ଏଫ.ଏ ଓ ବି.ଏ ପାସ କରିଥିଲେ । ୧୯୧୪ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ ।

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, କୃପାସିନ୍ଧୁ ୧୯୧୪ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷକ ଭାବରେ ଯୋଗଦାନ କରିଥିଲେ । ତାଙ୍କ ଯୋଗଦେବା ବେଳକୁ ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ସେଠାରେ ଯୋଗ ଦେଇ ସାରିଥାନ୍ତି । ଏମାନଙ୍କଦ୍ୱାରା କୃପାସିନ୍ଧୁ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ପଢ଼ିବା ଓ ପଢ଼େଇବାରେ କୃପାସିନ୍ଧୁଙ୍କର ଆନନ୍ଦ ଥିଲା । ତାଙ୍କର ସଂସ୍କୃତ, ଓଡ଼ିଆ ଓ ଇଂରାଜୀ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା ଓ ସେ ଅନର୍ଗଳ ବକ୍ତୃତା ମଧ ଦେଇ ପାରୁଥିଲେ। ସର୍ବଦା ଧୋତି କୁର୍ତ୍ତା ପରିଧାନ କରିଥିବା କୃପାସିନ୍ଧୁଙ୍କର ନିରାଡ଼ମ୍ବର ଜୀବନଶୈଳୀ ଓ ସରଳ ବ୍ୟକ୍ତିତ୍ୱ ଛାତ୍ରମାନଙ୍କୁ ପ୍ରଭାବିତ କରୁଥିଲା। ଛାତ୍ରମାନଙ୍କ ମନରେ ଦେଶପ୍ରେମ ଓ ସେବାମୂଳକ ମନୋଭାବ ଜାଗ୍ରତ କରାଇବା ପାଇଁ ସେ ଥିଲେ ଯତ୍ନଶୀଳ । ୧୯୨୦ ମସିହାରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥି ମୃତ୍ୟୁପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ । ବ୍ୟାସକବି ଫକୀର ମୋହନ ସେନାପତି, ସତ୍ୟବାଦୀ ବନ ବିଦ୍ୟାଳୟ ପରିଭ୍ରମଣରେ ଆସି 'ଉତ୍କଳ ଭ୍ରମଣ' ରେ ଲେଖିଥିଲେ :

"କୃପାମୟ କୃପାସିନ୍ଧୁ
ଜନହିତକର,
କାର୍ଯ୍ୟସାଧନରେ
ଅବତୀର୍ଣ୍ଣ ଧରାଧାମେ,
ସମବେତ ସେମାନେ ତ
ସତ୍ୟବାଦୀ ଗ୍ରାମେ,
ଜ୍ଞାନରାଶି, ପବିତ୍ରତା,
ଉଭୟ ତ ଠୁଳ
ଉଦ୍ଧରିବେ ଭଗୀରଥ
ସମାନରେ କୂଳ ।"

ଉତ୍କଳ ଇତିହାସ, କୋଣାର୍କ, ବାରବାଟୀ ଦୁର୍ଗର ଇତିହାସ ଲେଖି ନିଜର ଐତିହାସିକ ଓ ଗବେଷକ ଜୀବନ ଓ ଉତ୍କଳ ପ୍ରାଣତାର ସୁସ୍ପଷ୍ଟ ପରିଚୟ ଦେଇଥିଲେ କୃପାସିନ୍ଧୁ ମିଶ୍ର।ତାଙ୍କ ଦ୍ୱାରା ଲିଖିତ ସାହିତ୍ୟ କୃତି ଗୁଡ଼ିକ ହେଲା ନବ ଯୌବନର ବିପଦ, କା, ଅଦୃଷ୍ଟ ବାଦ, ଲୀଳା,

କବିତା, ରାଜଭକ୍ତି,
ପ୍ରାଚ୍ୟ ଭୂଖଣ୍ଡର ଅଭ୍ୟୁତଥାନ,
ଭାରତରେ ଇଂରେଜ ସାମ୍ରାଜ୍ୟ ବିସ୍ତାର, ଭାରତ ଇତିହାସରେ ବୈଦେଶିକ ଆକ୍ରମଣ,ହିନ୍ଦୁର ସମାଜ ବିଧାନ।

ତାଙ୍କ ଲେଖା ଗୁଡ଼ିକରେ ଜାତୀୟତାବାଦ ର ଛୁଙ୍କ ବାରି ହୋଇପଡ଼େ। ଓଡ଼ିଆ ସାହିତ୍ୟ, ସଂସ୍କୃତି ଇତିହାସ କ୍ଷେତ୍ରରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କର ଅବଦାନ ଥିଲା ଅତୁଳନୀୟ ଓ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାରେ ଯେଉଁ ପଞ୍ଚସଖାଙ୍କର ଆର୍ବିଭାବ ହୋଇଥିଲା ଓ ଯେଉଁମାନେ ଏକ ନୂତନ ଯୁଗର ଆବିଷ୍କାର କରିଥିଲେ ସେମାନଙ୍କ ଭିତରେ ଜଣେ ଥିଲେ କୃପାସିନ୍ଧୁ ମିଶ୍ର । ସେ ଓଡ଼ିଶା ଇତିହାସରେ ଚିର ଅମ୍ଳାନ ହୋଇ ରହିଛନ୍ତି।

କୃପାସିନ୍ଧୁଙ୍କ ପ୍ରବନ୍ଧରେ ତାଙ୍କର ନିଜସ୍ୱ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ। ସେ ତାଙ୍କ ଲେଖାରେ ଶବ୍ଦର କୌଳିନ୍ୟ ଦେଖାଇଛନ୍ତି। ସାଧୁ ଭାଷାରେ ଗଦ୍ୟ କିପରି ଲେଖା ହୁଏ ତାହା ସେ ଶିଖାଇଛନ୍ତି। ଗଦ୍ୟ ସାହିତ୍ୟ ଯଦି ଅନ୍ୟର ଅନ୍ତରକୁ ନ ଛୁଏଁ ତାହାଲେ ତା'ର ମୂଲ୍ୟ କିଛି ନାହିଁ ବୋଲି କହୁଥିଲେ କପୃାସିନ୍ଧୁ ମିଶ୍ର। ତାଙ୍କ ଲେଖାରେ ଥାଏ ଦେଶଭକ୍ତିର ଭାବ। କାରଣ ସେ ଜାଣିଥିଲେ ଦେଶ ଭକ୍ତି ନଥିଲେ କେହି ଭଲ ନାଗରିକ ହୋଇପାରିବ ନାହିଁ। ସ୍ୱାଭିମାନୀ କୃପାସିନ୍ଧୁ ମିଶ୍ର ଓଡ଼ିଶାର ଲୁପ୍ତ ଇତିହାସ ଓ ସଂସ୍କୃତିକୁ ଆଧାର କରି ବହୁ କାଳଜୟୀ ରଚନା କରିଛନ୍ତି ।

୧୯୨୦ ସେପ୍ଟେମ୍ବର ୪ ତାରିଖରେ କୋଲକାତାଠାରେ ଲାଲ ଲଜପତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ କୃପାସିନ୍ଧୁ । ୧୯୨୪ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ପୁରୀ ଜିଲ୍ଲା ବୋର୍ଡର ସଭ୍ୟ ଭାବେ କାର୍ଯ୍ୟ କରିବା ସହିତ ଜିଲ୍ଲା ଶିକ୍ଷା କମିଟିରେ ସଭ୍ୟ ଥିଲେ। ସେହି ସାରସ୍ୱତ ସାଧକ ଙ୍କର ୧୯୨୬ ମସିହା ଫେବ୍ରୁଆରି ୧୨ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।ତାଙ୍କ ମୃତ୍ୟୁରେ ମର୍ମାହତ ହୋଇ ପଣ୍ଡିତ ଗୋପବନ୍ଧୁ ଦାସ ଲେଖିଥିଲେ : ଉତ୍କଳର ଶିକ୍ଷକ ସମାଜରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ଖସି ପଡିଲା।

ସେ ଏକାଧାରାରେ ଜଣେ ଓଡ଼ିଆ ସାହିତ୍ୟିକ, ଐତିହାସିକ, ବିଶିଷ୍ଟ ଶିକ୍ଷାବିଦ୍ ଓ ସମାଜସେବୀ।

ଜୁନ୍ ୨୭ ତାଙ୍କର ଜନ୍ମ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ।


+ ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮


## ସଂକ୍ଷିପ୍ତ ରାମାୟଣ

**ଶଙ୍କର ଚରଣ ରାଉତ**

ଭାଗ-୧୯

ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା । ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍‌କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।



**ସୂର୍ପଣଖା।**

ସୂର୍ପଣଖା- ରାବଣର ଭଉଣୀ ରାକ୍ଷସୀ ସୂର୍ପଣଖା ନିଜକୁ ଅତି ସୁନ୍ଦର ବେଶରେ ସଜାଇ ଶ୍ରୀରାମଙ୍କୁ ବିବାହ ନିମନ୍ତେ କହିବାରୁ -ଶ୍ରୀରାମ କହିଲେ- ମୋର ସ୍ତ୍ରୀ ଅଛନ୍ତି। ତୁମେ ଭାଇ ଲକ୍ଷ୍ମଣଙ୍କୁ କୁହ। ସେ ଯାଇ ଲକ୍ଷ୍ମଣକୁ କହିବାରୁ ସେ କ୍ରୋଧରେ ମନା କଲେ। ତେଣୁ ସୂର୍ପଣଖା ରାକ୍ଷସୀ ରୂପ ଧାରଣ କରି ସୀତାଙ୍କୁ ମାରିବା ପାଇଁ ଧାଇଁ ଯିବାରୁ ରାମ ଲକ୍ଷ୍ମଣଙ୍କୁ କହିଲେ, ଏହାର ନାକ ଏବଂ କାନ କାଟି ଦିଅ।

ବାବୁ ନାକ, କାନ,
ଶିରୀ ଦାନ ଦିବ୍ୟ ଯୋଷାକୁ
ବିହର କାନ-ନକର ଆଲିଙ୍ଗନକୁ ॥

ଲକ୍ଷ୍ମଣ ତାର ନାକ ଓ କାନକୁ କାଟିଦେଲେ। ତାର ତିନି ମାଉସୀ ପୁଅ ଭାଇ ଯୁଦ୍ଧକରି ଶ୍ରୀରାମଙ୍କ ହାତରେ ବଧ ହେବାରୁ ସୂର୍ପଣଖା ଯାଇ ଲଙ୍କାରେ ନିଜ ଭାଇ ରାବଣକୁ କହିଲା ଯେ ଲକ୍ଷ୍ମଣ ମୋର ନାକ କାନ କାଟି ଦେଇଛନ୍ତି। ତାଙ୍କର ଭାଇ ଶ୍ରୀରାମଙ୍କ ସ୍ତ୍ରୀ ସୀତା ମନ୍ଦୋଦରୀ ପରି ଖୁବ୍ ସୁନ୍ଦରୀ। ତାଙ୍କୁ ତମେ ନେଇଆସ। ରାବଣ ବହୁ ବର୍ଷରୁ ସୀତାଙ୍କୁ ଖୋଜୁଥିଲା। (ସୀତା ହରଣ, ରାବଣ ମରଣ) ।

ସେ ଶୀଘ୍ରଯାଇ ମାରିଚକୁ କହିଲା, ତୁମେ ସ୍ୱର୍ଣ୍ଣମୃଗ ରୂପ ଧାରଣ କରି ରାମଙ୍କର କୁଟୀର ନିକଟରେ ଯାଇ ବୁଲାବୁଲି କର। ମାରିଚ ଭୟରେ ସ୍ୱର୍ଣ୍ଣମୃଗ ରୂପ ଧାରଣ କରି ରାମଙ୍କ କୁଟୀର ଆଗରେ ଯାଇ ଠିଆ ହେଲା।

ସୀତା ସ୍ୱର୍ଣ୍ଣମୃଗକୁ ଦେଖି ଜୀବନ୍ତ ରୂପେ ଏହାକୁ ଧରି ଆଣିବାକୁ ଶ୍ରୀରାମଙ୍କ ଉପରେ ଯୋର ଦେଇ କହିଲେ । ଶ୍ରୀରାମ ବାହାରିବାରୁ ଲକ୍ଷ୍ମଣ ତାଙ୍କୁ ଧିର ସ୍ୱରରେ କହିଲେ ଏହା ମାୟାମୃଗ । ଶ୍ରୀରାମ ତାଙ୍କୁ କହିଲେ ଯାହା ହେବାର ଥିଲା ତାହା ହେବାକୁ ଯାଉଛି ଏବଂ ଆମର ବନବାସ ଯେଉଁ ପାଇଁ ହେବାକୁ ଥିଲା ତାହା ଆଜି ଆରମ୍ଭ ହେବାକୁ ଯାଉଛି ଏବଂ ସୀତାଙ୍କୁ କହିଲେ ମୁଁ ନ ଆସିବା ପର୍ଯ୍ୟନ୍ତ ତୁମେ କୁଟୀରରୁ ବାହାରିବ ନାହିଁ ଏବଂ ଅଗ୍ନିରେ ପଶି ରହିବ।

ଏହାର କିଛି ସମୟ ପରେ ତ୍ରାହିମା ଲକ୍ଷ୍ମଣ ବୋଲି ତିନିଥର ଡାକ ଶୁଭିବାରୁ ସୀତା କୁଟୀରରୁ ବାହାରି ଆସି ଲକ୍ଷ୍ମଣକୁ ରାମଙ୍କ ନିକଟକୁ ଯିବା ପାଇଁ କହିଲେ। ଲକ୍ଷ୍ମଣ ଯିବାକୁ ରାଜି ନ ହେବାରୁ ସୀତା କହିଲେ 'ତୁମେ ବୋଧ ହୁଏ ଆସିଥିଲ ଶ୍ରୀରାମଙ୍କ ଅନୁପସ୍ଥିତିରେ ମୋତେ ତୁମର ସ୍ତ୍ରୀ ରୂପେ ନେଇଯିବ'। ସୀତାଙ୍କ ଏ ଅଶ୍ଳୀଳ ଭାଷାରେ ଲକ୍ଷ୍ମଣ କ୍ରୋଧିତ ହୋଇ କୁଟୀର ସମ୍ମୁଖରେ ତିନୋଟି ଗାର ଟାଣିଲେ ଏବଂ କହିଲେ ଏ ତିନି ଗାରକୁ ଡେଇଁ ବାହାରକୁ ଆସିଲେ ବିପଦ ପଡିବ। ଏହା କହି ସେ ଶ୍ରୀରାମଙ୍କ ନିକଟକୁ ଗଲେ ଏବଂ ଶ୍ରୀରାମଙ୍କ ସହିତ ସାକ୍ଷାତ୍ କରି ଦୁଇ ଭାଇ ବିଚାରକଲେ ସୀତାଙ୍କ ଉପରେ କିଛି ବିପଦ ପଡିଛି। ଏହା ଭାବି ସେମାନେ କୁଟୀର ଆଡକୁ ଶୀଘ୍ର ଗମନ କଲେ। (କ୍ରମଶଃ)


+ ମଣ୍ଡଗାଁ, ବରୁଣସିଂ, ବାଲେଶ୍ୱର


## କବିତା କୋଣାର୍କ

### ସାତଭାୟା...

**ରତ୍ନାକର ରାଉତ**



ମାଡ଼ି ଆସୁଛି ସମୁଦ୍ର, ସାବଧାନ ।
ପାଣିର ସରାଗ ସବୁ ସମୟରେ
ଭଲ ନୁହେଁ,
ତାହା ହୋଇପାରେ
ଡାହାଣୀର ଭଲ ପାଇବା ।

ଦେଖ; ପାଣିର ପେଟ ଭିତରେ କେଉଁଠି
ହଜିଗଲାଣି ଗାଁ ବିଦ୍ୟାଳୟ,
ଆଖି ପାଉନି, ଅନାଅ ସେ ଦିଗରେ
ହେଇ ସେଇଠି,
ଯେଉଁଠି ଅଛି ଗୋଟେ ଟାପୁ,
କୁଜ ଭଳି ଦିଶୁଛି,
ଓଟ ପିଠିର କୁଜ ପରି,
ଏଠୁ ତିନି ମାଇଲ ଦୂରରେ ଥିଲା
ସେଇଟା ଗୋଟେ ବଡ଼ଗାଁ,
ତିନିଟା ସାହିରେ ରହୁଥିଲେ
ତିନି ହଜାର ଲୋକେ,
ହଳବଳଦ, ପାଣି ପାଲାଣ, ଢିଙ୍କି,
ଢିଙ୍କିଶାଳ, ଗୋରୁ ଗାଈ, ଗୁହାଳ,
ଚଉଁରା, ଠାକୁର ମନ୍ଦିର ସବୁ ଥିଲା,
ପ୍ରେମ, ପ୍ରଣୟ, ବିରହ,
ଈର୍ଷା, ଅସୂୟା, ଅହଂକାର
ସେ ମଣିଷମାନଙ୍କୁ ବି'
ଆକ୍ରାନ୍ତ କରୁଥିଲା,
ସବୁ ହଜିଗଲା ସମୁଦ୍ରର
କରାଳ ଆଁ ଭିତରେ ।

ଏବେ ସେସବୁ କିଛି ଦିଶୁନି,
କେବଳ ପାଣି ଆଉ ପାଣି,
ସମୁଦ୍ରର ଲହଡ଼ି,
ଜୁଆର ପଛକୁ ଜୁଆର ।
ସେହି ଅସୁମାରି ଢେଉ ମଧ୍ୟରେ
ଅଗଣନ ସ୍ୱପ୍ନର
ବିଲୟ ହୋଇ ସାରିଛି କେଉଁକାଳୁ ।
ମହାବାତ୍ୟାର
କରାଳ କାୟା ଭିତରେ
ନିଶ୍ଚିହ୍ନ ହୋଇଯାଇଚି
କେତେ ସହସ୍ର ଜୀବନ,
ଶବର ସବାରି କାନ୍ଧେଇ
ଏଠୁ ଫେରି ଯାଇଛି ମହାକାଳ ।
ଦେଖିଥିବା ଲୋକକୁ ବି'
ବିଶ୍ୱାସ ହେଉନି ଆଜି
ଦିନେ ସେଠି ଗୋଟେ ଗାଁ ଥିଲା,
ଜନବସତି ଥିଲା ।

ଏଇ କିଛିଦିନ ପୂର୍ବରୁ ଯେଉଁ
ପାଣିକଳଟା ଥିଲା କୂଳରେ
ଲକ୍ଷ୍ୟକର, ତାର ଚଉତରା
ଦିଶିଯାଉଛି ସମୁଦ୍ର ପେଟ ଭିତରୁ ।
ବଂଶର ଶେଷ ପ୍ରଦୀପ ପରି,
ଆଉ ଯେତୋଟି ସଂତ୍ରସ୍ତ ଜୀବନ
ଜୀବନ୍ମୃତ ଅବସ୍ଥାରେ ସେଠି
ବାକି ସମ୍ବଳକୁ ଆଦରି ପଡ଼ିରହିଛନ୍ତି ।
କିଏ ଜାଣେ କେବେ ସମୁଦ୍ର ଗର୍ଭରେ
ସ୍ୱାହା ହେବେ ସେମାନେ,
ଉହ୍ଲେଇ ପେଟରେ ପତଙ୍ଗ ପରି ।

ଆଉ କ'ଣ ବାକିଅଛି
ସେହି ଅବଶିଷ୍ଟ ଭୂଇଁରେ ?
ପ୍ରକୃତିର ଅସହଣୀୟ ଔଦ୍ଧତ୍ୟ
ଯେତେବେଳେ ଦାଉ ସାଧୁଛି,
ଚଇତି ପବନର ଜୁଆରିଆ ବାଆରେ
ମାଡ଼ି ଆସୁଛି ଜୁଆର, ତା ସହିତ
ଘର ଭିତରେ କେତେ ଫୁଟର ପାଣି,
ପାଣି ଛାଡ଼ି ଯାଉଛି ପଦଚିହ୍ନ,
ଘର, ବାହାର ସବୁଆଡ଼େ ବାଲିଚର
ସିପବାଲି ସ୍ତରକୁ ସ୍ତର, ଚାଳ ଛପର,
ଗାଁ ଗୋହିରୀ, ବିଲବାଡ଼ି, କ୍ଷେତ,
କିଆର ପରେ କିଆର,
ସବୁ ଆଡ଼େ ସ୍ତରକୁ ସ୍ତର
ବହଳ ବାଲିର ଆସ୍ତରଣ ।

ଲହଲହ ଜିହ୍ୱା ଟେକି
ମାଡ଼ି ଆସିଲା ପରି ସରୀସୃପ,
ଅଶାନ୍ତ, ଅଥୟ ସମୁଦ୍ରର ଜୁଆର
ମଥା ପିଟୁଛି ସେ ଭୂଇଁରେ ଥରକୁ ଥର ।
ନିର୍ଦ୍ଦୟ, ନିଷ୍ଠୁର ତାର ବ୍ୟବହାର,
ପ୍ରତାରିତ କେଉଁ ତରୁଣୀ ଯେପର
ହୋଇଥାଏ ପ୍ରତିଶୋଧ ପରାୟଣ,
ଅତୀବ ପ୍ରତିକ୍ରିୟାଶୀଳ ।

ବୋଧହୁଏ ମାଡ଼ି ଆସୁଛି
ମହାପ୍ରଳୟର ବେଳ ।
ଆଉ ଅପେକ୍ଷା କାହିଁକି ? ଏବେ
ବାଂଧିବୁଂଧି, ଗଣ୍ଠୁଳି କରି
ଯାହା ଅଛି ଅବଶିଷ୍ଟ ସମ୍ବଳ,
ସେଠୁ ଚାଲି ଆସିବାର ବେଳ ।
କିଏ କହିପାରେ କେଉଁ ମୁହୂର୍ତ୍ତରେ
ସାଗର ପେଟରେ
ଛପିଯିବ ସେହି ଅଭିଶପ୍ତ ଉପକୂଳ ?


+ କ୍ୱାଟର ନମ୍ବର: ସି-୭
ୟୁନିଟ୍: ୯
ଭୁବନେଶ୍ୱର-୭୫୧୦୨୨


## କବିତା କୋଣାର୍କ

### ସତ୍ୟୋପଲବ୍ଧି

**ଅନସୂୟା ପଣ୍ଡା**



ବିକାଶର ଢେଙ୍ଗୁରା ପିଟାଚାଲିଛି
ପାଞ୍ଚଜଣରେ ଜଣେ ଭାରତୀୟ
ଅଧା ପେଟ ଭୋକରେ ରହୁଛି
ଅନ୍ତର୍ଭୁକ୍ତି ବିକାଶ ଦାରିଦ୍ର୍ୟକୁ ହରାଇଛି ।
ପୁଣି କିନ୍ତୁ ମୋ ଦେଶରେ ଶିକ୍ଷା, ଅର୍ଥ
ଦାରିଦ୍ର୍ୟ ପିଢିରୁ ପିଢିକୁ ତଳକୁ ଯାଉଛି।

ଅଣ୍ଡ୍ରୋଏଡ ମୋବାଇଲଟି ଧରି
ପୁରୁଣା ବାଇକ୍‌ଟେ ଚଢି
ବଜାରରେ ଭେଣ୍ଡିଆ ପୁଅଟା
ସ୍ୱଚ୍ଛଳତାର ପ୍ରଚାର କରୁଛି ।

ପ୍ରକୃତରେ ପ୍ରଚାର ପ୍ରସାର ତଳେ
ଏକ ବିରାଟ ନୈରାଶ୍ୟ ହସୁଛି
ଜିଡ଼ିପି ଉପରକୁ ଉଠୁଛି କିନ୍ତୁ
ଖଟିଖିଆ ସଙ୍ଗା ଖେଳୁଛି
ରାତାରାତି ଧନୀ ହେବାର ନିଶାରେ ।

ଏଠି ଦାମୀ ସ୍କୁଲ,
କର୍ପୋରେଟ ଡାକ୍ତରଖାନା
ମାଲମାଲ ମୁଣ୍ଡ ଟେକୁଛି
କିନ୍ତୁ ସାଧାରଣ ଲୋକର
ଯାଏ ଆସେ କଣ।

ଏବେ ବି ଯୋଜନା ପହଁଞ୍ଚିନି
ଅନେକ ଗାଁରେ
ଏବେ ବି ବିଦ୍ୟୁତ ଜଳ
ରାସ୍ତା ସାତ ସପନ
ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ଯୋଜନା
ଅଟକିଛି ଫାଇଲ ତଳେ ।

ବିଲ ହିଡରେ ଗାଁ ଲୋକ ଚାଲେ
ଆମ୍ବୁଲେନ୍ସ ଯାଏନି ଗାଁକୁ
କିନ୍ତୁ ୧୦୨, ୧୦୮ ଏମିତି
ଅନେକ ଭରସା ଲୋକଙ୍କୁ ।

ନାହିଁ ପ୍ରାଥମିକ ବିଦ୍ୟାଳୟ
କି ପାନୀୟ ଜଳ ପ୍ରକଳ୍ପ
ସଞ୍ଜବେଳେ ଜଳେ ଡିବିରି ବତୀ
ସେମିତି ଅନ୍ଧାରରେ ସଢୁଛି ମଣିଷ ।


+ ୫ଆର/୧, ଇଞ୍ଜିନିୟରିଂ କଲେଜ, ବୁର୍ଲା, କଲୋନୀ,
ସମ୍ବଲପୁର, ଓଡିଶା- ୭୬୮୦୧୮,
ମୋ: ୯୪୩୯୨୧୧୯୭୧


## ଆନ୍ତର୍ଜାତିକ ନିଷିଦ୍ଧ ନିଶା ଦିବସରେ ଆଇନଜୀବୀ ଶ୍ରୀ ଅରୁଣ କୁମାର ବୁଢ଼ିଆଙ୍କ ରିଟ ପିଟିସନ୍ ହିଁ ଭରସା

**ସୁବ୍ରତ କର**



ସରକାରଙ୍କ ଉପରେ ରାଜ୍ୟବାସୀ ଭରସା କରିବା ବୃଥା । ଏହି ସରକାର ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସମୟରେ (୧୯୫୬) ମସିହାରେ ହୋଇଥିବା ଆଇନ ରାଜ୍ୟରେ ନିଶା ବନ୍ଦ ମାନିବାକୁ ରାଜି ନୁହଁନ୍ତି କାରଣ ମଦ ବିକ୍ରି କରି ସରକାରଙ୍କ ରୋଜଗାର ହେଉ ଥିବା ୩୦୦୦-୪୦୦୦ କୋଟି ଟଙ୍କାକୁ ହରାଇବାକୁ ରାଜି ନୁହଁନ୍ତି । ଏହି ୪୦୦୦ କୋଟି କେମିତି ୫୦୦୦ କୋଟି ଟଙ୍କାକୁ ପହଞ୍ଚାଯାଇ ପାରିବ ସେଥିପାଇଁ ମଦକୁ ଘରଦୁଆର ପାଖରେ ପହଞ୍ଚାଇବା ମାଧ୍ୟମରେ ତାର ବ୍ୟବସ୍ଥା ଚାଲିଛି । ଏହି ଜୁନ୍ ମାସ ୨୬ ତାରିଖକୁ ସଂଯୁକ୍ତ ଜାତିସଂଘ ନିଶିଦ୍ଧ ନିଶାର ଅପବ୍ୟବହାର ଏବଂ ସଚେତନତା ଦିବସ ରୂପେ ପାଳନ କରୁଛି । କିନ୍ତୁ ଆମ ରାଜ୍ୟ ଏବଂ ଆମ ସରକାର ମଦକୁ ଲୋକଙ୍କ ପାଖରେ ସହଜରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରୁଛି । ଏହାର ଜ୍ୱଳନ୍ତ ଉଦାହରଣ ୩୪ କେଜି ଧଳା ଜହର ପୋଲିସ ଦ୍ୱାରା ଧରା ହୋଇଛି । ଏହାଛଡ଼ା ୬୬ କୁଇଣ୍ଟାଲ ଗଞ୍ଜେଇ ମଧ ଜବତ ହୋଇଛି । ଏହି କାରବାରରେ ଜଡ଼ିତ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାହୋଇଛି । ଏହି ସବୁର ମୂଲ୍ୟ ଅନୁମାନିକ ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ । ଉପରୋକ୍ତ ସୂଚନା ଆସିଛି ଆମ ରାଜ୍ୟର ପୋଲିସ ମୁଖ୍ୟଙ୍କ ପାଖରୁ । ଧରା ପଡ଼ିଛି ଏତିକି ତେବେ କାରବାର କେଉଁ ପ୍ରକାରରେ ହେଉଥିବ ଆମେ ଅନୁମାନ କରିପାରିବା । ଏବେ ମଦକୁ ପ୍ରତିଷ୍ଠିତ ସମାଜର ଲୋକଙ୍କ ପାଖରେ ଏକ ସଭ୍ୟ ପାନିୟ ହିସାବରେ ବ୍ୟବହୃତ ହେଉଛି । ନିଶାକୁ ବନ୍ଦ କରିବା ସାରା ରାଜ୍ୟରେ ଏହା ନିଶ୍ଚିତ ଭାବରେ ସହଜ ଘଟଣା ନୁହଁ ତଥାପି ଜଳନ୍ତ ଦୃଷ୍ଟାନ୍ତ ହେଉଛନ୍ତି ବିହାର, ଗୁଜରାଟ ଏବଂ କେରଳ । ଏହି ସବୁ ରାଜ୍ୟରେ ମଦ ପିଆ ହେଉନାହିଁ କେହି କହି ପାରିବ ନାହିଁ କିନ୍ତୁ ତଥାପି ପବଲିକ୍ ଜାଗାରେ ପିଇବା ବା ଖୋଲାଖୋଲି ମଧ୍ୟ ପିଇବାଟା ଏତେ ସହଜ ନୁହେଁ । ଆଉ ଗୋଟାଏ ଉଦାହରଣ ହେଉଛି ସିଗାରେଟ ଟାଣିବା । ଖୋଲା ଜାଗାରେ ସିଗାରେଟ ଟାଣିଲେ ଫାଇନ ଦେବାକୁ ପଡ଼ିବ ଏହା ନିୟମ ହେଲା ପରେ ନିଶ୍ଚିତ ଭାବରେ ଲୋକଙ୍କ ମଧ୍ୟରେ ସିଗାରେଟ୍ ଟାଣିବା ବହୁ ପରିମାଣରେ କମିଯାଇଛି । ସେହିପରି କିଛି ସରକାର ଯଦି କରନ୍ତେ ଭଲ ହୁଅନ୍ତା । କିଛି ପରିମାଣରେ ଲୋକଙ୍କ ମଧ୍ୟରେ ଡର ଭୟ ତ ରହିବ । ଏବେ ସବୁ ବନ୍ଦ କିନ୍ତୁ ମଦ ଦୋକାନ ଖୋଲା । କି ଅଦ୍ଭୁତ ଏବଂ ଆଶ୍ଚର୍ଯ୍ୟ ଚିନ୍ତାଧାରା । ଆଜି ଏହି ପବିତ୍ର ଦିବସରେ ଏବଂ ପ୍ରଥମ ମୁଖ୍ୟମନ୍ତ୍ରୀ କରିଯାଇଥିବା ଆଇନକୁ ସମ୍ମାନ ଜଣାଇଲେ ଆମର ମୁଖ୍ୟମନ୍ତ୍ରୀ ଲୋକଙ୍କର ଆହୁରି ନିକଟରେ ହୋଇପାରନ୍ତେ । କିନ୍ତୁ ସେ କିଛି ଶୁଣିବାର ନାହିଁ । ଯାହା ହେଉଛି ହେଉ ନିଶା ଚାଲୁ ରହୁ । ୪୦୦୦ କୋଟିରୁ ୫୦୦୦ କୋଟି ହେଉ । ସରକାର ଆଜି ଏହି କଥାକୁ ନ ଶୁଣିଥିବାରୁ ଆଜିକାର ଦିନରେ ଓକିଲ ଶ୍ରୀ ଅରୁଣ ବାବୁ ହିଁ ଏକମାତ୍ର ଭରସା ଏବଂ ତାଙ୍କର ହାଇକୋର୍ଟରେ ଥିବା ରିଟ ପିଟିସନର ଫଇସଲା ଉପରେ ନିଶା ନିବାରଣର ଭାଗ୍ୟ ନିର୍ଭର କରୁଛି । ଆମେ ଅରୁଣବାବୁଙ୍କ ପଛରେ ଅଛୁ ।

ଆଜିର ଗଳ୍ପ






ଆନନ୍ଦ କୁମାର ମାଇତି


# ନେତି, ଏକ ଅଭାଗିନୀ



ଏ ମା ଏତେ ଟଙ୍କା !

ପଚିଶ ହଜାର ଟଙ୍କାର ଖଡ଼ଖଡିଆ ପାଞ୍ଚ ଶହ ଟଙ୍କିଆ ନୋଟ୍ ବିଡାକୁ ହାତରେ ଧରିବା କ୍ଷଣି ନେତି ଏକ ପ୍ରକାର ହତଚକିତ ହୋଇ ଉଠିଲା । ହତଚକିତ ହେବାବି ତା ପକ୍ଷେ ସ୍ୱାଭାବିକ କଥା । ତା ଜୀବନରେ ଶହେ ଟଙ୍କିଆ ନୋଟ୍‌ରୁ ଅଧିକ ବଡ଼ ନୋଟ୍ ସେ କେବେ ତା ଆଖିରେ ଦେଖିନି । ଟ୍ରେନ ଲାଇନ୍ କଡ଼ରୁ କୋଇଲା ଗୋଟାଇବା ତା କାମ । ପାଞ୍ଚ ଛ କିଲୋରୁ ଅଧିକ କୋଇଲା ସଂଗ୍ରହ କରିବା ତା ଦ୍ୱାରା ଆଜିଯାଏ ସମ୍ଭବ ହେଲାନି । ଦିନମାନ ଯେତେକ ସାଉଁଟି ଆଣେ ତାକୁ ଗୋଟିଏ ସିମେଣ୍ଟ ଥଳିଆରେ ପୁରେଇ ବିର ମଉସାକୁ ବିକେ । ବିର ମଉସା କୋଇଲା ଫେକ୍ଟ୍ରିରେ କାମ କରେ, ପକ୍କା ଦଲାରୀଟେ । ତା ଜିନ୍ଦେଗୀରେ କେବେବି ଅଧିକା ହେବନି । କମ୍ ଶୁଣା କି, ଆଠଦଶ କିଲୋ ଜାଗାରେ କହିବ ପାଞ୍ଚ କିଲୋ । ବୁଢା ହେଲାନି ଏ ଯାଏ ତାର ନୁଙ୍ଗୁରା ପଣ ଯାଇନି । କୋଇଲା ବସ୍ତା ମୁଣ୍ଡେଇ ପହଞ୍ଚିଲା ମାତ୍ରେ, ଆରେ ନେତିତ ! ରହ ରହ କହି ଆଗ ଆସି ମୁଣ୍ଡରୁ ବସ୍ତା ତଳକୁ ଓହ୍ଲାଇବା ତାର ନୀତି ଦିନିଆ ଅଭ୍ୟାସ । ସତେ ଯେମିତି ନେତି ତା ପ୍ରେମିକା, ଆଖିରେ ଦେଖିଦେଲେ ପ୍ରେମ ଉଛୁଳି ପଡ଼େ । ସେଇ ବୁଢ଼ା, ନେତିର କୋଇଲା ଦାମ୍ ଯାହା ଦିଏ ସେଇ ନୋଟ୍‌କୁ ନେତିର ଦେଖିବା । ତାହା ପୁଣି କଳା କୁଟିଆ ଲଦରା ଲଦରା ନୋଟ୍ ।

ଏସବୁ କଥା ନେତି ମନ ଭିତରେ ଗୋଟେ ପରେ ଗୋଟେ ଲହଡ଼ି ଭାଙ୍ଗି ଚାଲୁଥିଲା, ସେ ଜାଣି ପାରୁ ନଥିଲା ୟାରି ଭିତରେ ତା ଆଖି ହଳକରେ ପୁଳାଏ ଲୁହ ଜକେଇ ଆସୁଥିଲା ବୋଲି । ତା ଆଖିର ଏ ଲୁହ ସୁଖର ନା ଦୁଃଖର ଏ କଥା ଠଉରିବା ଆଗରୁ ତା ବାପା ନୀଳକଣ୍ଠ କହିଉଠିଲା

ନେତି ! ଆରେ ସେତେବେଳରୁ ଆଁଟା କରି ଟଙ୍କା ବିଡ଼ାକୁ କଣ ଦେଖୁଛୁ ? ଓଃ ଟଙ୍କାକୁ ଦେଖି ଭାବୁଥିବୁ,ଏତେ ଟଙ୍କା ! କୋଉଠି ରଖିବୁ, କାଳେ କିଏ ନେଇଯିବ ! ଆରେ ମୁଁ ପରା ଅଛି, ତୋ ବାପା ନୀଳକଣ୍ଠ । ଗଞ୍ଜଡ଼ିଆ ନୀଳକଣ୍ଠ । ଖାଲି ଗଞ୍ଜଡିଆ ନୁହେଁ, ପୋଖତ ଗଞ୍ଜଡ଼ିଆ । ଚାଲିଲୁ ଦେଖିବା କୋଉ ମର୍ଦ୍ଦଟା ଅଛି ମୋ ସହ ଟକ୍କର ଦେବ, ଗୋଟାଏ ସୋଟରେ ଚିଲାମ ଜଳେଇ ଦେବ । ତୋ ବାପା ଏଇ ନୀଳକଣ୍ଠ ପାରିବ । ସେ ଥାଉ ଥାଉ ତୋ ଡର କାହାକୁ । ଚାଲ୍ ଚାଲ୍ ଘରକୁ ଯିବା ଚାଲ୍ । ଏବେଠୁ ତୋର ଦୁଃଖ ଘୁଞ୍ଚି ଗଲା ବୋଲି ଜାଣେ ।

ନୀଳକଣ୍ଠ କଥାରେ ନେତି ଯେମିତି ସମ୍ବିତ ଫେରି ପାଇଲା । ଟଙ୍କା ବିଡ଼ାକୁ ତରବରେଇ ଶାଢ଼ୀ କାନିରେ ବାନ୍ଧୁଥିଲା ଯେ ନୀଳକଣ୍ଠ ତାଗିଦ୍ କରି କହିଲା, ଆବେ ଟିକେ ଜତନରେ ବାନ୍ଧେ । ତୁ ଯେମତି ଭିଡ଼ିକି ଗଣ୍ଠି ପାରୁଛୁ ଟଙ୍କା ଗୁଡ଼ାକ ମୋଡ଼ିମାଡ଼ି ହୋଇ ଛିଣ୍ଡି ଯିବ । ନେତି ସାବଧାନରେ ବାନ୍ଧିଲା,ତାପରେ ଅଣ୍ଟାରେ ଖୋଷି ଆଗକୁ ପାଦ ବଢ଼େଇଲା ।

କିଛି ବାଟ ଯାଇଛି ନୀଳକଣ୍ଠ କହିଲା, ନେତି ! ଟଙ୍କା ବିଡାଟା ମୋତେ ଦେଉନୁ । ମୁଁ ସାଇତି ରଖିବି । ନେତି ମୁହଁ ଫେକେଡେଇ ଜବାବ ଦେଲା , ହୁଁ ,ଭାରି ସାଇତି ରଖିବା ଲୋକଟା ତ ! ଦିଟା ଦିନ ଯିବନି ଗଞ୍ଜେଇ ଟଣା ଆଉ ପଲିଥିନି ଗିଳାରେ ସାରି ଦବୁନି । ତୋ ଠାରୁ ଅଧିକ ଠିକ୍‌ରେ ମୁଁ ସାଇତି ରଖିବି । ମୋ ପାଖରେ ଥାଉ ।

ନୀଳ ବିରୋଧ କରିବାକୁ ଯାଉଥିଲା କିନ୍ତୁ ଚୁପ୍ ରହିଲା, ମନେ ମନେ ଭାବିଲା, ହଁ ତା ଟଙ୍କା ସେ ରଖୁ । ବେଳ କାଳ ଯାହା ହେଲାଣି, ଟା ଉପରୁ ଝିଅ ପିଲାଟା, ମୋ କଥାକୁ ଓଲଟା ବୁଝିଲା ।

ତାପରେ ଦୁହେଁ ନିରବ ହୋଇ ଚାଲୁଥିଲା । ଆହୁରି ଥୋଡେ ବାଟ ଘରକୁ । ଏତେ ଗୁଡା ଟଙ୍କା ଜଗୁଁ ନୀଳ ମନକୁ ଟିକେ ଶଂକା ଲାଗୁଥାଏ । ତା ବାପା ଝିଅ ଯେଉଁ ରାସ୍ତା ଦେଇ ଘରକୁ ଫେରୁଛି ସେ ରାସ୍ତାଟି ଏକ ପ୍ରକାର ନିଛାଟିଆ । ରାସ୍ତାରେ ବେଶୀ ଭାଗ ମଦୁଆ - ମାତାଲ୍ ମାନଙ୍କର ଚରାଭୁଇଁ କହିଲେ ଚଳେ । ସାବଧାନେ ଯିବାକୁ ପଡିବ । ବେଳବୁଡ଼ି ସଞ୍ଜ ନଇଁ ଆସିଲାଣ । ପୁଣି ବସ୍ତିର ଶେଷ ମୁଣ୍ଡରେ ଯାଇ ତାଙ୍କ ଘର । ଟ୍ରେନ ଲାଇନ ପାଖକୁ ଲାଗି । ଘର ନୁହେଁ ତ ଝୁମ୍ପୁଡି କୁଡ଼ିଆଟା । ସେଇ କୁଡ଼ିଆରେ ଅଭାବ ଅନାଟନରେ ବାପା ଝିଅର ଦିନ କୌଣସି ମତେ ବିତିଯାଏ । ତା କୁଡ଼ିଆକୁ ଲାଗି ନରିଆର କୁଡିଆ । ନରିଆ ଆଉ ତା ବୋଉ । ପରିବାର କହିଲେ ସେ ଦୁଇ ଜଣ । ଗଲା ବର୍ଷ କଥା । ବୁଢ଼ୀଟା ଘରେ ରହି ଦୁଇ ବକ୍ତ ରୋଷେଇ କରି ଦେଉଥିଲା ତାକୁ କି ଜ୍ୱର ହେଲାଯେ ନରିଆ କୁଲି କାମ ସାରି ଘରକୁ ଫେରିବା ଆଗରୁ ବୁଢ଼ୀ ମରିଗଲା । ବୋଉ ମଲା ପରେ ନରିଆ ଖାଇବା ପାଇଁ ଭାରି ହତାଶ ହେଲା । ନୀଳକଣ୍ଠ ବୁଝାସୁଝା କରି ତାରି ସହ ନେତିର ବାହା ଦେଇଥିଲା । ହେଲେ ଦଇବ ସହି ପାରିଲାନି ।

ଚାଲୁ ଚାଲୁ ହଠାତ୍ ନିରବତା ଭାଙ୍ଗି ନୀଳକଣ୍ଠ କହିବାକୁ ଲାଗିଲା, ନରିଆଟା ମଲାନି ଯେ ଆମକୁ ବଞ୍ଚେଇ ଦେଇଗଲା । ତା ବାପା ମୁହଁରୁ ଏମିତି କଥା ଶୁଣି ନେତି ମନେ ମନେ ଭୀଷଣ ରାଗିଯାଇ କହୁଥାଏ, ଏଇଟା ବାପା ନା କସେଇଁ ! ଝିଅର ହୀନିମାନ ବେଶ ଦେଖିବାକୁ ତାକୁ ଭାରି ଭଲ ଲାଗୁଥିବ । ହଁ ମଦୁଆ ଗଞ୍ଜଡ଼ିଆର ଆଉ ଚିନ୍ତା କଣ କି । ହେଲେ ତା ନରିଆ ଭାରି ଭଲ । ତାକୁ ସେ ଭାରି ଭଲ ପାଉଥିଲା । ତାର ବଦ ଅଭ୍ୟାସ ଘଡ଼ିକି ଘଡି ବିଡ଼ି ପିଏ ଯାହା । ସେଦିନ ତାକୁ ଟିକେ ପ୍ରେମ କରିବ ବୋଲି ନିଜର ବିଡ଼ି କଠା ନ ଆଣି ବଜାରକୁ ଯାଇ ମଲ୍ଲି ଫୁଲ ଗଜରାଟେ ପଚାଶ ଟଙ୍କା ଦେଇ କିଣି ଆଣିଥିଲା । କେତେ ସରାଗରେ ପାଖରେ ବସେଇ ତା ମୁଣ୍ଡରେ ବାନ୍ଧି ଦେଇ କହୁଥିଲା, ଇଲୋ ! ତୁ ଟା ନା ଭାରି ସୁନ୍ଦରୀ ଦେଖାଯାଉଛୁ । ପୁରା ହିନ୍ଦୀ ଫିଲ୍ମ ହିରୋଇନ୍ ପରିକା । ଏତକ କହି ନରିଆ ନେତି ଓଠକୁ କାମୁଡି ଯେଉଁ ଚୁମାଟିଏ କଲା ନେତି ସେଥିରେ ପୁରା ଅଣ ନିଃଶ୍ୱାସି ହୋଇଯାଉଥିଲା । ତଥାପି ନେତିକୁ କିନ୍ତୁ ଭାରି ଭଲ ଲାଗୁଥିଲା । ନେତି ବି ନରିଆ ଓଠକୁ ଚୁମି ପକାଇଥିଲା । ଏମିତି କେତେ ଗେଲ କରୁଥିଲା ତା ବର । ହେଲେ ଏ ଠାକୁର ସେତକ ସୁଖ ବି ସହିପାରିଲାନି, ଠିକ୍ ତା ପରଦିନ ତାକୁ ନେଇଗଲା । ନେତିକୁ ଜଳ ଜଳ ହୋଇ ଦେଖା ଯାଉଥିଲା ସେଦିନର କଥା ସବୁ ।

ସକାଳୁ ସକାଳୁ ଦୂର ଟ୍ରେନ ଆସି ଷ୍ଟେସନରେ ପହଞ୍ଚେ । କୁଲିଗିରି ବେପାରଟା ଏଇ ବେଳଟାରେ ଭିଡ଼ିକି ଯାହା କରିବ । ତେଣୁ ନରିଆ ଘରୁ ନିଇତି ସଅଳ ବାହାରି ଯାଏ । ସେଦିନ ଭୋର୍ ଭୋର୍ ଉଠି ନେତି ବାସି ପାଇଟି କରୁଥିଲା ଯେ ନରିଆ ଆସୁ କହିଲା, ନେତି ମୁଁ ଯାଉଛି ପଖାଳ ଗଣ୍ଡେ ହାଣ୍ଡିରୁ ବାଢ଼ି ଖାଇନେବି । ନେତି କହିଲା ହଉ ଯା, ସବୁତକ ଖାଇ ନେବୁ । ନରିଆ ଗଲା ଯେ ତା ଖାଇବା ହେଲାନି । ହାଣ୍ଡିରେ ହାତ ପୁରେଇ କହିଲା ଆରେ ନେତି କେତିକି ଭାତ ହାଣ୍ଡିରେ ଅଛି ସେତକ ମୋତେ ତ ନିଅଣ୍ଟ । ତୁ ଖାଇବୁ କଣ ? ବରଂ ଥାଉ । ତୁ ଖାଇ ନେବୁ । ମୁଁ ବିଡ଼ିଟେ ପି ଦେଇ ଯାଉଛି, ଷ୍ଟେସନରେ ବଇନି କଲା ମାତ୍ରେ ବରା ଘୁଗୁନି କିଣି ଖାଇନେବି କହି ବିଡ଼ି ଟାଣି ଟାଣି ବାହାରି ଗଲା । ଅଖିଆ ଖାଲି ପେଟରେ କଉଁ ବାବୁର ମୋଟକୁ ମୁଣ୍ଡେଇ ଟ୍ରେନ ଲାଇନ ପାର୍ ହେଉଥିଲା, ଟ୍ରେନ୍ ଆସି ତାକୁ ଏମିତି ବାଡ଼େଇ ଦେଲା ଯେ ସେଇଠି ନା କଣ ତାର ପ୍ରାଣ ବାୟୁ ଉଡିଗଲା । ଦୁର୍ଘଟଣା ଖବର ପାଇ ନେତି ସେଇଠିକି ଦଉଡ଼ି ଯାଇଥିଲା । ଟ୍ରେନ ଧକ୍କା ଖାଇଥିବା ମୁର୍ଦ୍ଦାରକୁ ଘେରି ଅନେକ ଲୋକ ସେତେବେଳକୁ ଗଦା ହୋଇସାରିଥିଲେ । ନିଜ ଦେହ ଗଳିଲା ଭଳି ସରୁ ରାସ୍ତାଟେ ତିଆରି କରି ନେତି ଯେତେବେଳେ ଭିତରେ ପଶି ଦେଖିଲା ଲୋକଟା ରକ୍ତ ଯୁଡୁବୁଡୁ ହୋଇ ପଡ଼ିଛି । ମୁହଁଟା ପ୍ରାୟ ଛିନ୍‌ଛତର । ସମସ୍ତେ କହିଲେ ନରିଆ ବୋଲି । କିନ୍ତୁ ନେତିକୁ ବିଶ୍ୱାସ ହେଉନଥିଲା । ତଥାପି କାହିଁକି କେଜାଣି ଅଜଣା ଗୋଟେ କୋହରେ ତା ଛାତି ଭିତର କଳିଜାଟା ଫାଟି ଯାଉଥିଲା । ଆଖିରୁ ଅମାନିଆ ଲୁହ ଝର ଝର ହୋଇ ଝରି ଯାଉଥିଲା । ତା ବାପା ନୀଳକଣ୍ଠ ବି ସେତେବେଳକୁ ସେଠାରେ ପହଞ୍ଚି ସାରିଥିଲା । ସେଇତ କହିଲା, ଏ ଆମ ନରିଆର ମା' । ହେଇ ଦେଖୁନୁ ତା ଗାମୁଛାକୁ, ଗୋଟିଏ କାନିକୁ ଦି ଆଙ୍ଗୁଳି ଛିଣ୍ଡା । ଦେଖୁନୁ ସାଇକେଲରୁ ପଡ଼ି ତା ଆଣ୍ଠୁରେ ସେଇ କଟା ଦାଗ । ସବୁ ସର୍ବନାଶ ହୋଇଗଲାରେ ମା ' ସବୁ ସର୍ବନାଶ ହୋଇଗଲା । ମୋ ରୋଜଗାରିଆ ଜୋଇଁଟା ଆରପାରିକୁ ଚାଲିଗଲା କହି ମର୍ଦିଆ ରଡ଼ି ଛାଡ଼ି ବାଉଳିଲା ଭଳି କାନ୍ଦିବାରେ ଲାଗିଲା । ବାପାର କାନ୍ଦ ଦେଖି ନେତି ତା କୋହ ରୋକି ପାରିଲାନି । ମୂର୍ଦ୍ଦାର ଛାତିରେ ନିଜ ମୁଣ୍ଡକୁ ବାଡ଼େଇ ଭେଁ ଭେଁ ହୋଇ କାନ୍ଦିବାକୁ ଲାଗିଲା ।

ସରକାରୀ ବାବୁ ମାନେ ଆସିବାରୁ ଟିକେ ଥ ଧରିଲା । ସମସ୍ତେ କହିଲେ ଏଇଟା ନରିଆ ବୋଲି ଆଉ ଶବ ଛାତିରେ ଯିଏ ମୁଣ୍ଡ ଜାକି କାନ୍ଦୁଛି ସେ ତା ସ୍ତ୍ରୀ ବୋଲି । ସରକାରୀ ବାବୁ ମାନେ ସବୁ ଲେଖିନେଲେ, ଗଲା ବେଳକୁ କହିକି ଗଲେ ନେତିକୁ ସରକାର ତରଫରୁ ପଚିଶି ହଜାର ଟଙ୍କା ମିଳିବ । ଏତେଦିନ ପରେ ସେଇ ଟଙ୍କା ଆଜି ନେତିକୁ ମିଳିଛି । ସେଇ ଟଙ୍କା ବିଡ଼ାକୁ ନେତି ଆଖି ପୁରେଇ ଦେଖୁଥିଲା ନୀଳକଣ୍ଠକୁ ଲାଗିଲା ନେତି ବୋଧେ ନରିଆ କଥା ଭାବୁଛି ତେଣୁ ସେ ବୁଝେଇ କହିଲା, ନେତି ତୁ ନରିଆ କଥା ଭାବୁଛୁ କି ? ଅଫେରା ରାଇଜକୁ ସେ ଚାଲିଗଲାଣି । ତା କଥା ଭାବି ଆଉ ଲାଭ କଣ । ବରଂ ତୋର ଖୁସି ହେବା କଥା, ସେ ରେଳ ଗାଡ଼ିରେ ମଲା ଆଉ ତୁ ପଚିଶି ହଜାର ଟଙ୍କା ପାଇଲୁ । ଏଥର ତୋର ସୁଖର ଦିନ ଆସିଗଲା । ଆଉ ତୋତେ କୋଇଲା ଗୋଟେଇବାକୁ ପଡ଼ିବନି । ଘରେ ରହିବୁ, ଗଣ୍ଡେ ରୋଷେଇ କରିବୁ, ବସି ବସି ଖାଇବୁ ବୁଝିଲୁ । ନୀଳକଣ୍ଠ ସେମିତି ଗପି ଚାଲୁଥାଏ ନେତି ନିରବ ରହି ଆଗକୁ ଆଗକୁ ଚାଲିଥାଏ ।

ନିଳକଣ୍ଠ ପୁଣି କହିଲା, ବୁଝିଲୁ ନେତି, ମୁଁ ଆଉ ଖଟାଖଟି କରିବାକୁ ଯିବିନି । ବୟସ ହେଲାଣି । ଭାରି କାମ କଲାରୁ ଅଣ୍ଟା ଆଣ୍ଠୁ ଧରୁଛି । ଭାବୁଛି ଏଇ ଟଙ୍କାରୁ ଦୁଇ ତିନି ହଜାର ନେଇ ଷ୍ଟେସନ ପାଖ ଛକରେ ଚାହା ଦୋକାନଟିଏ କରିବି । ନା ତୁ କଣ କହୁଛୁ ? ଟଙ୍କା କଥା ଉଠିବାରୁ ନେତି ବିରକ୍ତ ହୋଇ କହିଲା, କରୁନ, ମୁଁ କଣଟା କହିବି । ମରିକି ଉପକାର କରିଥିବା ଲୋକଟା ପଇସାରେ ଯାହା ଇଚ୍ଛା ହେଉଛି କର ।

ନୀଳକଣ୍ଠ ବିଶ୍ୱାସ ଭରା ସ୍ୱରରେ କହିଲା କାହିଁ ମୁଁ କଣ ଭୁଲ କହିଲି କି । ନରିଆ ମରିକି ଉପକାର କରିନି ? ସେ ମଲା ବୋଲି ସିନା ସରକାର ତୋତେ ପଚିଶି ହଜାର ଟଙ୍କା ଦେଲେ, ନ ହେଲେ ପଚିଶି ହଜାର କିଏ ନା ତୁ କିଏ ।

ବାପା ଝିଅର ଏଇସବୁ କଥା ଭିତରେ ଦୁଇଜଣ କେତେବେଳେ ଆସି ତାଙ୍କ ଘରେ ପହଞ୍ଚି ସାରିଥିଲା ତାଙ୍କୁ ଜଣା ନଥିଲା । ସେତେବେଳକୁ ଚାରିଆଡ଼େ ଅନ୍ଧାର ଛାଇ ଯାଇଥାଏ । ତାଙ୍କ ଘରେ ବାଉଁଶରେ ତିଆରି କବାଟ । କବାଟ ନୁହେଁ ତ ତାଟି କହିଲେ କିଛି ଭୁଲ ହେବନି । ଘରୁ ବାହାରକୁ ଗଲେ କେବେବି ତାଲା ପକା ହୁଏନି କି ଜଞ୍ଜିର ବନ୍ଧା ହୁଏନି, ସେମିତି ବିନା ସୁରକ୍ଷିତରେ ତାଟିକୁ ଖାଲି ଆଉଜି ଦେଇ ଘରୁ ବାହାରି ଯାଏ । ଆଜିବି ସେମିତି ଥିଲା ।

ତାଟିକୁ ଭୁସ୍ କିନା ପେଲିଦେଇ ଦୁମ୍ ଦୁମ କରି ଭିତରକୁ ନେତି ପଶିଯାଇ ଇଲୋ ବୋଉଲୋ କହି ଚିତ୍କାର କରିବାରୁ ନୀଳକଣ୍ଠ ଭିତରକୁ ଯାଇ ଯାହା ଦେଖିଲା ସେ ଆଖିରେ ବିଶ୍ୱାସ କରିପାରିନଥିଲା । ହାତେ ମାପର କାଳିଆ ମାଟି କାନ୍ଥକୁ ଆଉଜେଇ ନରିଆ ବିଡ଼ି ପିଉଛି । ବିଡ଼ି ଆଲୁଅରେ ନରିଆ ମୁଁହଟା ଠିକ୍ ଭୁତ ପରିକା ନେତିକୁ ଦେଖାଯାଉଥିଲା । ଏ ସତ ସତିକା ଭୂତ ନୁହେଁ ତ ! ମଲା ମଣିଷ ବଞ୍ଚିଲା କେମିତି ? ବୋଧେ ଏଇ କଥା ନୀଳକଣ୍ଠ ଆଉ ନେତି ଦୁହେଁ ଦୁହିଁଙ୍କୁ ଅନା ଅନି ହୋଇ ପରସ୍ପରକୁ ନିରବ ପ୍ରଶ୍ନ କରୁଥିଲା । ହଠାତ୍ ନୀଳକଣ୍ଠ ମନ ଭିତରେ ଆତଙ୍କ ଖେଳିଗଲା, ସରକାର କାନକୁ ଯଦି ଏ କଥା ପହଞ୍ଚି ଯିବ ଯେ ନରିଆ ବଞ୍ଚିଛି ବୋଲି, ତାହେଲେ ଏତେ ଗୁଡ଼ାଏ ଟଙ୍କା ସରକାର ନିଶ୍ଚୟ ଫେରାଇ ନେବେ ।

ସେତେବେଳକୁ ନେତି କିରୋସିନି ଡିବି ଜଳାଇ ନରିଆ ମୁହଁକୁ ନିରିଖି ଦେଖୁଥାଏ । ନେତିର ଏସବୁ କାର୍ଯ୍ୟକଳାପ ଦେଖି ନରିଆ ଆଶ୍ଚର୍ଯ୍ୟ ହୋଇ କହିଲା ଆଲୋ ଏମିତି କଣ ଦେଖୁଛୁ, ମୋତେ କଣ ଚିହ୍ନି ପାରୁନୁ ? ଡ଼ିବିଟାକୁ ଆଣି ମୋ ମୁଁହରେ ଭୁସି ପକାଉଛୁ !

ଏତକରେ ନେତିର ଓଠ ଥରି ଉଠିଲା । ଭେଁ କିନା ରଡ଼ି ଛାଡ଼ି କାନ୍ଦି କାନ୍ଦି କହିଲା, ଚିହ୍ନି ପାରିବିନି କାହିଁକି । ତାପରେ ଡିବି ତଳେ ଥୋଇ ଦେଇ ନରିଆକୁ କୁଣ୍ଢେଇ ପକାଇଲା ବେଳେ ନୀଳକଣ୍ଠ ଗର୍ଜି ଉଠିଲା, ଆବେ ଚୁପ୍ କର । କାହିଁକି ହାଲ୍ଲା କରି ସମସ୍ତଙ୍କୁ ଶୁଣଉଛ । ଇରେ ନରିଆ ତୁ ମରିନୁ ?

ମରିବି କାହିଁକି ? ଓ ତମେମାନେ ଭାବୁଥିଲ ମୁଁ ମରିଯାଇଛି ବୋଲି ଆଉ...ନରିଆ ଆଉ କଣ ଗୋଟେ କହିବାକୁ ଯାଉଥିଲା ନେତି ପଚାରିଲା, ତମେ ଏତେଦିନ କୋଉଠି ଥିଲ ?

ନରିଆ ଖୁସି ହୋଇ କହିଲା, ମୁଁ ପରା କଟକ ଯାଇଥିଲି । କଟକରେ ଢେର୍ କାମ । ଅନେକ ବସଷ୍ଟାଣ୍ଡ, ବଡ଼ ରେଳ ଷ୍ଟେସନ । ସେଠାରେ କୁଲିକୁ ଅଧିକ ଭଡ଼ା ଦେଉଛନ୍ତି । ଜମାରୁ ମୁଲାମୁଲି ନାହିଁ । ଯାହା ମାଗିବ ବାବୁମାନେ ଧଡକିନା ପକେଟରୁ ସେତକ କାଢ଼ି ଦେବେ । ମୁଁ ତ ଭାବିକି ଆସୁଛି ଆମେ ଦୁହେଁ ସେଠାକୁ ପଳେଇବୁ । ଏଇ ଦେଖୁନୁ ମାତ୍ର କେଇଟା ଦିନରେ ଖାଇ ପିଇ ହଜାରେ ଟଙ୍କା ଆଣିଛି ।

ନେତି ନରିଆ କଥାରେ କଣ ଗୋଟେ କହିବାକୁ ଯାଉଥିଲା ତା ଆଗରୁ ନୀଳକଣ୍ଠ କହି ଉଠିଲା, ସେ ହଜାରେ ଟଙ୍କା ଦେଖେଇ ଆଉ ନେତି ମନକୁ କିଣି ପାରିବୁନି ବୁଝିଲୁ । ହଜାରେ ଟଙ୍କା ଦେଖାଉଛି ।

ବେଶ୍ ଉତ୍ତେଜନା ଭିତରେ ନୀଳକଣ୍ଠ ଛୋଟିଆ ଘରଟି ଭିତରେ ଏପଟ ସେପଟ ହେଉଥିଲା ହଠାତ୍ ତା ମନ ଭିତରେ ଖତରନାକ୍ ବୁଦ୍ଧିଟେ ସୃଷ୍ଟି ହେଲା । ତତକ୍ଷଣାତ୍ ନରିଆ ହାତକୁ ଜାବୁଡ଼ି ଧରି କହିଲା, ବାପା ରାଗିଲୁ କି ? ବୁଢା ଲୋକ ମନରେ କ୍ଷୋଭ ଆସିଲା କହିଦେଲି, ତୁ ଗଲା ପରେ ଆମେ ବାପା ଝିଅ ଦୁଇଟି କେତେ ହନ୍ତସନ୍ତ ହୋଇଛୁ ତୁ କଣ ସେକଥା ଜାଣିଛୁ ? ସେଇ ରାଗରେ..... ଛାଡ଼ ସେ କଥା । ଚାଲ୍ ବଜାରକୁ ଯିବା, ତୁ ଗଲା ଦିନଠାରୁ ଆଜିଯାଏ ଘରେ ଆଇଁଷ ଗନ୍ଧ ହୋଇନି, ତୁ ତ ଟଙ୍କା ଆଣିଛୁ ସେଇ ଟଙ୍କାରେ ବଡ଼ ଭାକୁର ମାଛଟେ ବଜାରରୁ ଆଣି ରୋଷେଇ କରି ଖାଇବା । ଏତକ କହି ନରିଆକୁ ନୀଳକଣ୍ଠ ଏକ ପ୍ରକାର ଭିଡିକି ନେଇଗଲା । ନେତି ପଛରୁ ବାପା ବୋଲି ଡାକିବାରୁ ନରିଆ ପଛକୁ ଅନେଇ କହିଲା ତୁ ଚୁଲି ଜାଳୁଥା ନେତି, ଆମେ ଏଇ ଗଲୁ ଆଉ ଆଇଲୁ ।

ହଠାତ୍ ଦଲକାଏ ପବନ ଆଇଲା ଯେ ଜଳୁଥିବା କିରୋସିନି ଦିବିଟା ଲିଭିଗଲା । ପୁଣି ଚାରିଆଡ଼େ ଅନ୍ଧାର । ନେତି ଯୋଉଠିଁ ଠିଆ ହୋଇଥିଲା ସେଇଠି ଥପ କିନା ବସି ପଡିଲା । କିଟିମିଟିଆ ଅନ୍ଧାର ଭିତରେ ସେ ନିଜକୁ ଦେଖିପାରୁନଥିଲା । ଅଣ୍ଡାଳି ଅଣ୍ଡାଳି ଦିଆସିଲି ଖୋଜିଲା ବେଳେ ତାକୁ ମନେ ହେଲା କୋଉଠି ଯେମିତି କିଛି ଗୋଟିଏ ଭୁଲ ହୋଇଯାଉଛି । ସେଦିନ ଟ୍ରେନ ଦୁର୍ଘଟଣାରେ ମରିଥିବା ଲୋକ ଜଣକ ତ ଏ ନୁହେଁ । ତେବେ ସେ ଲୋକଟା କିଏ ? ସେ କଣ ବାହା ହୋଇନଥିଲା ? ଯଦି ବିବାହ କରିଥିବ ତା ସ୍ତ୍ରୀ ଏବେ କଣ ବିଧବା ? ଯଦି ସେ ବିଧବା ତେବେ ମୁଁ କାହା ବଇଧବ୍ୟ ବ୍ରତ ପାଳନ କରୁଛି ? ମୋ ସ୍ୱାମୀ ତ ବଞ୍ଚିଛି । ଅବଶ୍ୟ ଶାଢୀରୁ ସିନା ବୁଝି ହେଉନି ମୁଁ ବିଧବା ବୋଲି କିନ୍ତୁ ମୁଣ୍ଡରେ ତ ମୋର ସିନ୍ଦୂର ନାହିଁ । ହାତରେ ଶଙ୍ଖା ନାହିଁ । ମୋ ଜୀବନ୍ତ ସ୍ୱାମୀ ଆଖିରେ ମୋର ବିଧବା ବେଶ କଣ ଦେଖାଯାଇନି ! କାହିଁ ସେତ ଏ ବିଷୟରେ ମୋତେ କିଛି ପ୍ରଶ୍ନ କରିନି କି ଆଶ୍ଚର୍ଯ୍ୟ ମଧ ହୋଇନି । ବାପା, ସେ ତ ସନ୍ତାନର ମଙ୍ଗଳ ଚିନ୍ତାରେ ଥାଏ । ସେ କାହିଁକି କହିଲାନି ଆରେ ମା', ତୋ ବର ଫେରି ଆସିଛି । ତୁ ଏଥର ସିନ୍ଦୂର ନାଇଁ ପକା, ବିଧବାରୁ ସଧବା ହୋଇପଡ଼ । ନିଜ ଆଖିରେ ସମସ୍ତ ବାସ୍ତବ ସତ୍ୟକୁ ଦେଖି ମଧ ସେଦିନର ସେ ତ୍ରୁଟିକୁ ସ୍ୱୀକାର କରିବା ପାଇଁ, ଏଇ ସାମାନ୍ୟ ମାନସିକତା ତା ବାପା ଭିତରେ କାହିଁକି ଜାଗ୍ରତ ହେଉନି !

ହଠାତ୍ ତା ଗୋଡ଼ ତଳ ମାଟି ଥରିବାକୁ ଲାଗିଲା । ଛୋଟ କାନ୍ଥ ଉପରେ ଥିବା ଟିଣ ପ୍ଲାଷ୍ଟିକ ଡବା ସବୁ ଠଣଠଣ ଶବ୍ଦ କରି ତଳେ ଗଳି ପଡ଼ିବାକୁ ଲାଗିଲା । ଟ୍ରେନ୍ ଆସିବାର ଶବ୍ଦରେ ନେତିର କାନ ଝଣ ଝଣ ହୋଇ ଯାଇଥାଏ । ଦିଆସିଲି ନେଇ ଡିବି ଲଗାଇବାକୁ ଯାଇଥାଏ ହଠାତ୍ ବାହାରୁ ତୀବ୍ର କୋଳାହଳ ଶବ୍ଦ ଭାସି ଆସିଲା । ମରିଗଲା । ମୁଣ୍ଡରୁ ଗଣ୍ଡି ସମ୍ପୂର୍ଣ୍ଣ ଅଲଗା । ଏକଥା ଶୁଣି ନେତି ମନକୁ ପାପ ଛୁଇଁ ବାକୁ ଲାଗିଲା । କିଏ ମରିଗଲା ? ଅଜଣା ଡରଟେ ତା ମନ ଭିତରକୁ ବ୍ୟାକୁଳ କରିଦେଉଥିଲା । ଟ୍ରେନ ଲାଇନ ଆରପଟେ ଛୋଟିଆ ବଜାର, ସେଇ ବଜାରକୁ ତା ବାପା ଆଉ ତା ବର ମାଛ କିଣିବାକୁ ଯାଇଛି । ନିଜକୁ ଆଉ ସେ ଥ କରି ରଖି ପାରିଲାନି । ସିଧା ଠିଆହୋଇ ଧାଇଁବାକୁ ଲାଗିଲା କୋଳାହଳ ଭାସି ଆସିଥିବା ସେଇ ସ୍ଥାନକୁ । ଅଧା ବାଟରେ ନୀଳକଣ୍ଠକୁ ହାବୁଡ଼ିଲା । ନୀଳକଣ୍ଠ ନେତିକୁ ଚିହ୍ନି ପାରି ତା ହାତକୁ ଭିଡ଼ି ଧରି ତାଗିଦ୍ କରି କହିଲା, କୁଆଡେ ଧାଇଁଛୁ ?

- ଟ୍ରେନ ଲାଇନରେ କିଏ ମରିଗଲା ବାପା ? ନୀଳକଣ୍ଠ ଚାପା ସ୍ୱରରେ ଧିରେ କହିଲା, ମୋର ତାକୁ ନେଇ ମାଛ କିଣି ଯିବାଟା ଗୋଟେ ବାହାନା ଥିଲା । ବଜାରକୁ ଯିବା ନା କହି ତାକୁ ଟ୍ରେନ୍ ଲାଇନ୍ ପାଖକୁ ନେଇଯାଇଥିଲି । ଟ୍ରେନ ଆସିବା ଦେଖି ପଛରୁ ତାକୁ ପେଲିଦେଲି । ସବୁ ସଫା । ଏସବୁ ଟଙ୍କା ଏବେ ଆମର । ଏଥିରେ ଭାଗ ବସାଇବାକୁ ଆଉ କେହି ନାହିଁ । ଚାଲ୍ ଘରକୁ ଫେରି ଚାଲ୍ । ତାକୁ କେହି ଚିହ୍ନି ପାରିବେନି । ସମସ୍ତେ ଜାଣିଛନ୍ତି ନରିଆ କେବେଠାରୁ ମରିସାରିଛି ।

ନେତି ମୁହଁରୁ କିଛି ବାହାରୁ ନଥିଲା । ଯେମିତି ମୂକ ପାଲଟି ଯାଇଥିଲା । ସେ କେବଳ ତା ବାପାକୁ ଚାହିଁ ଭାବୁଥିଲା ଏ ମୋ ବାପା ତ ?


+ଝାଟିପାରି, ଆମ୍ବିକି, ଏରସମା, ଜଗତସିଂହପୁର
ମୋ: ୯୪୩୯୦୭୭୩୯୫




# ଧରିତ୍ରୀ ପରି ଆଉ ଜଣେ ବୋଉ


ପ୍ରଣତି ହୋତା




ମୋ ବୋଉ ଫଟା ଶାଢ଼ୀକୁ ଥାକିଲି କରି ପିନ୍ଧୁଥିଲା ଯେତେବେଳେ ସେ ନୂଆବୋହୂ ହୋଇ ଶାଶୂ ଘରକୁ ଆସିଥିଲା । ପର ଢ଼ିଙ୍କିଶାଳରେ ଧାନ କୁଟି ଚାଉଳ ବାହାର କରି ରାନ୍ଧୁଥିଲା । ସେତେବେଳେ ସେ ତେର ବର୍ଷର ଥିଲା । ଶାଶୂ, ଶ୍ୱଶୁର, ଘରକରଣା, ସଣ୍ଡଣା ବୋଲି କିଛି ଜ୍ଞାନ ନଥିଲା । ସେଥିପାଇଁ ଯା' ମାନେ ଟାହି ଟାପରା କେତେ କରନ୍ତି ଯେତେବେଳେ ସେ ଶ୍ୱଶୁରଙ୍କୁ ବାପା ଭଳି ସବୁ ସୁଖ,ଦୁଃଖ ବଖାଣି ପକାଏ । ସ୍ୱାମୀଙ୍କର ରୋଜଗାର ସେମିତି ନ ଥିଲା । ମେଲେରିଆ ପାଇଁ ଗାଁ ଗାଁ ବୁଲି କଣ ଇଂଜେକ୍ସନ ଦେବା ଚାକିରୀ କରିଥିଲେ । ସେ କୋଉ କୂଳକୁ ନୁହେଁ । ସେଥିରେ ତାଙ୍କର ଗର୍ବ ଗାଡି ଶଗଡ଼ରେ ଯାଉ ନଥିଲା । ରାତି ଅଧରେ ଖାଇବାକୁ ମାଗିବେ । ଯଦି ବୋଉ କୋଉଦିନ ଶୋଇ ପଡିଥିବ ଥକାରେ ତେବେ କହିବେ, ଯଦି କରିବ ଇସି ଇସି, ମାରିବ ପାଞ୍ଚ ଜଣ ମିଶି । ସାହି କୂଅରୁ ପାଣି ବହିବା, ଧାନ କୁଟିବା ସବୁ କଲାପରେ ଟିକେ ଆଖି ବୁଜିଥିବ କି ନାହିଁ ଯେ ରାତି ଅଧରେ କହିବେ ମୋତେ ପରଟା କରିକି ଦିଅ । ବୋଉ ବି ତ ସ୍ତ୍ରୀ ହେବା ପୂର୍ବରୁ ଗୋଟେ ମଣିଷ ନା । ସେ କଥା ବୁଝନ୍ତିନି । ତା ପରେ ଦୁଇ ଦୁଇଟା ଛୁଆ । ସେମାନଙ୍କ କଥା ବୁଝିବା ଯେତିକି କଷ୍ଟ ଲାଗେ ନାହିଁ ବେଶି ଦୁଃଖ ଲାଗେ ଯେତେବେଳେ ପିଲାମାନେ ଖାଇବାକୁ ମାଗୁଥିବେ ଆଉ ସେ ମାଆଟେ ହୋଇ ଦେଇପାରୁନଥିବ । ପୁଅଟି ଭୋକ ସହି ପାରେନାହିଁ । ବେଳେବେଳେ କେହି ନ ଖାଇ ଥିଲେ ବି ତା ପାଖରେ ସବୁ ଥୋଇଦିଏ ସେ ଖାଇବା ପରେ ଯେତକ ବଞ୍ଚେ ଆମେ ଖାଉ । ବିଲ ବାଡ଼ି ପ୍ରବଳ । ମଇଁଷି ଗାଈ ଏତେ ଯେ, ବୋଉର ଶ୍ୱଶୁର ଘରକୁ ଷାଠିଏ ମଇଁଷିଆ ଘର ବୋଲି କୁହନ୍ତି । ଯାହାର ଯେତେ ମଇଁଷି ସେ ସେତେ ଧନୀ । କିନ୍ତୁ ଧାନ ନ କୁଟିଲେ ଚୁଲିରେ ହାଣ୍ଡି ବସେନା ।

ଏତେ ଦିନ ପରେ ଭଗବାନ ମୋ ବୋଉ ଡାକ ଶୁଣିଲେ । ବାପାଙ୍କର ଚାକିରୀ ଏନଟି ପିସିରେ ହୋଇଗଲା । ମାସକୁ ଷାଠିଏ ଟଙ୍କା । ଯାହାହେଉ ଏତେଦିନ ପରେ ମୋ ବୋଉକୁ ବିଦେଶ ଯିବାର ସୌଭାଗ୍ୟ ମିଳିଲା । ସେଠି ଆଉ ଦୁଇଟି ସନ୍ତାନ ଜନ୍ମ ହେଲେ । ଖୁସିରେ କଟୁଥିଲା ଦିନ ଗୁଡିକ । କିନ୍ତୁ ମୋ ବୋଉ ପୋଡା କପାଳିଟା ସେତକ ତା ଭାଗ୍ୟକୁ ଜୁଟିଲା ନାହିଁ । ତା ମୁଣ୍ଡ ପାଗଳ ହୋଇଗଲା । ଅବଶ୍ୟ ବାପା ବହୁତ ଯତ୍ନ ନିଅନ୍ତି ବୋଉର ଓ ପିଲାମାନଙ୍କର । ଆଉ ବାକି କାମ ଦାମ ମୋ ଏଗାର ବର୍ଷ ନାନୀର ପାଠ ପଢା ସହ ଘର କାମ ତାପରେ ବୋଉର ଦାଉ । ପିଲାମାନେ ପାଠଶାଠ ପଢିଲେ । ବାହା ସାହା ବେଳକୁ ବୋଉର ଦେହ ଠିକ୍ ହୋଇଯାଇଥିଲା । ବୋଉର ଗୋଟାଏ ଭଲ ଗୁଣ ସେ ଯାହାକୁ ଖାଇବାକୁ ଦିଏ ମନବୋଧ ହେଲା ପରି ଦିଏ । ଆଉ ତାକୁ ତା ପିଲାମାନେ କିଛି ମାଗିଲେ ସେ ଲୁଚେଇକି ହେଲେ ବି ଦେଇଦେବ ବରଂ ସେ ନିଜେ ଚିରା ପିନ୍ଧିବ, ଶୂନ୍ୟ ବେକ ହେବ, କିନ୍ତୁ ମନା କରିବ ନାହିଁ । ତାର ଫାଇଦା ବେଶ୍ ନିଅନ୍ତି ତାଙ୍କର ପିଲାମାନେ । ବାପା ବଡ଼ ସଉକରେ ଦାମୀ ଶାଢ଼ୀ ଆଣିଥିବେ ବୋଉ ଯାନି ଯାତ୍ରାକୁ ପିନ୍ଧିକି ଯିବା ପାଇଁ କି ବାହା, ବ୍ରତରେ ପିନ୍ଧିବା ପାଇଁ କିନ୍ତୁ ଝିଅମାନେ ତାକୁ ପିନ୍ଧି ବୁଲିବେ । ସେ ତ ବୋଉ । ମା କେବେ ଛୁଆଙ୍କ ଖୁସିରେ ବାଧା ସୃଷ୍ଟି କରି ପାରେ କି ! ସେଥିରେ ସେ ଖୁସି ନିଜେ ଯାଇତାଇ ଗୋଟେ ପିନ୍ଧିଦେଲେ କିଏ ଦେଖୁଚି ମୋ । ବାପାଙ୍କ ମନ ଦୁଃଖ ହୁଏ ବେଳେ ବେଳେ ରାଗିକି କୁହନ୍ତି ଆଉ ଆଣିବିନି ତୋ ଲାଗି । ବୋଉ ବୁଝିପାରେ ବାପାଙ୍କ ଦୁଃଖର କାରଣ କିନ୍ତୁ ଗାଲେଇ ଦିଏ । ବେକକୁ ଦୁଇ ଦୁଇଥର ସୁନାଚେନ, ରୁପା ଚେନ କରିଦେଲେ ଦୁଇପୁଅ ନେଇଗଲେ । ଯାହା ନେଲେ ନେଲେ ଜମି, ବାଡ଼ି ଘର ସବୁ ଦୁଇଭାଗ କରି କହିଲେ ବାପା ମା ଏବେ ଆମ ଦାୟିତ୍ୱ, କିନ୍ତୁ କିଛି ମାସ ପରେ ନିଜର ଅସଲି ରୂପ ଦେଖେଇଦେଲେ । ଦୁଇ ବୋହୂ ଫୋନରେ ସବୁବେଳେ କଥାବାର୍ତ୍ତା ହୁଅନ୍ତି ମାସକୁ କେତେ ଟଙ୍କା ଦେଲେ ସେମାନେ ବୁଢା,ବୁଢ଼ୀ ଦୁଇଜଣଙ୍କୁ ରାନ୍ଧି ବାଢି ଖାଇବାକୁ ଦେବେ ନହେଲେ ଦେବେନି,ଏଇ ସବୁ । ସେ କଥା ଶ୍ୱଶୁରଙ୍କ କାନରେ ପଡ଼ିଯାଏ । ସେ ଭାବନ୍ତି ବୋହୂର କର୍ତ୍ତବ୍ୟ ଶାଶୂ ଶ୍ୱଶୁରଙ୍କୁ ରାନ୍ଧି ବାଢି ଦେବା, ତାଙ୍କ ସେବା କରିବା କିନ୍ତୁ ..... ।

ବୋହୂ, ଝିଅ ଯିଏ ଯାହା କରୁ ମୋ ବୋଉ କିନ୍ତୁ ସବୁ ନାତି ନାତୁଣୀଙ୍କୁ ଭାରି ଭଲ ପାଏ । କୋଉଠୁ ତାର ଏତେ ବଳ ଆସେ କେଜାଣି କାଖରେ କାଖେଇ କପିଳାସ ପାହାଚ ବି ସେ ଚଢି ଯାଏ । ଆଉ ନାତି କି ନାତୁଣୀ କଣ ଖାଇବାକୁ ମନ କରିଛନ୍ତି ଆଉ ସେ ନ ଦେବ ତାହା ହେଇପାରିବନି । ଏଥିପାଇଁ ବେଳେ ବେଳେ ଜୋରସୋରରେ ଝଗଡା ହୋଇଯାଏ ବାପାଙ୍କ ସହ । କିନ୍ତୁ ସେ ବଦଳେନି । ସବୁଠୁ ଦୁଃଖର କଥା ସମସ୍ତେ ବଡ଼ । ବାହାହେଲେଣି, ବୁଝିବାର ଶକ୍ତି ହେଲାଣି କେହି କେହି ଚାକିରୀ ମଧ କଲେଣି । କିନ୍ତୁ ଥରଟିଏ କେହି ମୋ ବୋଉ କି ବାପାଙ୍କୁ ତାଙ୍କ ମନ ଜାଣି ଉପହାରଟିଏ ଦେଇନାହାନ୍ତି । ହଁ, ତାଙ୍କର ରୋଜଗାର ଅଛି ପିଲାମାନଙ୍କଠାରୁ ଅଧିକ ତାଙ୍କ ପେନସନ । ତଥାପି ସେମାନେ ବି ମଣିଷ । ତାଙ୍କର ବି କିଛି ଖୁସି ଅଛି, ମନ କି ଆକାଂକ୍ଷା ଅଛି । ଜୀବନ ସାରା ସମସ୍ତଙ୍କୁ ଦେଇ ଆସିଛନ୍ତି କାହାକୁ ମାଗିନାହାନ୍ତି । ତଥାପି ତାଙ୍କର ତ ଗୋଟେ ଖୁସି ଅଛି । ସେ ପଚାଶ ଟଙ୍କା ଦେଇ ପାରନ୍ତି କିନ୍ତୁ ଉପହାର ସ୍ୱରୂପ ପାଞ୍ଚ ଟଙ୍କାରେ ତାଙ୍କର ଖୁସି । ପୁଅ ଝିଅ ବାହାଘର କରି ମଧ ସେ ଆଜି ନିଜେ ରୋଷେଇ କରି ଅଲଗା ଖାଉଛି ବାପାଙ୍କୁ ମୁଠେ ଦେଉଛି । ଅର୍ଥ ଅଛି କିନ୍ତୁ ଖୁସି ନାହିଁ । ଅଲଗା ଖାଉଛନ୍ତି ବୋଲି କାହା ମନରେ ଦୁଃଖ ନାହିଁ କାରଣ ସମସ୍ତେ ଏବେ ଅବାଧ ପ୍ରବେଶ କରି ପାରିବେ ବାପା ମାଆଙ୍କ ପରିଧି ଭିତରକୁ । ଝୁଣି ପାରିବେ ତାଙ୍କ କଳିଜାକୁ । ମୂଲ୍ୟାଙ୍କନ କରିପାରିବେ ତାଙ୍କ ରକ୍ତ, ମାଂସର ଦାମକୁ । ସେମାନେ ହସି ହସି ବାଢି ପାରିବେ ପୁଅ ଝିଅ ଓ ନାତି, ନାତୁଣୀଙ୍କୁ । ବିନା ପ୍ରତିବାଦରେ । ଆଜି ତାଙ୍କୁ କ୍ୟାନ୍ସର । ଯେତେ ଟଙ୍କା ଅଛି ସବୁ କମ ପଡିଯାଉଛି ଏତେ ବଡ଼ ରୋଗକୁ । ଯେନେତେନ ପୁଅ ନେଇ ମେଡିକାଲରେ ଅପରେସନ କରିଦେଲା । ଏଥର ପ୍ରଶ୍ନ ଉଠିଲା ସେମାନେ ରହିବେ କୋଉଠି ? ତାଙ୍କର ଯତ୍ନ ନେବ କିଏ ? ଯୋଉମାନଙ୍କ ପାଇଁ ରୋଗ ବଇରାଗଠୁ ଆରମ୍ଭ କରି ପ୍ରତି ମୁହୂର୍ତ୍ତରେ ଛିଡା ହେଉଥିଲା ଏ ବୁଢ଼ୀ ମଣିଷଟା, ତାର ବିପଦ ବେଳକୁ କାହିଁ କିଏ ? କେହି ତ ମୋତେ ରଖ ଅନ୍ତତଃ ମୁଁ ଭଲ ହେବା ପର୍ଯ୍ୟନ୍ତ, ଦୁଃଖିନୀ ବୋଉର ଏତକ ଗୁହାରି ଶୁଣିବାକୁ କାହାର ବା ବେଳ ଅଛି !! ମାସକୁ ତାଙ୍କ ଖର୍ଚ୍ଚଠୁ ଅଧିକ ଦେବା ପାଇଁ ମଧ କହିବାରୁ କିଏ କହିଲା ମୋର ଛୋଟ ପିଲା ମୁଁ ରଖି ପାରିବିନି । କିଏ କହିଲା ତମ ଜୋଇଁ ମନା କରୁଛନ୍ତି ତ କିଏ ମା ସର୍ଜରି ଟେବୁଲରେ ଜୀବନ ସହ ସଂଘର୍ଷ କରୁଥିବା ବେଳେ ସେ କୋଉ ଷ୍ଟାର ଆସିବା ଅପେକ୍ଷାରେ ଥିଲା । ସବୁଠୁ ବଡ଼ ଦୁଃଖର କଥା ଯାହାକୁ ସେ ସବୁଠୁ ବେଶି ଭଲ ପାଉଥିଲା ସେ ବୋଉ ସର୍ଜରି ଟେବୁଲରେ ଶୋଇଥିବା ବେଳେ ପୂର୍ବରୁ ଦେଇଥିବା ଟଙ୍କା ତୁରନ୍ତ ଫେରାଇଦେବା ପାଇଁ ଫୋନ କରୁଥିଲା ।

ଆଜି ବୋଉ ସମ୍ପୂର୍ଣ୍ଣ ସୁସ୍ଥ । କଷ୍ଟ ଦୂର ହୋଇଗଲାଣି । ସମସ୍ତେ ଲାଗି ପଡିଛନ୍ତି କେମିତି ତାଙ୍କର ପ୍ରତିଟି ଅଙ୍ଗ, ପ୍ରତ୍ୟଙ୍ଗକୁ ଝୁଣି ଖାଇ ହେବ । ସେ ବୋଉ ପରା । ସବୁ ଭୁଲି ଯାଇଛି । କ୍ଷମା କରିଦେଇଛି ତାର ଉଦାର ପଣରେ । ଆଜି ସେ ଷୋଡଶୀ କନ୍ୟା ପାଲଟି ଯାଇଛି ସମସ୍ତଙ୍କ ସେବା ପାଇଁ । କିନ୍ତୁ ମୁଁ ପୃଥିବୀ ମାତା । ମୁଁ ବି ଗୋଟେ ମା, କେମିତି ସହିବି ତାର ଦୁଃଖ । ଆଦିରୁ ଅନ୍ତ ଯାଏ କି ସୁଖ ପାଇଲା ସେ । କେବଳ ଦୁଃଖ ଦୁଃଖ ଆଉ ଦୁଃଖ ।


+ସମ୍ପାଦିକା : ମୃଗତନ୍ତ୍ରା
ଯାଜପୁର ରୋଡ଼
ମୋ : ୯୬୫୮୯୪୧୮୫୯

## ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ

# ଅତ୍ୟାଧୁନିକ ବିଦ୍ୟୁତ ସୁରକ୍ଷା ତାଲିମ କେନ୍ଦ୍ର ସ୍ଥାପନ କରିବାକୁ ଶକ୍ତିମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୨୭/୬ (ନି.ପ୍ର): ରାଜ୍ୟରେ କାର୍ଯ୍ୟରତ ୪ଟି ବିଦ୍ୟୁତ ବିତରଣ କମ୍ପାନୀ ମିଳିତ ଭାବେ ଅତ୍ୟାଧୁନିକ ବିଦ୍ୟୁତ ସୁରକ୍ଷା ତାଲିମ କେନ୍ଦ୍ର ସ୍ଥାପନ କରିବାକୁ ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ପରାମର୍ଶ ଦେଇଛନ୍ତି । ଆଜି ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧିତ କରି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ଏହା କରିଛନ୍ତି । ସଂପ୍ରତି କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାୟନ ଓ ପ୍ରତି ଘରେ ବିଦ୍ୟୁତ ସେବା ଯୋଗୁଁ ବିଦ୍ୟୁତର ବହୁଳ ବ୍ୟବହାର ହେଉଛି ସେହି ଅନୁପାତରେ ଆମକୁ ସୁରକ୍ଷା ଉପକରଣ ଏବଂ ପ୍ରକ୍ରିୟାକୁ ଅଧିକ ଦକ୍ଷ ଭାବେ ସଂଚାଳନ କରିବାର ଆବଶ୍ୟକତା ରହିଥିବା କହି ସେ ପ୍ରତିଟି ଜୀବନ ମୂଲ୍ୟବାନ କଥା ଉଲ୍ଲେଖ କରିଥିଲେ ।

ଏହି ଅବସରରେ ଶକ୍ତି ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ଗତ ୫ ବର୍ଷର ବିଦ୍ୟୁତ ଦୁର୍ଘଟଣାରେ ଘଟିଥିବା ଉଭୟ ମାନବ ଓ ପ୍ରାଣୀଧନ ଜୀବନହାନିର ପରିସଂଖ୍ୟାନ ଉଲ୍ଲେଖ କରି ଏହାକୁ ଯଥାସମ୍ଭବ ହ୍ରାସ କରିବା ଦିଗରେ ଆମକୁ ଯତ୍ନ ନେବାକୁ ପଡ଼ିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟୁତ ସୁରକ୍ଷା ବିଶେଷଜ୍ଞ ଏସ୍. ଗୋପ କୁମାର ଯୋଗଦେଇ ବିଦ୍ୟୁତର ଘରୋଇ ବ୍ୟବହାର, ଶିକ୍ଷାନୁଷ୍ଠାନ ଏବଂ ବୃହତ୍ କାର୍ଯ୍ୟାଳୟ ଓ ହସ୍‌ପିଟାଲ୍ ଗୁଡ଼ିକରେ ଲଗାଯାଉଥିବା ଉପକରଣ, ପଦ୍ଧତି ଏବଂ ଦୁର୍ଘଟଣା ହେବାର କାରଣ ଓ ନିରାକରଣ, ସୁରକ୍ଷାର ଉପାୟ ଆଦି ବିଷୟରେ ଗଭୀର ଭାବେ ତାଙ୍କ ଅଧ୍ୟୟନ ଓ ଗବେଷଣାଲବ୍ଧ ଜ୍ଞାନର ସୁନ୍ଦର ବ୍ୟାଖ୍ୟାନ କରିଥିଲେ । ତେବେ ସେ ଜନସଚେତନତା ବୃଦ୍ଧି ଲାଗି ତାଙ୍କ ଅନୁଷ୍ଠାନ ନିଃଶୁଳ୍କ ଭାବେ ପରାମର୍ଶ, ତାଲିମ ପ୍ରଦାନ କରୁଥିବା ସେ ସୂଚିତ କରିଥିଲେ । ସେହିପରି ଅନ୍ୟତମ ଅତିଥି ଭାବେ ଟିପିଏନ୍‌ଓଡିଏଲ୍ ର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଭାସ୍କର ସର୍କାର ଟ୍ରାନ୍ସଫର୍ମରଗୁଡ଼ିକୁ ନିର୍ଦ୍ଦିଷ୍ଟ ଉଚ୍ଚତାର ବାଡ଼ଦେବା, ସୁରକ୍ଷା ନେଟ୍‌ୱାର୍କକୁ ସୁଦୃଢ଼ କରିବା, ହାତୀ କରିଡ଼ରଗୁଡ଼ିକରେ ବିଶେଷ ଯତ୍ନବାନ ହେବା ଉପରେ ଧାରଣା ଦେଇ ସେ କ୍ଷେତ୍ରରେ ତାଙ୍କ କମ୍ପାନୀ କିପରି ଗୁରୁତ୍ୱ ପ୍ରଦାନ କରିଆସୁଛି ତାହା ଦର୍ଶାଇଥିଲେ । ଏହି କାର୍ଯ୍ୟକ୍ରମକୁ ସର୍ବୋଚ୍ଚ ଯନ୍ତ୍ରୀ(ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ, ଶକ୍ତି ବିଭାଗ ସନ୍ତୋଷ କୁମାର ଦାସ ପରିଚାଳନା କରିଥିବାବେଳେ ମୁଖ୍ୟଯନ୍ତ୍ରୀ, ଟିସିଏଲ୍ ସୌରଜିତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତାକାଲିଠାରୁ ସପ୍ତାହ ବ୍ୟାପି ବିଭିନ୍ନ ବିତରଣ କମ୍ପାନୀ ସ୍ତରରେ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ତା'ଛଡ଼ା ରାଜ୍ୟସ୍ତରରେ ସୁରକ୍ଷାର ବିଭିନ୍ନ ବିଷୟରେ ୱେବିନାର ଆୟୋଜନ କରି ବ୍ୟାପକ ସଚେତନତା କରାଯିବ ବୋଲି ଜଣାପଡ଼ିଛି ।

# ମାଟ୍ରିକରେ ଶିକ୍ଷା ବିକାଶ ସମିତିର ସଫଳତା : ୫୮୨ ନମ୍ବର ରଖିଛନ୍ତି ୪ ଜଣ

ଭୁବନେଶ୍ୱର ,୨୭/୬ (ନି.ପ୍ର): ଶିକ୍ଷା ବିକାଶ ସମିତି, ଓଡ଼ିଶା ଆନୁକୁଲ୍ୟରେ ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ୨୦୨୧ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ରେଜଲ୍ଟ କରି ସଂଗଠନକୁ ଗୌରବାନ୍ୱିତ କରିଛନ୍ତି । ମୋଟ ୧୯ ହଜାର ୨୫୨ ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ 'ଏ-୧'ରେ ୧୧୮୫, 'ଏ-୨'ରେ ୫ ହଜାର ୨୫, 'ବି-୧'ରେ ୬ ହଜାର ୬୦୯, 'ବି-୨'ରେ ୪ ହଜାର ୩୪୪, 'ସି'ରେ ୨୦୫୬, 'ଡି'ରେ ୬୮୭ ଓ 'ଇ' ଗ୍ରେଡରେ ୩୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ସରସ୍ୱତୀ ବିଦ୍ୟା ମନ୍ଦିର, କେଶବଧାମ, କଟକର ଛାତ୍ର ତପନ କୁମାର ମହାନ୍ତ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅନୁଗୁଳର ଛାତ୍ର ସୌମ୍ୟ ସୌରଭ ତ୍ରିପାଠୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡାର ଛାତ୍ରୀ ସୁଶ୍ରୀ ସ୍ୱୟଂପ୍ରଭା ଚହଟରାୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠନଗର ଛାତ୍ରୀ ସୁଶ୍ରୀ ଅନ୍ୱେଷା ମହାରଣା ୫୮୨ ନମ୍ବର ରଖି ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବିକାଶ ସମିତି, ଓଡ଼ିଶାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି ।

# ପୁଲିସ ସବ୍‌ଇନ୍ସପେକ୍ଟର ନିଯୁକ୍ତି ପାଇଁ ବିପୁଳ ଉତ୍ସାହ: ଆବେଦନକାରୀ ତାଲିକାରେ ୨୦ରୁ ଊର୍ଦ୍ଧ୍ୱ ତୃତୀୟଲିଙ୍ଗୀ

ଭୁବନେଶ୍ୱର ,୨୭/୬ (ନି.ପ୍ର): ୨୭ ବର୍ଷ ପରେ ସବଇନ୍ସପେକ୍ଟର (ଏସ୍‌ଆଇ) ନିଯୁକ୍ତି କ୍ଷମତା ଓଡ଼ିଶା ପୁଲିସ ହାତକୁ ଫେରିଛି । ଓଡ଼ିଶା ପୁଲିସ ପକ୍ଷରୁ ଏକ ନିଯୁକ୍ତି ବୋର୍ଡ ଗଠନ କରାଯାଇ ଗତ ୧୨ ତାରିଖରେ ୪୭୭ ଏସ୍‌ଆଇ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଛି । କରୋନା ମହାମାରୀ ସମୟରେ ବି ଏହି ପଦରେ ନିଯୁକ୍ତି ପାଇଁ ରାଜ୍ୟବ୍ୟାପୀ ଯୁବକଯୁବତୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଛି । ଗତ ୧୨ ଦିନ ଭିତରେ ଏହି ପଦ ପାଇଁ ୨୫ହଜାର ୩୯୩ ଜଣ ପଞ୍ଜୀକରଣ କରିଥିବାବେଳେ ୧୦ ହଜାର ୧୭୩ ଜଣ ବିଧିବଦ୍ଧ ଭାବରେ ଆବେଦନ କରିଛନ୍ତି । ପ୍ରଥମ ଥର ପାଇଁ ଏହି ଚାକିରିରେ ଆବେଦନ କରିବାକୁ ତୃତୀୟଲିଙ୍ଗୀଙ୍କୁ ସୁଯୋଗ ଦିଆଯାଇଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ତୃତୀୟଲିଙ୍ଗୀ ଆବେଦନ କରିଛନ୍ତି । ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଆବେଦନ କରିବାର ସମୟସୀମା ରହିଥିବାରୁ ଆବେଦନକାରୀଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି କୁହାଯାଉଛି ।

ପୁଲିସ ସବ୍‌ଇନ୍ସପେକ୍ଟ ନିଯୁକ୍ତି ଦାୟିତ୍ୱ ପୂର୍ବରୁ ଷ୍ଟାଫ୍ ସିଲେକ୍ସନ କମିସନ ହାତରେ ରହିଥିଲା । କମିସନ ଶେଷ ଥର ପାଇଁ ଗତବର୍ଷ ୧୩୪ଜଣଙ୍କୁ ଏସ୍‌ଆଇ ନିଯୁକ୍ତି ଦେଇଥିଲା । ୨୦୧୫ ମସିହାରେ ଏହି ପଦ ପାଇଁ ପରୀକ୍ଷା ହୋଇଥିଲା । ଆବେଦନକାରୀ ୫ ବର୍ଷ ଅପେକ୍ଷା ପରିବା ପରେ ନିଯୁକ୍ତି ପାଇଥିଲେ । ଥାନାରେ ବିଭିନ୍ନ ମାମଲାର ତଦନ୍ତ ପାଇଁ ଏସ୍‌ଆଇମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ନିଯୁକ୍ତି ପ୍ରକ୍ରିୟାରେ ଷ୍ଟାଫ୍ ସିଲେକ୍ସନ କମିସନଙ୍କ ଏଭଳି ଅହେତୁକ ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏହି କ୍ଷମତା ପୁଲିସ ନିଜ ହାତକୁ ଆଣିବା ପାଇଁ ପୁଲିସ ମହାନିର୍ଦ୍ଦେଶକ ସରକାରଙ୍କୁ ନିବେଦନ କରିଥିଲେ । ତାଙ୍କ ନିବେଦନକୁ ଗ୍ରହଣ କରି ସରକାର ନିକଟ ଅତୀତରେ ଏହି ନିଯୁକ୍ତି କ୍ଷମତା ପୁଲିସକୁ ପ୍ରଦାନ କରିଛନ୍ତି ।

# ଅନଲାଇନ୍ ସୁରକ୍ଷା ଉପରେ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ

ଭୁବନେଶ୍ୱର,୨୭/୬ (ନି.ପ୍ର): ଇଂଟରନେଟ୍ ବ୍ୟବହାର ସମୟରେ ପିଲାମାନଙ୍କୁ ସାଇବର ଅପରାଧିଙ୍କ ଠାରୁ ଦୂରେଇ ରଖିବାରେ ଅଭିଭାବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । କେବଳ ଅଭିଭାବକ ନୁହନ୍ତି, ଶିଶୁ ଓ ମହିଳାମାନଙ୍କୁ ଏଭଳି ଅପରାଧରୁ ଶିକାର ହେବାରୁ ଦୂରେଇ ରଖିବାକୁ ବ୍ୟାପକ ଜନସେଚତନା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ସ୍ୱେଚ୍ଛାସେବୀ ସଂସ୍ଥା ପିପୁଲସ କଲଚରାଲ ସେଂଟର (ପିକକ) ଓ ଫୋରାଲଡ୍ରାଲୋସା ବାର୍ଣ୍ଣ ର ମିଳିତ ସହଯୋଗରେ ଅନଲାଇନ୍ ସୁରକ୍ଷା ଉପରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କର୍ମଶାଳାରେ ଏଭଳି ମତପ୍ରକାଶ ପାଇଛି ।

କର୍ମଶାଳର ପ୍ରାରମ୍ଭରେ ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଲୋକଙ୍କ ସାଇବର ଅପରାଧର ଭୟାବହତା ଓ ଏହାର ନିରାକରଣ ସଂକ୍ରାନ୍ତରେ ସୂଚନା ଦେଇଥିଲେ । ପିକକର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କହିଲେ ଯେ କୋଭିଡ ମହାମାରୀ ସମୟରେ ସାଇବର କ୍ରାଇମ ବଢ଼ିଥିବାବେଳେ ଅନଲାଇନ୍ ନିରାପତା ମଧ୍ୟ ବିପନ୍ନ ହୋଇଛି । କୋଭିଡ କଟକଣା ଯୋଗୁଁ ସମସ୍ତେ ଘରେ ରହିବାରୁ ଗାଁ ଠୁ ସହର ପର୍ଯ୍ୟନ୍ତ ସୋସିଆଲ ମିଡିଆରେ ସକ୍ରିୟ ରହୁଛନ୍ତି । ଇଂଟରନେଟ୍ ବ୍ୟବହାରର ଭଲମନ୍ଦ ବିଷୟରେ ଆମେ ଜାଣିପାରୁନଥିବାରୁ ଅନଲାଇନ ଜରିଆରେ ମିଛ ବାହାଘର ଓ ଶିଶୁ ଚାଲାଣ ଭଳି ଘଟଣା ବି ବହୁ ପରିମାଣରେ ହେଉଛି ଆମେ ଯଦି ହୁସିଆର ନରହି ଏହାକୁ ବ୍ୟବହାର କଲେ ଅସୁବିଧାରେ ପଡିବା ।

କର୍ମଶାଳାରେ ଆଡପସନ ସେଂଟ୍ରମର ଜାତୀୟ ନିର୍ଦ୍ଦେଶିକା ରୁବି ରାଉତ କହିଲେ ଯେ ଆମେ ପିଲାଙ୍କ ପାଇଁ ସମୟ ଦେଇପାରୁନୁ । କେଉଁ ସାଇଟ୍ କୁ ଯିବା ଓ କେଉଁଠିକୁ ଯିବାନି ସେ ସଂକ୍ରାନ୍ତରେ ପିଲାମାନେ ଭଲଭାବେ ଜାଣିବା ଦରକାର । ଯୁବଗୋଷ୍ଠିଙ୍କ ପାଇଁ ଆମକୁ ସମୟ ଦେବା ସହିତ ବଢୁଥିବା ସାଇବର କ୍ରାଇମ କାହିଁକି ବଢୁଛି ସେ ସଂକ୍ରାନ୍ତରେ ଜାଣିବା ଦରକାର । ପିକକର ଅଧ୍ୟକ୍ଷା ଡକ୍ଟର ମିନାକ୍ଷୀ ପଣ୍ଡା କହିଥିଲେ ଯେ ସାଧାରଣ ଲୋକଙ୍କୁ ଇଂଟରନେଟ୍ ସୁରକ୍ଷା ବିଷୟରେ ବୁଝାଇବାକୁ ପଡିବ । ଏହି ଆଲୋଚନାଚକ୍ରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା, ଆଶା, ଅଙ୍ଗନବାଡି, ପଂଚାୟତ ପ୍ରତିନିଧି, ଏସଏଚଜି ସଦସ୍ୟା ଓ ଛାତ୍ରଛାତ୍ରୀମାନେ ଯୋଗଦେବା ସହିତ ପ୍ରଶ୍ନ ପଚାରୀ ସେମାନଙ୍କ ମଧ୍ୟରେ ଥିବା ଦ୍ୱନ୍ଦ ଦୂର କରିଥିଲେ ।

# ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର ପାରମ୍ପରିକ କଳା: ଗଣ୍ଡ ଚିତ୍ରକଳା

ଭୁବନେଶ୍ୱର,୨୭/୬ (ନି.ପ୍ର): କରୋନା ସଂକ୍ରମଣ ଯୋଗୁଁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟ ଜନଜାତ ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର ବ୍ୟବ ସ୍ଥା କରାଯାଇଛି । ଆସନ୍ତାକାଲି (ରବିବାର) ଦିନ ଦର୍ଶକ ମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ମାଧ୍ୟମରେ ପାରମ୍ପରିକ କଳା, ଗଣ୍ଡ ଚିତ୍ରକଳା ଦେଖିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଭାରତର କେନ୍ଦ୍ରାଂଚଳରେ ଥିବା ରାଜ୍ୟ ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ରର ପୂର୍ବଭାଗ ଓ ଛତିଶଗଡ଼ଠାରେ ସର୍ବାଧିକ ଜନଜାତି ଗୋଷ୍ଠୀ ଭାବେ ଗଣ୍ଡ ଜନଜାତି ଗୋଷ୍ଠୀ ବସବାସ କରିଥାନ୍ତି । ଓଡ଼ିଶାର ନବରଙ୍ଗପୁର, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲା ଗଣ୍ଡ ଜନଜାତି ଗୋଷ୍ଠୀଙ୍କ ବାସସ୍ଥାନ । କନ୍ଧ ଜନଜାତି ପରେ ଓଡ଼ିଶାରେ ବାସ କରୁଥିବା ଜନଜାତିଙ୍କ ମଧ୍ୟରେ ଗଣ୍ଡ ସର୍ବବୃହତ ଜନଜାତି ଅଟନ୍ତି । ପ୍ରତ୍ୟେକ ଗଣ୍ଡ ପରିବାର ଆନୁଷ୍ଠାନିକ ପୂଜାରୀତି ସମୟରେ କାନ୍ଥରେ ଚିତ୍ରକଳା ଅଙ୍କନ କରି ପାଳନ କରିଥାନ୍ତି । ପ୍ରତ୍ୟେକ ଗୋତ୍ରର ପ୍ରତୀକ ଭାବେ ଗୃହୀତ ଜୀବଜନ୍ତୁଙ୍କ ପ୍ରତିକୃତିକୁ ନେଇ କାନ୍ଥରେ ଚିତ୍ର ଅଙ୍କନ ସହିତ ପୂଜା କରାଯାଇଥାଏ । ବିଭିନ୍ନ ଗୋତ୍ରର ପ୍ରତୀକ ହେଉଛନ୍ତି ବ୍ୟାଘ୍ର, ମୟୂର, କଇଁଛ, ଛଂଚାଣ, ହାତୀ, ସର୍ପ । ଭାରତର ଗଣ୍ଡ ଚିତ୍ରକଳା ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ବେଶ୍ ସୁଖ୍ୟାତି ଅର୍ଜନ କରିଛି । ଓଡ଼ିଶାର ଗଣ୍ଡ ଜନଜାତିଙ୍କର ଚିତ୍ରକଳାରେ ବିଶେଷତା ରହିଛି । ଆଗରୁ ଚିତ୍ରକଳାରେ କୃତ୍ରିମ ରଙ୍ଗ ବ୍ୟବହାର ହେଉନଥିଲା । ପ୍ରାକୃତିକ ରଙ୍ଗ ନାଲିମାଟି ଓ ଦୀପର କଳାକୁ ସେମାନେ ରଙ୍ଗ ଭାବେ ବ୍ୟବହାର କରୁଥିଲେ । ସମୟର ପରିବର୍ତନ ସହିତ ଏଥିରେ ମଧ ପରିବର୍ତନ ହୋଇଛି । ସଂପ୍ରତି ଗଣ୍ଡ ଚିତ୍ରକଳାରୁ ଆର୍ଥିକ ଲାଭ ମିଳିବା ସହିତ ଏହି ଜନଜାତି ଗୋଷ୍ଠୀର ରୋଜଗାରରେ ସହାୟକ ହୋଇପାରିଛି । ଏବେ ଗଣ୍ଡ ଚିତ୍ରକଳାରେ କାନ୍‌ଭାସ୍ ଓ ଏକ୍ରିଲିକ୍ ରଙ୍ଗ ବ୍ୟବହାର କରାଯାଉଛି ।

# ଟିକା ଅନୁପାତରେ ପରିବର୍ତ୍ତନ ପାଇଁ ଦାବି କଲା ଓଡ଼ିଶା

ଭୁବନେଶ୍ୱର,୨୭/୬ (ନି.ପ୍ର): ଟିକା ଅନୁପାତରେ ପରିବର୍ତ୍ତନ ପାଇଁ ଚିଠି ଲେଖିଲା ଓଡ଼ିଶା । ଘରୋଇ ହସ୍ପିଟାଲକୁ ୨୫ ପ୍ରତିଶତ ପରିବର୍ତେ ୫ ପ୍ରତିଶତ ଟିକା ଯୋଗାଣ ପାଇଁ ଦାବି । ପରିବର୍ତିତ କୋଭିଡ ଟିକାକରଣ ଗାଇଡ ଲାଇନ ଅନୁଯାୟୀ, ଘରୋଇ ହସ୍ପିଟାଲଗୁଡ଼ିକ ଟିକା ପ୍ରସ୍ତୁତ କମ୍ପାନି ଠାରୁ ସିଧାସଳଖ ଭାବେ ୨୫ ପ୍ରତିଶତ ଟିକା କିଣିପାରିବେ । ଏବେ ସୁଦ୍ଧା ଓଡ଼ିଶାର ୭ଟି ହସ୍ପିଟାଲ କମ୍ପାନୀଠାରୁ ଟିକା ପାଇଛନ୍ତି । ଓଡ଼ିଶାରେ ଲୋକସଂଖ୍ୟା ଅନୁପାତରେ ଘରୋଇ ହସ୍ପିଟାଲ ସଂଖ୍ୟା ବହୁତ କମ୍ । ଏହା ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ମାତ୍ର ୫ ପ୍ରତିଶତ ।

ଏଥିରୁ ଆଶଙ୍କା କରାଯାଉଛି ଯେ ପ୍ରଚଳିତ ଗାଇଡଲାଇନ ଅନୁସାରେ ରାଜ୍ୟ ତାର ୨୫ ପ୍ରତିଶତ ଟିକା ଅନୁଦାନକୁ ହରାଇବ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସଚିବଙ୍କୁ ଏନେଇ ଅବଗତ କରି ସାରିଛନ୍ତି । ଏହି ୭୫ ଓ ୨୫ ଅନୁପାତକୁ ପରିବର୍ତ୍ତନ କରି ୯୫ ଓ ୫ ପ୍ରତିଶତ କରିବା ପାଇଁ ସେ ଦାବି କରିଛନ୍ତି । ଏହାଫଳରେ ରାଜ୍ୟର ଅନୁପାତ ହାରରେ ଘରୋଇ ହସ୍ପିଟାଲଗୁଡିକ ଆବଶ୍ୟକ ଟିକା କିଣି ପାରିବେ ।

# କଳା କୃଷି ଆଇନ ବାତିଲ୍ ଦାବିରେ ରାଜଭବନ ଘେରାଉ

ଭୁବନେଶ୍ୱର,୨୭/୬ (ନି.ପ୍ର): କଳା କୃଷି ଆଇନ୍ ବାତିଲ ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ରାଘଭବନ ଘେରାଉ ଡ଼ାକରାକୁ ସମର୍ଥନ ଜଣାଇ ଆଜି 'ଆମ ଅଧିକାର' ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପ୍ରବଳ ବର୍ଷା ଓ ପ୍ରତିକୂଳ ପାଗ ସତ୍ୱେ, କୋଭିଡ଼ କଟକଣାକୁ ଦୃଷ୍ଟିରେ ରଖି ଆମ ଅଧିକାର ପକ୍ଷରୁ ଏଜି ଛକରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରିଥିଲା । କୃଷି ଓ କୃଷକ ବିରୋଧୀ କଳା ଆଇନ ବିରୋଧୀ ପ୍ଲାକାର୍ଡ଼ ଓ ବ୍ୟାନର ଧରି କର୍ମକର୍ତାମାନେ ରାଜଭବନ ସମ୍ମୁଖରେ ବିକ୍ଷୋଭ କରିଥିଲେ । ସଂଗଠନର ରାଜ୍ୟ ଅବାହାକ ଅମିୟ ପାଣ୍ଡବ, ସାଧାରଣ ସମ୍ପାଦକ ଗଣେଶ ଦାଶ, ସଞ୍ଜୟ କୁମାର ପରିଡ଼ା, ବିଶ୍ୱଭୂଷଣ ମହାପାତ୍ର ଓ ଶଙ୍କର ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜଭବନ କର୍ତୃପକ୍ଷଙ୍କୁ ସାକ୍ଷାତ୍ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଏହି ଆଇନ ପ୍ରତ୍ୟାହାର ନହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଗଠନର ନେତୃବୃନ୍ଦ ଘୋଷଣା କରିଛନ୍ତି ।

# ଅଣସଂକ୍ରାମକ ରୋଗକୁ ରୋକିବା ପାଇଁ ପ୍ୟାକେଜ୍ ଖାଦ୍ୟରେ ପୁଷ୍ଟିକର ମାତ୍ରାକୁ ସ୍ୱଷ୍ଟ ପ୍ରକାଶ କରାଯାଉ

ଭୁବନେଶ୍ୱର ,୨୭/୬ (ନି.ପ୍ର): ଅଣସଂକ୍ରାମକ ରୋଗକୁ ରୋକିବାରେ ପ୍ୟାକେଜ୍ ଫୁଡ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ୟାକେଜ୍ ଫୁଡ୍‌କୁ ଅଧିକ ପୁଷ୍ଟିକର ଓ ସୂଚନାତ୍ମକ କରାଯିବ, ସେନେଇ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ମହାରାଷ୍ଟ୍ରର ଗୁରୁକୃପା ବିକାଶ ସଂସ୍ଥା, ଓଡ଼ିଶାର ହେଲ୍ଥ ଏବଂ ରୁରାଲ ଡେଭଲପମେଣ୍ଟ ଆକ୍ସନ ସେଲ୍ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଖାଦ୍ୟ ଶିଳ୍ପ ପ୍ରତିନିଧି, ଡାକ୍ତର, ସରକାରୀ ଅଧିକାରୀ ଏବଂ ୫୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ଆଲୋଚନା କରିଥିଲେ । ଏହାକୁ 'ପୁଷ୍ଟିକର ପ୍ରଥମ'ର ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଅମଳିନ ପଟ୍ଟନାୟକ ପରିଚାଳନା କରିଥିଲେ ।

ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ପି.କେ.ବି ପଟ୍ଟନାୟକ ଅଂଶଗ୍ରହଣ କରି କହିଥିଲେ, ଆଜିକାଲି ଗାଁ ଗହଳ ଓ ସହରରେ ପ୍ୟାକେଜ୍ ଫୁଡ୍ ସହଜରେ ଉପଲବ୍ଧ । କିନ୍ତୁ ଅନେକ କ୍ଷେତ୍ରରେ ଏଥି ମଧ୍ୟରେ ପୁଷ୍ଟିକର ମାତ୍ରାରେ ଅସାମଞ୍ଜସ୍ୟ ହେତୁ ଏହା ଅଣସଂକ୍ରାମକ ରୋଗକୁ ପ୍ରୋତ୍ସାହିତ କରିଥାଏ । ମେଦବହୁଳତା, ମଧୁମେହ ଏବଂ ହୃଦ୍‌ରୋଗ ପରି ଅନେକ ଅଣସଂକ୍ରାମକ ରୋଗରେ ପୀଡ଼ିତ ଲୋକମାନେ କୋଭିଡ୍ ସଂକ୍ରମଣ ପ୍ରତି ଅଧିକ ସମ୍ବେଦନଶୀଳ । ତେଣୁ ପ୍ୟାକେଜ୍ ଫୁଡ୍‌କୁ ଅଧିକ ସ୍ୱାସ୍ଥ୍ୟ ଉପଯୋଗୀ କରିବା ପାଇଁ ପ୍ୟାକେଜ୍ ସମ୍ମୁଖରେ ସ୍ୱଷ୍ଟ ସୂଚନା ଦେବା ଆବଶ୍ୟକ । ଖାଦ୍ୟ ଶିଳ୍ପାନୁଷ୍ଠାନମାନେ ଏହାକୁ ପାଳନ କରିବା ଜରୁରୀ । ଆଲୋଚନାରେ ବିକଳାନନ୍ଦ କର, ରୁଚି, ଫ୍ରଜିଟ୍, ଏସାର ବେକେରି, ରୁଚକ ଇଣ୍ଡିଆ ସ୍ନାକ୍ସ ଏବଂ କଳିଙ୍ଗ ବେକେରି ଆଦି ବିଭିନ୍ନ ଖାଦ୍ୟ ଶିଳ୍ପସଂସ୍ଥାର ପ୍ରମୁଖ ପ୍ରତିନିଧିମାନେ ଅଂଶଗ୍ରହଣ କରିବା ସହ ପୁଷ୍ଟିକର ଖାଦ୍ୟ ଓ ଉପଯୁକ୍ତ ମାତ୍ରାକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ପ୍ରତିବଦ୍ଧତା ଦର୍ଶାଇଥିଲେ ।

କାର୍ଯ୍ୟକ୍ରମରେ ଓଡ଼ିଶା ଖାଦ୍ୟ ସୁରକ୍ଷା ବିଭାଗର ନିଯୁକ୍ତ ଅଧିକାରୀ ସତ୍ୟଜିତ ପଟେଲ ଓ ସନ୍ତୋଷ ମହାପାତ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ସହଯୋଗୀ ପ୍ରଫେସର ଡା. ସିକତା ନନ୍ଦ ପ୍ରମୁଖ ଯୋଗଦେଇ ମତ ରଖିଥିଲେ ।

## କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନବ ଦାସଙ୍କ ଚିଠି

# ସରକାରୀ ଓ ଘରୋଇ ହସ୍ପିଟାଲ ଟିକା ଅନୁପାତ ପରିବର୍ତ୍ତନ କରାଯାଉ

ଭୁବନେଶ୍ୱର,୨୭/୬ (ନି.ପ୍ର): ସରକାରୀ ଓ ଘରୋଇ ହସ୍ପିଟାଲ ଟିକା ଅନୁପାତ ପରିବର୍ତନ ପାଇଁ ଦାବି କରିଛି ଓଡିଶା । ଘରୋଇ ହସ୍ପିଟାଲକୁ ୨୫ ପ୍ରତିଶତ ପରିବର୍ତେ ୫ ପ୍ରତିଶତ ଟିକା ଯୋଗାଣ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଚିଠି ଲେଖିଛନ୍ତି । କେନ୍ଦ୍ର ସରକାର ଘରୋଇ ହସ୍ପିଟାଲକୁ ୨୫ ପ୍ରତିଶତ ଟିକା ଦେବାକୁ କହିଛନ୍ତି । ଘରୋଇ ହସ୍ପିଟାଲ କମ୍ ଥିବାରୁ ଟିକା ଅନୁପାତକୁ ୯୫ :୫ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଦାବି କରିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ପରିବର୍ତିତ କୋଭିଡ ଟିକାକରଣ ଗାଇଡ ଲାଇନ ଅନୁଯାୟୀ, ଘରୋଇ ହସ୍ପିଟାଲଗୁଡ଼ିକ ଟିକା ପ୍ରସ୍ତୁତ କମ୍ପାନି ଠାରୁ ସିଧାସଳଖ ଭାବେ ୨୫ ପ୍ରତିଶତ ଟିକା କିଣିପାରିବେ । ଏବେ ସୁଦ୍ଧା ଓଡ଼ିଶାର ୭ଟି ହସ୍ପିଟାଲ କମ୍ପାନୀଠାରୁ ଟିକା ପାଇଛନ୍ତି । ଓଡ଼ିଶାରେ ଲୋକସଂଖ୍ୟା ଅନୁପାତରେ ଘରୋଇ ହସ୍ପିଟାଲ ସଂଖ୍ୟା ବହୁତ କମ୍ । ଏହା ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ମାତ୍ର ୫ ପ୍ରତିଶତ । ଏଥିରୁ ଆଶଙ୍କା କରାଯାଉଛି ଯେ ପ୍ରଚଳିତ ଗାଇଡଲାଇନ ଅନୁସାରେ ରାଜ୍ୟ ତାର ୨୫ ପ୍ରତିଶତ ଟିକା ଅନୁଦାନକୁ ହରାଇବ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସଚିବଙ୍କୁ ଏନେଇ ଅବଗତ କରି ସାରିଛନ୍ତି । ଏହି ୭୫ ଓ ୨୫ ଅନୁପାତକୁ ପରିବର୍ତନ କରି ୯୫ ଓ ୫ ପ୍ରତିଶତ କରିବା ପାଇଁ ସେ ଦାବି କରିଛନ୍ତି । ଏହାଫଳରେ ରାଜ୍ୟର ଅନୁପାତ ହାରରେ ଘରୋଇ ହସ୍ପିଟାଲଗୁଡିକ ଆବଶ୍ୟକ ଟିକା କିଣି ପାରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

# କଂଗ୍ରେସ ଓ ବିଜେପି ବସ୍ତିବାସିନ୍ଦାଙ୍କ ଥଇଥାନ ବିରୋଧୀ : ପ୍ରତାପ ସାହୁ

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବସ୍ତି ଥଇଥାନ ନୀତିକୁ ବିରୋଧୀମାନେ ସମର୍ଥନ କରନ୍ତୁ

ଭୁବନେଶ୍ୱର,୨୭/୬ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ କ୍ରମେ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନା ଗତକାଲି ୭୦ ହଜାର ବସ୍ତିବାସିନ୍ଦାମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ବିଜେପି ଓ କଂଗ୍ରେସ ଘୋର ବିରୋଧ କରୁଥିବାରୁ ଏହାକୁ ଓଡ଼ିଶା ବସ୍ତି ସଂଘର୍ଷ ସମିତିର ରାଜ୍ୟ ସଭାପତି ପ୍ରତାପ ସାହୁ ତୀବ୍ର ବିରୋଧ କରିଛନ୍ତି । ଶ୍ରୀଯୁକ୍ତ ସାହୁ କହିଛନ୍ତି ଯେ, ବିଜେପି ଓ କଂଗ୍ରେସ ଯେଉଁଭଳି ଭାବରେ ବସ୍ତିବାସିନ୍ଦାଙ୍କ ଥଇଥାନ ଉପରେ ହୀନ ଟିପ୍ପଣୀ ଦେଇଛନ୍ତି ତାହା ଗରିବ ବସ୍ତିବାସିନ୍ଦାଙ୍କ ପ୍ରତି ଏକ ଉପହାସ ସଦୃଶ । ଜମି ପଟ୍ଟା ଯୋଗାଇ ଦେବା ପାଇଁ ଓଡ଼ିଶା ବସ୍ତି ସଂଘର୍ଷ ସମିତି ଦୀର୍ଘ ୨୦ ବର୍ଷ ଧରି ରାଜ୍ୟ ସରକାରଙ୍କ ନିକଟରେ ନିବେଦନ କରି ଆସୁଥିଲେ ଯାହା ଏବେ ପୂରଣ ହେବାକୁ ଯାଉଛି । କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ରାଜ୍ୟ ସରକାର ଗୋଟିଏ ପଟେ ବସ୍ତିବାସିନ୍ଦାମାନଙ୍କୁ ଥଇଥାନ କରିବାକୁ ପଦକ୍ଷେପ ନେଉଥିବା ବେଳେ ବିଜେପି ଓ କଂଗ୍ରେସ ତାହାକୁ ବିରୋଧ କରିବା ଏକ ଦୁର୍ଭାଗ୍ୟର ବିଷୟ ବୋଲି



ବସ୍ତିବାସିନ୍ଦାମାନେ କହିଛନ୍ତି । ଆଗକୁ ବସ୍ତିବିରୋଧୀ ଏହି ଦୁଇ ପ୍ରମୁଖ ରାଜନୈତିକ ଦଳକୁ ଉଚିତ ଜବାବ ଦିଆଯିବ ବୋଲି ଶ୍ରୀଯୁକ୍ତ ସାହୁ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

# 'ଅରୂପା' ତରଫରୁ ହସ୍ତଶିଳ୍ପ କାରିଗର ପରିବାରଙ୍କୁ କରୋନା ସହାୟତା ପ୍ରଦାନ

ଭୁବନେଶ୍ୱର,୨୭/୬ (ନି.ପ୍ର): ଅରୂପା (ଓଡ଼ିଶାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉତ୍ପାଦକ ସଂଘ) ଯେ କି ୧୯୯୦ ମସିହାରୁ ଓଡ଼ିଶାର ୩୦ଟି ଜିଲ୍ଲାର ହସ୍ତଶିଳ୍ପ କାରିଗରଙ୍କ ତଥା ବୁଣାକାରମାନଙ୍କ ସର୍ବାଙ୍ଗୀନ ଉନ୍ନତୀ ପାଇଁ କାର୍ଯ୍ୟ କରି ଆସୁଛନ୍ତି । ହସ୍ତଶିଳ୍ପ ବିକ୍ରିବଟା ଠାରୁ ଆରମ୍ଭ କରି କୌଶଳ ବୃଦ୍ଧି, ନୂତନ ଡିଜାଇନ ପ୍ରସ୍ତୁତି, ଦକ୍ଷତା ବିକାଶ କର୍ମଶାଳା, କାରିଗରମାନଙ୍କର ପରିଚୟ ପତ୍ର ପ୍ରଦାନ, କାରିଗରମାନଙ୍କର ସ୍ୱାସ୍ଥ୍ୟବୀମା ଯୋଜନା, ବିଭିନ୍ନ ଜିଲ୍ଲାର ସଦର ମହକୁମାରେ ଏବଂ ଭାରତର ବିଭିନ୍ନ ରାଜ୍ୟରେ ସର୍ବଭାରତୀୟ ପ୍ରଦର୍ଶନୀ ଆୟୋଜନ କରି ସିଧାସଳଖ ଭାବେ କାରିଗରମାନଙ୍କୁ ଏବଂ ବୁଣାକାରମାନଙ୍କୁ ସୁଯୋଗ ଦେଇଥାଏ । ମହାମାରୀ କରୋନା ସମୟରେ କାରିଗରମାନେ କାମଧନ୍ଦା ହରାଇ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ବିଶେଷ କରି କାରିଗରମାନଙ୍କର ଜିନିଷ ପତ୍ର ବିକ୍ରିବଟା ନହେବା, ଉପଯୁକ୍ତ କଞ୍ଚାମାଲ ନମିଳିବା, ସରକାରଙ୍କ ଠାରୁ କରୋନା ସହାୟତା ନମିଳିବା ଏବଂ ବିଭିନ୍ନ ସ୍ଥାନରେ ହେଉଥିବା ପ୍ରଦର୍ଶନୀ ବନ୍ଦ ରହିବା ଫଳରେ ସେମାନଙ୍କର ଜୀବନ ଜୀବିକା ଠପ ହୋଇଯାଇଛି । ଏହିସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରସ୍ଥିତ ୨୦ଗୋଟି ହସ୍ତଶିଳ୍ପ ପରିବାରଙ୍କୁ 'ଅରୂପା' କରୋନା ସହାୟତା ପ୍ରଦାନ କରିବାକୁ ଆଗେଇ ଆସିଅଛି । ୨୪.୦୬.୨୦୨୧ ଦିବା ୧୧ଘଟିକା ସମୟରେ ଅରୂପା କାର୍ଯ୍ୟାଳୟ ପରିସର, ପ୍ରଥମ ମହଲା, କ୍ରିଷ୍ଣା ଟାୱାର, ଇସକନ ମନ୍ଦିର ସାମନା, ନୟାପଲ୍ଲୀ, ଭୁବନେଶ୍ୱର ଠାରେ ୨୦ଗୋଟି ହସ୍ତଶିଳ୍ପ ପରିବାରଙ୍କୁ ରେସନ ସାମଗ୍ରୀ ଏବଂ ସାନିଟାଇଜର ଆଦି ସହାୟତା ପ୍ରଦାନ କରାଯିବ । ବିଶେଷ କରି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ହସ୍ତଶିଳ୍ପ କାରିଗର, ଓଡ଼ିଶା ସରକାରଙ୍କ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିଳ୍ପୀ କାରିଗର ଆଦି ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ଭାଗନେଇ ଉକ୍ତ ସାମଗ୍ରୀ ନେବେ ବୋଲି ସୂଚନା ଦିଆଯାଇଛି । ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ପ୍ରଭାକର ମହାରଣା, ସମ୍ମାନୀତ ଅତିଥି ଭାବରେ ଅରୂପାର ପ୍ରତିଷ୍ଠାତା ତଥା ବର୍ତ୍ତମାନର ସଭାପତି ପ୍ରଫେସର ଏସ.ପି.ଦାସ, ଅରୂପାର କୋଷାଧକ୍ଷ ଚାନ୍ଦୁଆ ଶିଳ୍ପୀ ଶ୍ରୀମତୀ ଶାନ୍ତିଲତା ପରିଡା ଏବଂ ବୟୋଜ୍ୟେଷ୍ଠ ଟେରାକୋଟା କାରଗର ଶିଳ୍ପୀ ଶ୍ରୀ ମନ୍ଦର ରଣା, ଅରୂପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅଶୋକ କୁମାର ସାହୁ ସୂଚନା ଦେଇଛନ୍ତି । ଏହିପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜାରି ରହିବ ବୋଲି ଶ୍ରୀ ସାହୁ ମତ ବ୍ୟକ୍ତବ୍ୟ ପ୍ରଦାନ କରିଛନ୍ତି ।

# ଭକ୍ତର ଆସ୍ଥା, ବିଶ୍ୱାସ, ସମର୍ପଣ ଓ ଅନୁଭବରେ ଠାକୁର ବିଶ୍ୱବନ୍ଦିତ : ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର,୨୭/୦୬(ନି.ପ୍ର): ଆସ୍ଥା ଓ ବିଶ୍ୱାସର ଦେବତା ଶ୍ରୀ ଜଗନ୍ନାଥ, ଭକ୍ତ ଙ୍କ ଭାବ,ଭକ୍ତି, ସମର୍ପଣ ଓ ଅନୁଭବରେ ଆଜି ବିଶ୍ୱ ଦେବତା ହୋଇପାରିଛନ୍ତି ବୋଲି କହିଛନ୍ତି ରାଜ୍ୟ ପର୍ଯ୍ୟଟନ,ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ଶ୍ରୀ ଶ୍ରୀ କ୍ଷେତ୍ର ସୂଚନା ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ଭର୍ଚୁଆଲ ପ୍ଲାଟଫର୍ମରେ, 'ମୋ ଅନୁଭୂତି ରେ ଶ୍ରୀ ଜଗନ୍ନାଥ 'ଶୀର୍ଷକ ଆଲୋଚନା ଚକ୍ର କୁ ଉଦଘାଟନ କରି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ କୋଭିଡ କଟକଣା ମଧ୍ୟରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଶୃଙ୍ଖଳିତ ଓ ସଫଳ ହେବାର ନିବେଦନ ରଖିଥିଲେ। ବେଦ ଓ ଶଂଖଧ୍ୱନି ମଧ୍ୟରେ ସିଂହଦ୍ୱାର ଠାରେ ସେବାୟତ ସୌମେନ୍ଦ୍ର ମୁଦାଲି ପ୍ରଦୀପ ପ୍ରଜ୍ଜ୍ୱଳନ ମଧ୍ୟରେ ଆରମ୍ଭ ହୋଇଥିବା ଏହି ଆଲୋଚନା ଚକ୍ର କୁ ଉପଦେଷ୍ଟା ଗୀତିକାର ବଦ୍ରିମିଶ୍ର ସ୍ୱାଗତ କରିଥିବା ବେଳେ ସଂପାଦକ ରାଜେଶ କୁମାର ମହାନ୍ତି ସଂଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଜନା ବୋର୍ଡର ମାନ୍ୟବର ଉପାଧକ୍ଷ ଶ୍ରୀ ସଂଜୟ କୁମାର ଦାସବର୍ମା,ପୁରୀ ର ମାନ୍ୟବର ବିଧାୟକ ଶ୍ରୀ ଜୟନ୍ତ କୁମାର ଷଡଙ୍ଗୀ, ପୋଲିସ କମିଶନର ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ସି.ଏମ୍.ଡି; ନାଲକୋ ଶ୍ରୀଧର ପାତ୍ର, କୁଳପତି, ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, (ଗୁଜରାଟ) ଶ୍ରୀ ଗୋପବନ୍ଧୁ ମିଶ୍ର, ଅନୁଷ୍ଠାନର ଅଧକ୍ଷ କ୍ୟାପଟେନ ପ୍ରଭାକର ଶତପଥୀ, ଅନୁଷ୍ଠାନର ଉପଦେଷ୍ଟା ଶ୍ରୀ ହରେକୃଷ୍ଣ ଶତପଥୀ, ଓଡିଶା ଭାଷା ପ୍ରତିଷ୍ଠାନ ର ପୂର୍ବତନ ନିର୍ଦ୍ଦେଶକ ଶ୍ରୀ କୈଳାଶ ଚନ୍ଦ୍ର ଟିକାୟତରାୟ,ଅନୁଷ୍ଠାନର ଉପଦେଷ୍ଟା ଡ: ଭଗବାନ ଜୟସିଂହ, ଶ୍ରୀ ଜଗନ୍ନାଥଙ୍କ ବରିଷ୍ଠ ସେବାୟତ ପ୍ରଫେସର ସୌମେନ୍ଦ୍ର ମୁଦାଲି,ଦଇତା ନିଯୋଗ ସଭାପତି ଶ୍ରୀ ରବିନାରାୟଣ ଦାସ ମହାପାତ୍ର, ଶ୍ରୀଦେବ ନନ୍ଦ,ନିୟନ୍ତ୍ରକ, ସି.ଏସ୍.ଆଇ.ଆର୍, ଭାରତ ସରକାର(ନୂଆ ଦିଲ୍ଲୀ), ରକ୍ଷକ ନାୟକ,ଲୋକ ସମ୍ପର୍କ ଅଧିକାରୀ, ରାଜଭବନ,ଓଡିଶା, ଶ୍ରୀ ଅରବିନ୍ଦ ସ୍ୱାଇଁ, (ଯୁକ୍ତରାଷ୍ଟ୍ର ଆମେରିକା),ତନୟା ପଟ୍ଟନାୟକ, କାର୍ଯ୍ୟକାରୀ ନିର୍ଦ୍ଦେଶିକା,ସମ୍ବାଦ ଗୃପ୍, ବରିଷ୍ଠ ଆଇନଜୀବୀ ଶ୍ରୀ ବିଭୁପ୍ରସାଦ ତ୍ରିପାଠୀ, ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ, ଶ୍ରୀ ଶ୍ୟାମାପ୍ରସାଦ ମିଶ୍ର, ଡି.ଜି.ଏମ୍, ଓଡିଶା ଟେଲିଭିଜନ୍ ନେଟୱର୍କ, ଶ୍ରୀ ଶୁଭେନ୍ଦୁ ପଟ୍ଟନାୟକ, ଅଧିକାରୀ,ସ୍ୱାସ୍ଥ୍ୟ ବିଭାଗ, ଓଡିଶା ସରକାର, ବିଶିଷ୍ଟ କଣ୍ଠଶିଳ୍ପୀ ଇରା ମହାନ୍ତି, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ(ତିରୁପତି), ଶ୍ରୀ ଚକ୍ରଧର ମହାପାତ୍ର, ରାଜ୍ୟ ସଭାପତି, ଏସ୍.ବି.ଆଇ ଷ୍ଟାଫ୍ ଆସୋସିଏସନ୍, ଓଡିଶା, କେଦାର ମିଶ୍ର, ଓଡିଆ ସିନେମା କଳାକାର, ପ୍ରସିଦ୍ଧ ଗୀତିକାର ଶ୍ରୀ ଶରଣାରବିନ୍ଦ ଓଝା,କୁଇଜ ମାଷ୍ଟର ଚନ୍ଦ୍ରବିଜୟୀ ମିଶ୍ର, ବରିଷ୍ଠ କଣ୍ଠଶିଳ୍ପୀ କେଶବ ସାହୁ, କଣ୍ଠଶିଳ୍ପୀ ଶ୍ରୀ ଶଂଖମିତ୍ର ସିଂହାରୀ,ସଂପାଦକ, ଓଡିଶା ମ୍ୟୁଜିକ ଏକାଡେମୀ, ପୁରୀ, ଶ୍ରୀ ଶ୍ୟାମପ୍ରକାଶ ସେନାପତି, ସଂପାଦକ, ଅଭିନନ୍ଦନିକା,ପୁରୀ, ଶ୍ରୀ ବିଶ୍ୱନାଥ ମିଶ୍ର, ସଂପାଦକ, ନିର୍ମାଲ୍ୟ,ପ୍ରଫେସର ଡ: ପ୍ରଶାନ୍ତ କୁମାର ପାଣିଗ୍ରାହୀ(ବ୍ରହ୍ମପୁର), କଣ୍ଠଶିଳ୍ପୀ ପତିତ ପାବନ ଦାସ ଓ ଅଫତାବ୍ ହୋସେନ ଯୋଗ ଦେଇ ଠାକୁର ଙ୍କୁ ନେଇ ଅନୁଭବ ପ୍ରକାଶ କରିଥିଲେ ଓ କଣ୍ଠଶିଳ୍ପୀ ମାନେ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ଉପାଧକ୍ଷ ଶ୍ରୀ ଭରତ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଓ ଲୋକକଳା ର ଦେବତା ଶ୍ରୀ ଜଗନ୍ନାଥ ଙ୍କ ନୃତ୍ୟ କୁ ନେଇ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆଗାମୀ ଦିନରେ ସର୍ବ ଭାରତୀୟ ଲୋକନୃତ୍ୟ ଦଳ କୁ ନେଇ ଏକ ଜାତୀୟ ଭର୍ଚୁଆଲ ସମାବେଶ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସଂପାଦକ ଶ୍ରୀ ରାଜେଶ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

# ଆଦର୍ଶଶିକ୍ଷକ ରଘୁନାଥ ସାହୁଙ୍କ ହୃଦଘାତରେ ପରଲୋକ



ବାଲିଆପାଳ,୨୭/୦୬ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ପ ।ୟତ ଚରବସ୍ତ କାଳରୂଇ ଗ୍ରାମର ଆଦର୍ଶଶିକ୍ଷକ ରଘୁନାଥସାହୁ (୮୨)ଙ୍କର ଆଜି ହୃଦଘାତରେ ପରଲୋକ ହୋଇଯାଇଛି ।ରଘୁନାଥ ଆଜି ମଧ୍ୟାହ୍ନ ସମୟରେ ଗାଧୋଇ ଘର ଭିତରେ ଠାକୁରଙ୍କୁ ଜପ କରିବା ପାଇଁ ଏକ ଚେୟାରରେ ବସିଥିଲେ ।କିଛି ସମୟପରେ ପରିବାର ଲୋକେ ଭାତ ଖାଇବାପାଇଁ ତାଙ୍କୁ ଡାକିବାରୁ ସେ ଶୁଣିନଥିଲେ ।ଯାଇ ଦେଖିବାରୁ ଚେୟାରରେ ଚେତାଶୂନ୍ୟ ଅବସ୍ଥାରେ ବସିରହିଥିବା ବେଳେ ତାଙ୍କର ବେକଟି ଗୋଟିଏ ପାଖକୁ ଢଳିରହିଥିଲା ।ପରିବାର ଲୋକେ ତୁରନ୍ତ ତାଙ୍କୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ । ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ ।ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅ ଳରେ ଶୋକର ଛାୟା ଖେଳିଯାଇଥିଲା ମର ଶରୀର ଗ୍ରାମକୁ ନିଆଯିବାପରେ ସେଠାରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା ।ପୂର୍ବତନ ସରପ ମୁରଳୀ ମୋହନ ସାହୁ,ଜିଲ୍ଲା ପରିଷଦ ସଦସ୍ୟ ରବୀନ୍ଦ୍ରନାଥ ଅଣ୍ଡିଆ,ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ,ସାମ୍ବାଦିକ ଅଜୟ କୁମାର ସାହୁ,ସନ୍ୟାସୀ ବେହେରା, ସାଗର ପଟ୍ଟନାୟକ ,ଚନ୍ଦନ ଜେନା ,ଅବସରପ୍ରାପ୍ତ ଶିକ୍ଷକ ପ ।ନନ ସାହୁ,ବ୍ୟୋମକେଶ ସାହୁ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତଥା ଗ୍ରାମବାସୀ ତାଙ୍କର ଶେଷଦର୍ଶନକରିବା ସହ ଅମର ଅତ୍ମାର ସଦଗତି କାମନା କରିଥିଲେ ।ମୃତ୍ୟୁ ଶର୍ଯ୍ୟା ନିକଟରେ ବଡପୁଅ ଅଧ୍ୟାପକ ପ୍ରଦୀପ୍ତ ସାହୁ,ମଧ୍ୟମପୁତ୍ର ସାମ୍ବାଦିକ ଗୋପାଳଚନ୍ଦ୍ର ସାହୁ,କନିଷ୍ଠପୁତ୍ର ବିଦ୍ୟୁତ ବିଭାଗର କନିଷ୍ଟଯନ୍ତ୍ରୀ ମଦନ ମୋହନ ସାହୁ ସମେତ ପରିବାର ବର୍ଗ,ଆତ୍ମୀୟ ସଜନ ମାନେ ଉପସ୍ଥିତ ଥିଲେ । ବଡପୁଅ ପ୍ରଦୀପ୍ତ ମୁଖାଗ୍ନି ଦେଇଥିଲେ ।ସ୍ୱର୍ଗତଃ ସାହୁ ବଡାଶ ପ ।ୟତ ଟାହାଲିଆସ୍କୁଲରେ ନିଜର ଚାକିରୀ ଜୀବନ ସମାପନକରି ଅବସର ଗ୍ରହଣ କରିଥିଲେ ।ଅବସରପରେ ବିଭିନ୍ନ ଧାର୍ମୀକ ଅନୁଷ୍ଠାନ,ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ ରଖୁଥିଲେ ।

## ବାଲିବୋଝେଇ ଡମ୍ଫର ଦୁର୍ଘଟଣାଗ୍ରସ୍ତ

ନୀଳଗିରି,୨୭/୦୬ (ନି.ପ୍ର): କପ୍ତିପଦା ଅଞ୍ଚଳରୁ ଏକ ବାଲି ବୋଝେଇ ଡମ୍ଫର ନୀଳଗିରିକୁ ଆସୁଥିବାବେଳେ ଭାରସାମ୍ୟ ହରାଇ ଛତ୍ରପୁର ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଘଟଣା ସ୍ଥଳରୁ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିବା ବେଳେ ଖବର ପାଇ ବରହମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

## ୩ ଲକ୍ଷ ୩୫ ହଜାର ଲୋକଙ୍କୁ ଦିଆଗଲାଣି କରୋନା ଟିକା

କେନ୍ଦ୍ରାପଡ଼ା,୨୭/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କରୋନା ଟୀକାକରଣ କାର୍ଯ୍ୟକ୍ରମ ୩ ଲକ୍ଷ ୩୫ ହଜାର ଲୋକଙ୍କୁ ଦିଆ ଯାଇଥିବା ଜଣାପଡିଛି । ଜିଲ୍ଲାର ୯ଟି ବ୍ଲକ ସମେତ ୨ଟି ପୌରାଂଚଳ ରେ ରହୁଥିବା ବୟସ୍କ ନାଗରିକ, ଆଗଧାଡିର କରୋନା ଯୋଦ୍ଧା, ସାମ୍ବାଦିକ ଓ ୧୮ ବର୍ଷରୁ ୪୪ ବର୍ଷ ମଧ୍ୟରେ ଥିବା ନାଗରିକ ମାନଙ୍କୁ ଟୀକା କରଣ କରାଯାଇଛି । ରାଜ୍ୟ ସରକାରଙ୍କ ଗାଇଡ ଲାଇନ ମୁତାବକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୀକା କରଣ କାର୍ଯ୍ୟକ୍ରମ ପାଳନ କରାଯାଇଛି । ଆଗାମୀ ଦିନରେ ଏହି ଟୀକା କରଣ କାର୍ଯ୍ୟକ୍ରମ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଜାରି ରହିବ ବୋଲି ନୋଡାଲ ଅଫିସର ଡାକ୍ତର ସଚିତାନନ୍ଦ ମିଶ୍ର ସୂଚନା ଦେଇଛନ୍ତି ।

## ଭୁଲିଆସିକୁଆଁ ଗ୍ରାମରେ ରାଜସ୍ୱ ରଥ, ୧୨ ଜଣଙ୍କୁ ପଟ୍ଟା ଓ ପ୍ରମାଣପତ୍ର ପ୍ରଦାନ

ନୂଆପଡା,୨୭/୦୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଦୁଆର ମୁହଁରେ ସେବା ଯୋଗାଇ ଦେବା ପାଇଁ ରାଜସ୍ୱ ରଥ ପ୍ରତ୍ୟେକ ଗ୍ରାମ ପରିକ୍ରମା କରୁଅଛି । ରବିବାର ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର ଓ ଅତିରିକ୍ତ ତହସିଲଦାର ଭୁପେନ୍ଦର ସିଂଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଭୁଲିଆସିକୁଆଁ ଗ୍ରାମ ଯାଇ ଗ୍ରାମର ୬ ଜଣଙ୍କୁ ଦୁଆର ମୁହରେ ଜମି ପଟ୍ଟା ପ୍ରଦାନ କରିଛନ୍ତି । ତତ୍‌ସହିତ ଇନକମ ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ରେସିଡେ ପ୍ରମାଣପତ୍ର ମଧ୍ୟ ଗ୍ରାମର ୬ ଜଣଙ୍କୁ ପ୍ରଦାନ କରାଯାଇଥିବା ତହସିଲଦାର ସିନ୍ଧୁସୁତା ପାତ୍ର ପ୍ରକାଶ କରିଛନ୍ତି ।

## ରୋଟାରୀ କ୍ଲବ ପକ୍ଷରୁ ବାତ୍ୟା ପୀଡ଼ିତଙ୍କୁ ପଲିଥିନ ବଣ୍ଟନ



ବାଲେଶ୍ୱର,୨୭/୦୬ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ୟସ ବାତ୍ୟା କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ବଣ୍ଟନ କରାଯାଇଛି । ସ୍ଥାନୀୟ ରୋଟାରୀ ଭବନ ପରିସରରେ କ୍ଲବ ସଭାପତି ଭାବଗ୍ରାହୀ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୫୦ଖଣ୍ଡ ଟାରପୋଲିନ ବଣ୍ଟନ କରାଯାଇଥିଲା । ବରିଷ୍ଠ ସଦସ୍ୟ ସୁବ୍ରତ କର, ପ୍ରାକ୍ତନ ସଭାପତି ମାତୃଦତ୍ତ ଦାସ, ଯୁଗ୍ମ ସମ୍ପାଦକ ସୁଖମୟ ଦାସ, ପ୍ରକଳ୍ପ ମୁଖ୍ୟ ଦେବେନ୍ଦ୍ର କୁମାର ଧଳ, ଡ.ପଙ୍କଜ କୁମାର ଜେନା, ସନ୍ତୋଷ କୁମାର ନାହକ, ଯଶୋଦା ନନ୍ଦନ ଆଶଙ୍କ ସମେତ ଆସନ୍ତା ବର୍ଷର ସଭାନେତ୍ରୀ ରାଜଲକ୍ଷ୍ମୀ ଗିରି ଓ ସତ୍ୟନାରାୟଣ ନନ୍ଦ ପ୍ରମୁଖ ଅସହାୟଙ୍କୁ ଏହି ଟାରପୋଲିନ ବଣ୍ଟନ କରିଥିଲେ । ରୋଟାରୀ ଚକ୍ଷୁ ଚିକିତ୍ସାଳୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ । ପ୍ରାକ୍ତନ ରୋଟାରୀ ଗଭର୍ଣ୍ଣର ଅଜୟ ଅଗ୍ରୱାଲ ଏହି ଟାରପୋଲିନ ପଠାଇଥିଲେ । କ୍ଷେତ୍ର ତଦନ୍ତ ସହ ବାତ୍ୟାରେ କ୍ଷତିଗ୍ରସ୍ତ ଅସହାୟଙ୍କୁ ଏହା ବଣ୍ଟନ କରାଯାଇଥିଲା ।

# କିସ୍ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ

## ଆତ୍ମନିର୍ଭର ଭାରତ ନିର୍ମାଣରେ ଯୁବଗୋଷ୍ଠୀଙ୍କ ଯୋଗଦାନ ରହିବା ଉଚିତ : ପ୍ରଫେସର ଗଣେଶୀ ଲାଲ୍



ଭୁବନେଶ୍ୱର,୨୭/୦୬ (ନି.ପ୍ର): ଆତ୍ମନିର୍ଭର ଭାରତର ସଫଳ ନିର୍ମାଣରେ ଯୁବଗୋଷ୍ଠୀଙ୍କ ଯୋଗଦାନ ରହିବା ଉଚିତ୍ ବୋଲି ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କିସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ରବିବାର ଭର୍ଚୁଆଲ୍‌ରେ ଅନୁଷ୍ଠିତ କିସ୍ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ରାଜ୍ୟପାଳ ପ୍ରଫେସର ଲାଲ୍ କହିଲେ, ଜନଜାତି ସମ୍ପ୍ରଦାୟରେ ପ୍ରତିଭାଙ୍କ ଅଭାବ ନାହିଁ। ସେମାନଙ୍କ ପାଇଁ ଭଲ ପରିବେଶ, ପ୍ରୋତ୍ସାହନ ଏବଂ ସମୟ ଭିତ୍ତିକ ପ୍ରଦର୍ଶନର ଆବଶ୍ୟକତା ରହିଛି। ଛାତ୍ରଛାତ୍ରୀଙ୍କୁ ଭୋକାଲ୍ ଫର୍ ଲୋକାଲ୍ ପାଇଁ ଶପଥ ନେବା ସହ ଏକ ସଫଳ ଆତ୍ମନିର୍ଭର ଭାରତ ନିର୍ମାଣରେ ସେମାନଙ୍କ ଯୋଗଦାନ ଓ ପ୍ରୟାସ ନିମନ୍ତେ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅଭିନନ୍ଦନ ଜଣାଇ କହିଲେ, ଶ୍ରୀ ସାମନ୍ତ କିସ୍ ଭଳି ଏକ ଅନନ୍ୟ ଅନୁଷ୍ଠାନ ଗଢ଼ି ଏହା ମାଧ୍ୟମରେ ବିଶ୍ୱର ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ଏହି ଅବସରରେ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର ଲାଲ୍‌ଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ ଅନ୍ୟ ତିନିଜଣ ପ୍ରତିଷ୍ଠିତ ଓଡିଆ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡି.ଲିଟ୍ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଭାରତର ମହାଲେଖାକାର ଓ ମହାସମୀକ୍ଷକ ଗିରୀଶ ଚନ୍ଦ୍ର ମୁର୍ମୁ, କେନିଆର ସାଂସଦ ତଥା କେନିଆ ମେଡିହିଲ୍ ହସ୍ପିଟାଲ୍ ସମୂହର ପ୍ରତିଷ୍ଠାତା ଅଧକ୍ଷ ଡ. ସ୍ୱରୂପ ରଞ୍ଜନ ମିଶ୍ର ଏବଂ ନିୟୁର୍କରେ ରହୁଥିବା ବିଶିଷ୍ଟ ଫେସନ୍ ଓ କଷ୍ଟିୟୁମ୍ ଡିଜାଇନର ବିଭୁ ମହାପାତ୍ର। ଅତିଥିଙ୍କୁ ସ୍ୱାଗତ କରିବା ସହ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ସାମନ୍ତ କହିଲେ, କିସ୍ ଆଜି ଲକ୍ଷାଧିକ ଜନଜାତି ଶିଶୁ ଓ ଯୁବକଯୁବତୀଙ୍କ ଉପରେ ପ୍ରରୋକ୍ଷରେ ପ୍ରଭାବ ପକାଇ ପାରିଛି। ଏହା ଜନଜାତି ସଶକ୍ତିକରଣ ଇତିହାସରେ ଏକ ମାଇଲଖୁଣ୍ଟ। ୧୯୯୨-୯୩ ମସିହାରେ ମାତ୍ର ୧୨୫ ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଛୋଟିଆ ଅନୁଷ୍ଠାନ ଆଜି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବ ଯାହା ମୁଁ କେବେ ସ୍ୱପ୍ନରେ ଭାବି ନଥିଲି ବୋଲି ସେ କହିଥିଲେ। ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ସତ୍ୟ ଏସ. ତ୍ରିପାଠୀ କହିଲେ, ତୁମେମାନେ ଏବେ ଜଣେ ଜଣେ ସ୍ନାତକ ହୋଇଯାଇଛ। ତୁମେମାନେ ଯେଉଁ ଅନୁଷ୍ଠାନରେ ପାଠ ପଢୁଥିଲ ତାହା ଦୟା ଓ ମାନବିକତାର ଏକ ସ୍ତମ୍ଭ ବୋଲି ସବୁବେଳେ ମନେ ରଖିବ। ନିଃସ୍ୱାର୍ଥ ସେବା ଓ ମାନବିକତାର ଏହି ପରମ୍ପରାକୁ ଦୃଢ଼ତାର ସହ ଆଗକୁ ବଢ଼ାଇ ନେବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆଗରେ ରହି କିପରି ନେତୃତ୍ୱ ନେଇହୁଏ ତାହା କିସ୍ ଦେଖାଇ ପାରିଛି ବୋଲି ଉପକୁଳାଧିପତି ଡ. ଉପେନ୍ଦ୍ର ତ୍ରିପାଠୀ କହିଥିଲେ। ଆଗାମୀ ଦଶକରେ ବିଶ୍ୱସ୍ତରୀୟ ବିଦ୍ୱାନଙ୍କ ତତ୍ତ୍ୱାବଧାନରେ କିସ୍ ଏକ ବିଶ୍ୱସ୍ତରୀୟ ଶୈକ୍ଷିକ କେନ୍ଦ୍ରରେ ପରଣିତ ହେବ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରି କୁଳପତି ପ୍ରଫେସର ଦୀପକ କୁମାର ବେହେରା କହିଲେ, କିସ୍ ହେଉଛି ଏକମାତ୍ର ଅନୁଷ୍ଠାନ ଯାହାକି ଜନଜାତି ସମ୍ପର୍କିତ ସର୍ଜନଶୀଳରେ ଦକ୍ଷତା ହାସଲ ପାଇଁ ସୁଯୋଗ ଦେଇଥାଏ ଏବଂ ଜନଜାତି ଲୋକ ଏବଂ ସେମାନଙ୍କ ହୃଦୟକୁ ଛୁଇଁଲା ଭଳି ବିଷୟବସ୍ତୁ ଉପରେ ଗବେଷଣା କରିବାକୁ ଗବେଷକମାନଙ୍କୁ ପ୍ରୋତ୍ସାହିତ କରିଥାଏ। ଅନ୍ୟମାନଙ୍କ ମଧ୍ୟରେ ଉପକୁଳପତି ପ୍ରଫେସର ପୀତବାସ ସାହୁ ଏବଂ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଡିଗ୍ରୀଧାରୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ବକ୍ତବ୍ୟ ରଖିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ତିନି ଦିନିଆ ଗସ୍ତରେ ଲେହରେ ....

କହିବାର କୌଣସି ଆବଶ୍ୟକତା ନାହିଁ । ସେ କହିଛନ୍ତି ଯେ, ୱାନ୍ ରେଙ୍କ ୱାନ ପେନସନର ସମସ୍ୟା ୩୦-୪୦ ବର୍ଷ ଧରି ଚାଲି ଆସୁଥିଲା, ଯାହା ପ୍ରଧାନମନ୍ତ୍ରୀ ହେବା ମାତ୍ରେ ନରେନ୍ଦ୍ର ମୋଦୀ ପୂରଣ କରିଥିଲେ । ଏହି ସମୟରେ ପ୍ରତିରକ୍ଷା ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ସେବା ପରେ ପୁନଃ ଥଇଥାନ ସମସ୍ୟା ମଧ୍ୟ ଜାରି ରହିଛି । ପୁନଃ ଥଇଥାନ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶାଳୟ ଜେନେରାଲ ଦ୍ୱାରା ନିଯୁକ୍ତି ମେଳା ମଧ୍ୟ ଆୟୋଜିତ ହୋଇଛି ଯେଉଁଥିରେ ବହୁ ସଂଖ୍ୟାରେ ପୂର୍ବତନ ସେବାୟତଙ୍କୁ ନିଯୁକ୍ତି ଦିଆଯାଉଛି । ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ବର୍ତମାନ ପ୍ରୟାସ କରାଯାଉଛି । ସେ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଯେ ଆପଣ ସମସ୍ତେ ଦେଶର ସୁରକ୍ଷା ପ୍ରତି ଯତ୍ନବାନ ହେବା ଭଳି ସୈନିକ ମାନଙ୍କର ଯତ୍ନ ନେଉଛୁ । ତାଙ୍କର ତିନି ଦିନିଆ ଗସ୍ତ ସମୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୈନିକ ମାନଙ୍କ ସହ କଥାବାର୍ତା କରିବେ ଏବଂ ସୀମା ସଡ଼କ ସଂଗଠନ ଦ୍ୱାରା ନିର୍ମିତ ଅନେକ ଭିତିଭୂମି ପ୍ରକଳ୍ପର ଉଦ୍‌ଘାଟନୀ ସମାରୋହରେ ମଧ୍ୟ ଅଂଶଗ୍ରହଣ କରିବେ ।

## ସହଯୋଗୀଙ୍କୁ ଚୁମ୍ବନ ଦେବା....

ତାକୁ ନେଇ ମୁଁ ସେମାନଙ୍କ ପାଖରେ ଋଣୀ, ମୁଁ ନିୟମର ଉଲଙ୍ଘନ କରି ସେମାନଙ୍କୁ ନିରାଶ କରିଛି" । ଅନ୍ୟପଟେ ହନକକ୍ ଙ୍କ ଇସ୍ତଫା ପତ୍ର ପାଇବା ପରେ ପ୍ରଧାନମନ୍ତ୍ରୀ ଜନସନ ଦୁଖ ପ୍ରକାଶ କରିଛନ୍ତି । ବ୍ରିଟେନ ସ୍ୱାସ୍ଥ୍ୟମନ୍ତ୍ରୀ ମେଟ ହନକକ୍ କୋଭିଡର ପ୍ରଥମ ନିୟମ ସାମାଜିକ ଦୂରତା ଉଲଙ୍ଘନ କରିବା ପରେ ବି ପ୍ରଧାନମନ୍ତ୍ରୀ ଜନସନ ହନକଲଙ୍କ ସପକ୍ଷରେ ଥିଲେ । ହେଲେ ବିରୋଧୀମାନେ ହନକଲଙ୍କୁ ମନ୍ତ୍ରୀ ମଣ୍ଡଳରୁ ହଟାଇବାକୁ ପ୍ରଧାନମନ୍ତ୍ରୀଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ । ବିରୋଧୀ ଅଭିଯୋଗ କରିଥିଲେ କି ସାମାଜିକ ଦୂରତା ନିୟମ ଉଲଙ୍ଘନ କରି ଅନେକ ଲୋକ ଜରିମାନା ଦେଉଛନ୍ତି ତେଣୁ ମନ୍ତ୍ରୀ ଏଭଳି କରିବା ଦ୍ୱାରା ଲୋକଙ୍କ ଉପରେ ତା'ର କୁପ୍ରଭାବ ପଡୁଛି । କହିରଖୁ କି ବ୍ରିଟେନର ଦୈନିକ ଖବର କାଗଜ 'ସନ' କିଛିଦିନ ତଳେ ହନକକ୍ ତାଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ସହଯୋଗୀଙ୍କୁ କୋଳେଇ ନେଉଥିବାର ଫଟୋ ଛାପିଥିଲା । ଏହାକୁ ନେଇ ରାଜନୀତି ଜୋର ଧରିବା ପରେ ହନକକ୍ ଇସ୍ତଫା ଦେଇଛନ୍ତି ।

## ଗୋଟିଏ ଦିନରେ ୩୪୦୮ କରୋନା ....

ହୋଇଥିବା ବେଳେ ୧୪୬୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୬୫୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୯୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୫୧ ଜଣ, ବରଗଡ଼ରୁ ୨୪ ଜଣ, ଭଦ୍ରକରୁ ୧୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୮, କଟକରୁ ୫୫୩ ଜଣ, ଦେବଗଡ ଜିଲ୍ଲାରୁ ୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭୩ ଜଣ, ଗଜପତି ଜିଲ୍ଲାରୁ ୧୪ , ଗଞ୍ଜାମରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୦୩ ଜଣ, ଯାଜପୁରରୁ ୨୫୮ ଜଣ, ଝାରସୁଗୁଡ଼ାରୁ ୧୯ ଜଣ, କଳାହାଣ୍ଡିରୁ ୧୫ ଜଣ, କନ୍ଧମାଳ ଜିଲ୍ଲାରୁ ୧୯ ଜଣ. କେନ୍ଦ୍ରାପଡ଼ାରୁ ୧୧୦ ଜଣ, କେନ୍ଦୁଝରରୁ ୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୮୨ ଜଣ, କୋରାପୁଟରୁ ୭୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୫୮ ଜଣ, ନବରଙ୍ଗପୁରରୁ ୪୩ଜଣ, ନୟାଗଡ଼ରୁ ୧୬୦ ଜଣ, ନୂଆପଡ଼ାରୁ ୬ ଜଣ, ପୁରୀରୁ ୨୧୫ ଜଣ, ରାୟଗଡ଼ାରୁ ୭୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୮ ଜଣ, ସୋନପୁରରୁ ୧୬ ଜଣ, ସୁନ୍ଦରଗଡ଼ରୁ ୩୭ ଜଣ ଓ ଷ୍ଟେଟ୍ ପୁଲରୁ ୯୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## କରୋନା ମୁକାବିଲାରେ ଡା.ଗୁରୁପ୍ରସାଦ....

ଲଢ଼େଇରେ ଶାସନ, ପ୍ରଶାସନ, ଡ଼ାକ୍ତର ଏବଂ ଅନ୍ୟ ସମସ୍ତ ଲୋକମାନେ ନିଜ ନିଜ ସ୍ତରରେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି। ଗୁରୁ ପ୍ରସାଦ ମହାପାତ୍ରଙ୍କ ଭଳି ଅନେକ କରୋନା ଯୋଦ୍ଧାଆମ ମାନଙ୍କ ମଧ୍ୟରେ ନାହାନ୍ତି କିନ୍ତୁ ତାଙ୍କର କର୍ତବ୍ୟନିଷ୍ଠା ଏବଂ ସମାଜ ପ୍ରତି ସମର୍ପଣ ଭାବ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ସ୍ରୋତ। ଆମେ ସମସ୍ତେ କୋଭିଡ୍ ନିୟମ ମାନିବା ସହ ଟିକା ନେବା ହିଁ ସ୍ୱର୍ଗତ ମହାପାତ୍ରଙ୍କ ପ୍ରତି ଉଚିତ୍ ଶ୍ରଦ୍ଧାଞ୍ଜଳି ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶରେ କାର୍ଯ୍ୟକାରୀ ହେଉଥିବା ମାଗଣା ଟିକାକରଣ ଅଭିଯାନ, କରୋନା ଲଢ଼େଇରେ ହାସଲ କରାଯାଇଥିବା ଉପଲବ୍ଧି ଏବଂ ଟିକାକୁ ନେଇ ହେଉଥିବା ଅପପ୍ରଚାର ଉପରେ ଚର୍ଚ୍ଚା କରିଛନ୍ତି। ମଧ୍ୟପ୍ରଦେଶର ବେତୁଲରେ ବାସ କରୁଥିବା ରାଜେଶଜୀଙ୍କ ସହ ପ୍ରଧାନମନ୍ତ୍ରୀଜୀ 'ମନ୍ କି ବାତ୍' ଆଲୋଚନା କରିବା ସମୟରେ କାଶ୍ମୀର, ବାନ୍ଦିପୁରା ଏବଂ ନାଗାଲ୍ୟାଣ୍ଡର ଗ୍ରାମାଞ୍ଚଳରେ ଶତପ୍ରତିଶତ ଟିକାକରଣ ହୋଇଥିବାର ଉଦାହରଣ ସାମ୍ନାକୁ ଆଣିଥିଲେ, ଯାହା ଟିକା ଦ୍ୱନ୍ଦ, ଭ୍ରମ ତଥା ଅପପ୍ରଚାରକୁ ବନ୍ଦ କରିବା ଦିଗରେ ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ କରିବ।

## ଖୁବଶୀଘ୍ର ୧୨-୧୮ ବର୍ଷର ....

ଟିକାକୁ ଖୁବଶୀଘ୍ର ମଞ୍ଜୁରୀ ପ୍ରଦାନ କରାଯିବ । କହିରଖୁ କି ଜାଇଡସ୍ କାଡିଲା କରୋନା ଟିକାର କ୍ଲିନିକାଲ ଟ୍ରାଏଲ ଶେଷ ହୋଇଛି । ଅନ୍ୟପଟେ ୨ ରୁ ୧୮ ବର୍ଷର ପିଲାମାନଙ୍କ ପାଇଁ ଭାରତ ବାୟୋଟେକ୍ ପ୍ରସ୍ତୁତ କରୁଥିବା କୋଭାକ୍ସିନର ବି କ୍ଲିନିକାଲ ଟ୍ରାଏଲ ଆରମ୍ଭ ହୋଇଛି । ସରକାର ସୁପ୍ରିମ କୋର୍ଟକୁ କହିଛନ୍ତି କି ଇତିହାସରେ ସବୁଠାରୁ ବଡ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନରେ ସରକାର ଅପହଂଚ ଇଲାକାରେ ବି ଟିକା ପହଂଚାଉଛନ୍ତି । ଏନେଇ କେନ୍ଦ୍ର ସରକାର ୩୭୫ ପୃଷ୍ଠାର ଏକ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିଛନ୍ତି । ଏହି ରିପୋର୍ଟରେ କେନ୍ଦ୍ର ସରକାର କହିଛନ୍ତି କି ଦେଶରେ ୧୮ ବର୍ଷରୁ ଅଧିକ ବୟସ୍କ ଲୋକଙ୍କ ପାଇଁ ୧୮୬.୬ କୋଟି ଖୋରାକ ଟିକାର ଆବଶ୍ୟକତା ରହିଛି । ଏହାସହ ଜୁନ୍ ୨୫ ସୁଦ୍ଧା ୩୧ କୋଟି ଲୋକଙ୍କୁ ଟିକା ଦିଆଯାଇଥିବା କଥା ସୁପ୍ରିମ କୋର୍ଟକୁ ସୂଚିତ କରିଛନ୍ତି କେନ୍ଦ୍ର ସରକାର । ଅନ୍ୟପଟେ ଏହି ରିପୋର୍ଟରେ କେନ୍ଦ୍ର ସରକାର କହିଛନ୍ତି କି, ୨୦୨୧ ଅଗଷ୍ଟ ମାସରୁ ଡିସେମ୍ବର ମାସ ମଧ୍ୟରେ ୧୩୫ କୋଟି ଟିକା ଉପଲବ୍ଧ ହେବ ।

## ମୋଦୀଙ୍କ 'ମନ କି ବାତ' ....

ତାଙ୍କୁ ଅନୁରୋଧ କରିଥିଲି । ପ୍ରତିଭାବାନ, ଉତ୍ସର୍ଗୀକରଣ, ପ୍ରତିବଦ୍ଧତା ଓ ଖେଳୁଆଡ଼ ଉଚ୍ଛ୍ୱାସ ଏକତ୍ର ହେଲେ ଚାମ୍ପିୟନ୍ ଉତ୍ପତ୍ତି ହୁଅନ୍ତି । ଭାରତର ମହିଳା ହକି ଟିମ୍‌ର ସଦସ୍ୟ ନେହା ଗୋୟାଲଙ୍କ ମା ଓ ଭଗିନୀମାନେ ପରିବାର ଚଳାଇବା ଲାଗି ସାଇକେଲ୍ କାରଖାନାରେ କାମ କରୁଛନ୍ତି। ଦୀପିକା କୁମାରୀଙ୍କ ଯାତ୍ରା ମଧ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ଟୋକିଓ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରୁଥିବା ଏକମାତ୍ର ମହିଳା ତୀରନ୍ଦାଜ୍ ହେଉଛନ୍ତି ଦୀପିକା । କରୋନା ସହ ଆମେ ଦେଶବାସୀ ଚଳାଇଥିବା ସଂଗ୍ରାମ ଚାଲୁ ରହିଛି। କିନ୍ତୁ, ଏହି ସମ୍ମିଳିତ ସଂଗ୍ରାମରେ ଆମେ ଅନେକ ଅସାଧାରଣ ସଫଳତା ହାସଲ କରିଛନ୍ତି। ମାତ୍ର ଅଳ୍ପ କିଛି ଦିନ ପୂର୍ବେ ଆମ ଦେଶ ଅଭୂତପୂର୍ବ କୃତିତ୍ୱ ହାସଲ କରିଛି । ସେହିଭଳି ଜଳ ସଂରକ୍ଷଣକୁ 'ଦେଶ ପ୍ରତି ସେବା' ବୋଲି ବିବେଚନା କରାଯାଇ ପାରେ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇ କହିଛନ୍ତି ।

## ଡେଲଟା ପ୍ଲସ ଭାଇରସ ଉପରେ....

ଡକ୍ଟର ଆରୋରା କହିଛନ୍ତି, ଅଧିକ ମାମଲା ଆସିବା ପରେ ଏହି ଷ୍ଟ୍ରେନର ପ୍ରଭାବ କଣ ପଡ଼ିବ, ତାହା ସ୍ପଷ୍ଟ ହେବ । ଯେଉଁମାନେ ଟିକା ନେଇଛନ୍ତି, ସେମାନଙ୍କ ନିକଟରେ ଏହାର ପ୍ରଭାବ କମ୍ ରହିଛି । ତେବେ କୋଭିଡ୍ ୱାର୍କିଂ ଗ୍ରୁପର ମୁଖ୍ୟ କହିଛନ୍ତି, ଏହି ଭୂତାଣୁ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପଡ଼ିବ । ଏହା କିପରି ଅଧିକ ନ ବ୍ୟାପିବ, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ।

# ଜିଲ୍ଲାରୁ ଚିହ୍ନଟ ହେଲେ ୧୬୯ ଜଣ କରୋନା ଆକ୍ରାନ୍ତ

ଭଦ୍ରକ,୨୭/୦୬ (ନି.ପ୍ର): ଜିଲ୍ଲାରୁ ଆଉ ୧୬୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଆକ୍ରାନ୍ତଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୨ହଜାର ୯୨ ହୋଇଛି। ସୁସ୍ଥ ହୋଇ ସାରିଛନ୍ତି ୨୦ହଜାର ୩୭୬ଜଣ। ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୧୬୭୨ଜଣ। ତେବେ ନୂତନ ଚିହ୍ନଟମାନେ ହେଲେ ବାସୁଦେବପୁର ପୌରପାଳିକାର ୫ନଠ ଓ ୧୧ ନଂ ୱାର୍ଡରୁ ୨ଜଣ, ଭଦ୍ରକ ପୌରପାଳିକାର ନୂଅବାଜାର, ଅପର୍ତ୍ତବିନ୍ଧା ଓ ବନ୍ତଛକ ଅଞ୍ଚଳରୁ ମୋଟ ୧୪ଜଣ, ବନ୍ତ ବ୍ଲକର ଆଡିଆ, ବଡମହିଷିଗୋଠ, ଚାରିଘରିଆ, କାଣ୍ଡବା, ବନ୍ତ, ନିଳୋକ, ରାମପୁର ଗ୍ରାମରୁ ୧୮ଜଣ, ଭଦ୍ରକ ବ୍ଲକର ବେନ୍ତାଳ, ଆରଡିଛକ, ଲାଙ୍ଗୁଡି, କୋଡବରୁଆଁ, ରାହାଞ୍ଜ ଗ୍ରାମରୁ ୧୨ଜଣ, ଧାମନଗର ବ୍ଲକର ଅସୁରାଳି, ବମକୁରା, ଚୁଡାକୁଟି, ବାହାରବିଲ, ଦଳାଙ୍ଗ, କୋଠାର, ପାତ୍ରପଡା ଆଦି ଗ୍ରାମରୁ ୧୬ଜଣ, ଧାମନଗର ଏନ୍‌ଏସିରୁ ଜଣେ, ଚାନ୍ଦବାଲି ଏନ୍‌ଏସିରୁ ଜଣେ, ତିହିଡି ବ୍ଲକର ବାରୋ, ବାରସର, ଦୌଲତପୁର, ଜିତାନଗା, ହରସିଂହପୁର, ମଙ୍ଗଳପୁର, ରାଜନଗର ଗ୍ରାମରୁ ମୋଟ ୧୨ଜଣ, ଅନ୍ୟ ଜିଲ୍ଲାରୁ ୧୦ଜଣ, ବାସୁଦେବପୁର ବ୍ଲକର ଅରଣ୍ଡୁଆ, ଆର୍ଡୁଂ, ଆରୁହା, ବରଣ୍ଡୁଆ, ବିଦେଇପୁର, ବ୍ରାହ୍ମଣୀଗାଁ, ଚୁଡାମଣି, ଗୁଆଗଡିଆ, ସାରଙ୍ଗପୁର, କିସ୍ମତ୍ କୃଷ୍ଣପୁର, ଲକ୍ଷ୍ମୀଦାସପୁର, ନାଇକାଣିଡିହି, ନରସିଂହପୁର, ନୂଆଗାଁ, ସାନକୃଷ୍ଣପୁର, ସୁଦର୍ଶନପୁର, ସୁଗୋ ଗ୍ରାମରୁ ୫୩ଜଣ, ଚାନ୍ଦବାଲି ବ୍ଲକର ଓସ୍ତିଆ, ବାଂଶଡା, ଧାମରା, ଘଟପୁର, ଗୋପିନାଥପୁର, କରରପଲୀ, ମହୁଲିଆ ଗ୍ରାମରୁ ୧୧ଜଣ, ଭଣ୍ଡାରିପୋଖରୀ ବ୍ଲକର କଣ୍ଟି, ନପଙ୍ଗ, ନାଆମୀ, ପିରିପୁର ଗ୍ରାମରୁ ୮ଜଣ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାର ୧୧ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଛନ୍ତି।

ଧ୍ୱନି ପ୍ରତିଧ୍ୱନି



# ଦେବୀ ପ୍ରସାଦ ବିୟୋଗରେ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୭/୦୬ (ନି.ପ୍ର): ୨୦୧୯ ନିର୍ବାଚନରେ କଂଗ୍ରେସ ଦଳ ତରଫରୁ ତିର୍ତୋଲ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ପୁତ୍ର, ଯୁବନେତା, ପୂଜ୍ୟ ପ୍ରଣାମ ଟ୍ରଷ୍ଟର ଟ୍ରଷ୍ଟି ଦେବୀ ପ୍ରସାଦ ମଲ୍ଲିକଙ୍କ ଅକାଳ ବିୟୋଗରେ ପୂଜ୍ୟ ପ୍ରଣାମ ଟ୍ରଷ୍ଟର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରି ପ୍ରଦେଶ କଂଗ୍ରେସର ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ ଯେ, ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କର ପ୍ରତ୍ୟେକଟି ଗୁଣ ବିଶେଷ ଭାବରେ ଅତ୍ୟନ୍ତ ଭଦ୍ର ଓ ନମ୍ର ଥିଲେ ଦେବୀ ପ୍ରସାଦ । ଅସମୟରେ ତାଙ୍କ ଭଳି ଜଣେ ଯୁବକଙ୍କ ବିୟୋଗ କେବଳ ତାଙ୍କ ପରିବାରକୁ ଶୋକାକୁଳ କରିନାହିଁ, ସମ୍ପୂର୍ଣ୍ଣ କଂଗ୍ରେସ ପରିବାର ତାଙ୍କ ପାଇଁ ମ୍ରିୟମାଣ ହୋଇପଡ଼ିଛି । ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ, ସମାଜବାଦୀ ପାର୍ଟିର ସଭାପତି ରବି ବେହେରା, ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି ଓ ପ୍ରଫେସର ବୁଦ୍ଧଦେବ ମିଶ୍ର କହିଲେ ଯେ, ଦେବୀ ପ୍ରସାଦ ଏକ ରାଜନୈତିକ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ଗର୍ବ, ଅହଙ୍କାର ଠାରୁ ବହୁ ଦୂରରେ ଥିଲେ । ଆଜିର କାର୍ଯ୍ୟକ୍ରମର ସଂଚାଳକ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ, ବୁଦ୍ଧ ମନ୍ଦିର ସମ୍ପାଦକ ଡଃ ସୌରେନ୍ଦ୍ର କୁମାର ମହାପାତ୍ର, ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ମନୁଭାଇ, ଉତ୍କଳ ବିଦ୍ୱତ ପରିଷଦର ଅଧକ୍ଷ ମନୋଜ ରଥ, ଦେବୀ ପ୍ରସାଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କୁ ଜଣେ ଭଲ ମଣିଷ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓକିଲ ଶୀଳଭଦ୍ର ଶାସ୍ତ୍ରୀ, ଯୁବନେତା ବିଭୁ ମିଶ୍ର, କଂଗ୍ରେସ ନେତା ଜ୍ଞାନଦେବ ବେଉରା, ବାସ୍ତୁବିତ୍ ଡଃ ମନୋଜ ଲେଙ୍କା, ଡ଼ାକ୍ତର ବିଭୂତି ଭୂଷଣ ଜେନା, ବିଜେଡ଼ି ସାଧାରଣ ସମ୍ପାଦିକା ଶ୍ରୀମତୀ ସୁମିତ୍ରା ଜେନା ଦେବୀ ପ୍ରସାଦଙ୍କୁ ବନ୍ଧୁ ବତ୍ସଳତାର ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିଥିଲେ । ପ୍ରାରମ୍ଭରେ ବିଶିଷ୍ଟ ବେଦ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦପାଠ କରିବା ପରେ ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ସୀତା ବଲ୍ଲଭ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସ୍ୱର୍ଗତ ଦେବୀ ପ୍ରସାଦଙ୍କ ସଂକ୍ଷିପ୍ତ ଜୀବନୀ ଉପରେ ଆଲୋକପାତ କରିଥିଲେ ।

# ଡାକବଙ୍ଗଳାରୁ ଜଳସେଚନ ବିଭାଗ କର୍ମଚାରୀଙ୍କ ମୃତଦେହ ଉଦ୍ଧାର



ବାଲେଶ୍ୱର,୨୭/୦୬ (ନି.ପ୍ର): ଜଳସେଚନ ବିଭାଗର ଜନୈକ ଠିକା କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ବିଭାଗୀୟ ଡାକବଙ୍ଗଳା ପରିସରରୁ ପୁଲିସ ରବିବାର ଉଦ୍ଧାର କରିଛି । ଠିକା କର୍ମଚାରୀ ଜଣକ ହେଲେ ବସ୍ତା ଥାନା ଅନ୍ତର୍ଗତ ମଥାନୀ ଛକ ତଳତାପଣ୍ଡା ଅଞ୍ଚଳର ରଜନୀକାନ୍ତ ନାୟକଙ୍କ ପୁତ୍ର ଗୋପାଳ ଚନ୍ଦ୍ର ନାୟକ(୨୮) । ସେ ଗତ ୩/୪ ମାସ ଧରି ଅସ୍ଥାୟୀ କର୍ମଚାରୀ ଭାବେ ଜଳସେଚନ ବିଭାଗରେ ଯୋଗଦାନ ସହ ନିର୍ବାହୀ ଯନ୍ତ୍ରୀଙ୍କ ଗାଡ଼ି ଡ୍ରାଇଭିଂ କରୁଥିଲେ । ପ୍ରତିଦିନ ଭଳି ସେ ଡ୍ୟୁଟି ସରିବା ପରେ ଜଳସେଚନ ବିଭାଗ ଡାକବଙ୍ଗଳାରେ ରାତ୍ରୀ ଯାପନ କରନ୍ତି । ରବିବାର ପୂର୍ବାହ୍ନ ୧୧ଟା ବେଳେ ନିର୍ବାହୀ ଯନ୍ତ୍ରୀଙ୍କୁ ନେଇ ତାଙ୍କର ଭୁବନେଶ୍ୱର ଯିବାର ଥିଲା । ମାତ୍ର ତାଙ୍କର ଆସିବା ବିଳମ୍ବ ହେବା ଦେଖି ଗୋପାଳଙ୍କ ଫୋନକୁ ଅନ୍ୟାନ୍ୟ କର୍ମଚାରୀମାନେ ବାରମ୍ବାର କଲ କରିଥିଲେ ବି କୌଣସି ଉତ୍ତର ମିଳିନଥିଲା । ଶେଷରେ କର୍ମଚାରୀମାନେ ଗୋପାଳ ରହୁଥିବା ଡାକବଙ୍ଗଳାର ଝରକାରେ ଦେଖିଲେ ଯେ ତାଙ୍କର ମୃତଦେହ ଫ୍ୟାନ ହୁକରେ ଝୁଲୁଛି । ଖବର ପାଇ ମଥାନୀରୁ ତାଙ୍କ ପରିବାର ଲୋକେ ପହଞ୍ଚିବା ପରେ ସଦର ଥାନା ପୁଲିସ ମୃତଦେହ ଉଦ୍ଧାର କରିଥିଲେ । ପଞ୍ଚନାମା ସହ ମୃତ ଦେହକୁ ବବଚ୍ଛେଦ ପାଇଁ ପଠାଯାଇଛି । ଅନ୍ୟପକ୍ଷରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ପୁଲିସ ତଦନ୍ତ ଜାରି ରଖିଛି । ତେବେ ଗୋପାଳ ଆତ୍ମହତ୍ୟା କରିଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୦ ଗିରଫ, ୪୪୬ ବାହନ ଜବତ

ଭୁବନେଶ୍ୱର,୨୭/୦୬ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୦ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୪୪୬ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୯,୯୯,୧୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଦିନକରେ ୨୫୧ କରୋନା ସଂକ୍ରମିତ ଓ ସୁସ୍ଥ ୨୬୨

ବାଲେଶ୍ୱର,୨୭/୦୬ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୨୫୧ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ନେଳିଆବାଗରୁ ୩ଜଣ, ମୋତିଗଞ୍ଜରୁ ୩, ଅଙ୍ଗାରଗଡ଼ିଆରୁ ୨, ବ୍ୟାଙ୍କ କଲୋନୀରୁ ୨, ଆଇଟିଆଇ ଛକରୁ ୨, ମାଣିଖମ୍ବରୁ ୨, ଚୁନଭାଟିରୁ ୨ ଓ ପୁଲିସ ଲାଇନରୁ ୨ଜଣଙ୍କ ସମେତ ଭୋଇସାହି, ଦାମୋଦରପୁର, ଗୋପାଳଗାଁ, ଜେଲ ରୋଡ୍, ମାନସିଂବଜାର, ମଠସାହି, ଶୋଭାରାମପୁର, ରେଳ ଷ୍ଟେସନ, ସୁନହଟ, ପଢୁଆଁପଦା ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି । ସେହିଭଳି ବାହାନଗା ବ୍ଲକରୁ ୫୧ଜଣ, ବାଲିଆପାଳରୁ ୨ଜଣ, ବସ୍ତାରୁ ୩୩, ଜଳେଶ୍ୱରରୁ ୧୫, ଭୋଗରାଇରୁ ଜଣେ, ନୀଳଗିରିରୁ ୭, ଔପଦାରୁ ୩, ରେମୁଣାରୁ ୪୩, ସଦରରୁ ୧୧, ସିମୁଳିଆରୁ ଜଣେ ଓ ସୋର ବ୍ଲକରୁ ୫୭ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୨,୫୨୦ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୨୬୨ଜଣ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ଜିଲାରେ ମୋଟ ୨୯,୯୭୩ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି । ସକ୍ରିୟ ଥିବା ୨,୪୧୪ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୨,୩୧୩ଜଣ ଗୃହ ସଙ୍ଗରୋଧରେ, ୧୦୧ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଜିଲାରେ ସାମୂହିକ ଟିକାକରଣ ବେଶ ତ୍ୱରାନ୍ୱିତ ହୋଇଥିବା ଲକ୍ଷ୍ୟ କରାଯାଇଛି ।ଏବେ ସୁଦ୍ଧା ବାଲେଶ୍ୱର ଜିଲାର ମୋଟ ୬,୨୫,୦୩୦ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ୫,୦୨,୭୧୩ଜଣ ପ୍ରଥମ ପାନ ଓ ୧,୨୨,୩୧୭ଜଣ ଦ୍ୱିତୀୟ ଡୋଜ ଟିକା ନେଇ ସାରିଥିବା ଜଣାପଡିଛି । ଏଥିରେ ୬୦ବର୍ଷରୁ ଉର୍ଦ୍ଧ୍ୱ ୨,୭୦,୯୦୮ଜଣ, ୪୫ରୁ ୬୦ବର୍ଷ ମଧ୍ୟରେ ୨,୫୯,୦୫୫ଜଣ ଓ ୧୮ରୁ ୪୪ବର୍ଷ ମଧ୍ୟରେ ୯୫,୦୬୭ଜଣ ଟିକା ନେଇଥିବା ସୂଚନା ମିଳିଛି ।

# ସ୍ୱତନ୍ତ୍ର ଅଧିକାରୀ ଭାବେ ଆଇନ କଲେଜ ଦାୟିତ୍ୱରେ ଏଡିଏମ



ବାଲେଶ୍ୱର,୨୭/୦୬ (ନି.ପ୍ର): ବାଲେଶ୍ୱର ଆଇନ ମହାବିଦ୍ୟାଳୟ ପରିଚାଳନା କମିଟିର ସ୍ୱତନ୍ତ୍ର ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ.ହେମନ୍ତ କୁମାର ଘଡ଼େଇ ଦାୟିତ୍ୱ ଦେଇଛନ୍ତି । ଆଇନ ମହାବିଦ୍ୟାଳୟ ପରିଚାଳନା କମିଟି ଅବଧି ଗତ ୨୦୧୯ ମସିହା ମାର୍ଚ୍ଚ ମାସରୁ ଶେଷ ହୋଇଯାଇଥିଲା । ୭-ଏ(୩)/୧୯୬୯ ଅଧିନିୟମ ଅନୁସାରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଅତିରିକ୍ତ ଜିଲାପାଳଙ୍କୁ ଏହି ଦାୟିତ୍ୱ ଅର୍ପଣ କରିଛନ୍ତି । ନୂତନ କମିଟି ଗଠନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ ଶ୍ରୀ ମହାପାତ୍ର ଉଭୟ ଆର୍ଥିକ ଓ ପ୍ରଶାସନିକ କ୍ଷମତା ବ୍ୟବହାର କରିପାରିବେ ବୋଲି ୨୭୮୯/ ୨୩.୬.୨୦୨୧ ନଂ ଅର୍ଡ଼ରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଡ. ଘଡ଼େଇ ଉଲେଖ କରିଛନ୍ତି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୫୦,୦୪୦ ନୂଆ ମାମଲା

ନୂଆଦିଲ୍ଲୀ,୨୭/୦୬ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୫୦,୦୪୦ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୧,୨୫୮ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩,୦୨,୩୩,୧୮୩ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୫,୮୬,୪୦୩ ଥିବା ବେଳେ ବର୍ତମାନ ସୁଦ୍ଧା ୩,୯୫,୭୫୧ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୩୯ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୭/୦୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୩୯ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୩୮୮୭ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୯ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଟକ ଓ ବରଗଡ ଓ ନୟାଗଡ଼ ଜିଲ୍ଲାରେ ୫ ଜଣ ଲେଖାଏଁ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେହିପରି ସମ୍ବଲପୁର ଓ ସୁନ୍ଦରଗଡ ଜିଲ୍ଲାରେ ୩-୩ ଜଣ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ଗଂଜାମ, କେନ୍ଦ୍ରାପଡା, ମୟୁରଭଂଜ ଓ ସୁବର୍ଣ୍ଣପୁର ଜିଲ୍ଲାରେ ୨-୨ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ପୁରୀ ଜିଲ୍ଲାରେ ଜଣେ ଜଣେ ସଂକ୍ରମିତ ମୃତ୍ୟୁବରଣ କରିଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ମାକ୍ସ ଓ ସାମାଜିକ ଦୂରତା ରଖୁ ନ ଥିବା ବ୍ୟକ୍ତିଙ୍କ ଉପରେ ନୀଳଗିରି ପୋଲିସର କଡ଼ାକଡ଼ି ଚେକିଂ

ନୀଳଗିରି,୨୭/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ କରୋନା ପଜିଟିଭ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଏହାକୁ ରୋକ ଦେବା ପାଇଁ ମାକ୍ସ ଓ ସାମାଜିକ ଦୂରତା ରଖୁ ନ ଥିବା ବ୍ୟକ୍ତିବିଶେଷଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବାଲେଶ୍ୱର ଏସ.ପି. ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ନୀଳଗିରି ଥାନା ଅଧିକାରୀ ପ୍ରଭଞ୍ଜନ ବେହେରାଙ୍କ ନିର୍ଦ୍ଦେଶରେ ନୀଳଗିରି ସହର ସହିତ ଆଖାପାଖ ଅଞ୍ଚଳରେ କଡ଼ାକଡ଼ି ଚେକିଂ ଚାଲିଥିବା ର ଦେଖିବାକୁ ମିଳିଛି । ରବିବାର ଦିନ ନୀଳଗିରି ଥାନାର ଏ.ଏସ.ଆଇ. ଶରତ ଚନ୍ଦ୍ର ଧଳ, ଏ.ଏସ.ଆଇ. ବିଶ୍ୱଜିତ ବର୍ଦ୍ଧନ, ପୋଲିସ ଫୋର୍ସ ଧରି ମାକ୍ସ ପିନ୍ଧି ନ ଥିବା ଏବଂ ସାମାଜିକ ଦୂରତା ରଖୁ ନ ଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ଜୋରିମାନା ଆଦାୟ କରିଛନ୍ତି । କଦମସାହି, ସଜାନଗଡ଼, ପୋଡ଼ାଶୁଳ, ମିତ୍ରପୁର ଅଞ୍ଚଳରେ ଚଢ଼ାଉ କରିବା ସହ ସମସ୍ତ ଗାଡ଼ି ଗୁଡ଼ିକୁ ଅଟକାଇ ଗାଡ଼ିରେ ବସିଥିବା ବ୍ୟକ୍ତିମାନେ ମାକ୍ସ ପିନ୍ଧିଛନ୍ତି କି ନାହିଁ କିମ୍ବା ସାମାଜିକ ଦୂରତା ରକ୍ଷା କରିବା ଉପରେ କଡ଼ା ନଜର ରଖିଛନ୍ତି । ଆଜିର ଚଢ଼ାଉରେ ଅମାନିଆଙ୍କ ଠାରୁ ପାଖାପାଖି ୧୮ହଜାର ଟଙ୍କା ଜୋରିମାନା ଆଦାୟ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଆଜିର ଏହି କଡ଼ାକଡ଼ି ଚେକିଂ ଦେଖି ଅମାନିଆମାନଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି ।

# କାଶା ପକ୍ଷରୁ ବାତ୍ୟା ବିପନ୍ନଙ୍କୁ ସହାୟତା



ବାଲିଆପାଳ,୨୭/୦୬ (ନି.ପ୍ର): ସାମାଜିକ ସଂଗଠନ କାଶା ପକ୍ଷରୁ ୟାସ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବାଲିଆପାଳ ବ୍ଲକ ଅନ୍ତର୍ଗତ ଚଉମୁଖ, ଡଗରା, ବିଷ୍ଣୁପୁର ଓ ଜାମକୁଣ୍ଡା ପଂଚାୟତର ୩୫୦ କ୍ଷତିଗ୍ରସ୍ତ ପରିବାରଙ୍କୁ ଶୁଖିଲା ଖାଦ୍ୟ,ତେଜରାତି ସାମଗ୍ରୀ ସହିତ ପରିମଳ ସାମଗ୍ରୀ ବଂଟନ କରାଯାଇଛି । ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ ସେବାପରିଷଦର କର୍ମୀ ପ୍ରଦୀପକୁମାର ମହାରଣା, ନିର୍ମଳ କୁମାର ଜେନା,ବିଭୂପଦ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି ରିଲିଫ ବଂଟାଯାଇଥିଲା । ଏହି ବଂଟନ କାର୍ଯ୍ୟରେ ବାଲିଆପାଳ ବ୍ଲକର ସାମାଜିକ ଅଧିକାରୀ କୀର୍ତି କୁମାର ପାତ୍ର,ଚଉମୁଖ ପଂଚାୟତର ସରପଂଚ ନାରାୟଣ ଖଟୁଆ, ଯୁବସମାଜସେବୀ କାଳିଚରଣ ଚୌଧୁରୀ, ସାମ୍ବାଦିକ ଶାନ୍ତନୁ କୁମାର ମହାପାତ୍ର ଯୋଗ ଦେଇ କ୍ଷତିଗ୍ରସ୍ତ ଲୋକଙ୍କୁ ରିଲିଫ ବଂଟନ କରିଥିଲେ । ଏହି ଅବସରରେ ଗ୍ରାମବାସୀଙ୍କୁ କରୋନା ମହାମାରୀ ମୁକାବିଲା ନିମେନ୍ତ ମାସ୍କ ବ୍ୟବହାର,ସାମାଜିକ ଦୂରତା ଅବଲମ୍ବନ ସହିତ ସରକାରୀ ନିୟମ ମାନିବାକୁ ଅନୁରୋଧ କରାଯାଇଥିଲା ।

# ୧୩ ପରସ୍ତ ପୋଟଳ ନିର୍ମାଣ ଶେଷ

ପୁରୀ,୨୭/୦୬ (ନି.ପ୍ର): ଆଜି ତିନିରଥର ଦ୍ୱିତୀୟ ଓ ତୃତୀୟ ଭୂଇଁରେ କଇଁଚି ଫିଟିଙ୍ଗ ହୋଇଛି । ଏଥିସହ ତିନିରଥ ସମ୍ମୁଖ ଭାଗ ଓ ପଛ ଭାଗରେ ଦୁଇଟି ଲେଖାଏଁ କତରା ଫିଟିଙ୍ଗ କରାଯାଇଛି । ତିନି ରଥର ପାରାଭାଡ଼ିକୁ ମିଶାଇ ୧୩ ପରସ୍ତ ପୋଟଳ ନିର୍ମାଣ ଶେଷ ହୋଇଛି । ତାଳଧ୍ୱଜ ଓ ଦେବଦଳନ ରଥ ସିଂହାସନରେ କୁମ୍ଭଲତା ଖୋଦେଇ କାମ ଶେଷ କରି ରୂପକାର ସେବକମାନେ ନନ୍ଦିଘୋଷ ରଥର ସିଂହାସନରେ ନାଟଗୋଡ଼ରେ ରାହୁରୂପ ଖୋଦେଇର ଶେଷ ସ୍ୱର୍ଶ ଦେଉଛନ୍ତି । ଆଜି ଚିତ୍ରକର ସେବକମାନେ ତିନି ରଥର ତଳଭାଗ ଅଂଶ ଗୁଡ଼ିକୁ ରଙ୍ଗ ପାଇଁ ଧଳା ପ୍ରାଇମର ମାରିବା ଆରମ୍ଭ କରିଛନ୍ତି । ଦୋଳବେଦୀସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଅନ୍ଧାରି ତାଗ କଣ୍ଟା, କତାରି କଣ୍ଟା, ତାଗ କଣ୍ଟା ଓ ଉପର କଇଁଚି କଣ୍ଟା ନିର୍ମାଣ କରି ମହାରଣା ଓ ଭୋଇ ସେବକମାନଙ୍କୁ ଯୋଗାଇ ଦେଇଛନ୍ତି । ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପର ପ୍ରକୋଷ୍ଠରେ ତିନି ରଥର ଦରଜି ସେବକମାନେ ମାଳ ମହାରଦ ସହ ନଡ଼ିଆ ବାଡ଼େଇ ଅନୁକୂଳ ପୂଜା କରି ରଥର ଦୁଆର ବେଢା ପାଇଁ କନା କଟିଙ୍ଗର ଶୁଭାରମ୍ଭ କରିଛନ୍ତି ।

# ବାଇକରୁ ପଡି ମହିଳା ମୃତ,ଚାଳକ ଗୁରୁତର



ବାଲିଆପାଳ,୨୭/୦୬ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ଗେଙ୍ଗୁଟିଆ ଛକ ନିକଟରେ ଆଜି ଏକ ବାଇକରୁ ପଡି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଚାଳକ ଆହତ ହୋଇଛନ୍ତି । ମିଳିଥିବା ସୂଚନା ମୁତାବକ ଜାମକୁଣ୍ଡା ପଂଚାୟତ ବଡତାଳପଦା ଗ୍ରାମର ରାମଚନ୍ଦ୍ର ସାହୁଙ୍କ ଧର୍ମପତ୍ନୀ ବାସନ୍ତୀ ସାହୁ(୫୫)ଙ୍କ ଦେହ ଅସୁସ୍ଥ ଥିଲା । ଆଜି ସକାଳେ ତାଙ୍କ ମଧ୍ୟମ ପୁତ୍ର ଚନ୍ଦନ ବାସନ୍ତୀଙ୍କୁ ଏକ ବାଇକରେ ବସାଇ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣୁଥିଲେ । ଗେଙ୍ଗୁଟିଆ ଛକ ନିକଟରେ ହଠାତ୍ ଏକ ଷଣ୍ଢ ବାଇକ ସମ୍ମୁଖକୁ ଚାଲିଆସିବାରୁ ବାଇକଟି ଷଣ୍ଢଦେହରେ ବାଡେଇ ଯାଇଥିଲା । ବାଇକରେ ବସିଥିବା ଦୁଇ ଜଣ ଯାକ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ତେବେ ଡାକ୍ତର ସେଠାରେ ବାସନ୍ତୀଙ୍କୁ ମୃତ ଘୋଷଣା କରିଥିଲେ । ଚନ୍ଦନଙ୍କ ଅବସ୍ଥା ମଧ ଗୁରୁତର ରହିଛି । ବାଲିଆପାଳ ପୁଲିସ ଏହି ଘଟଣାରେ ଅପମୃତ ମାମଲା ରୁଜୁ କରି ଶବବ୍ୟବଚ୍ଛେଦ କରିଛି ।

## ଆଦିବାସୀ ମେଧାବୀ ଛାତ୍ରୀର ଉଚ୍ଚ ଶିକ୍ଷା ପାଇଁ ଦେବଦୂତ ସାଜିଲେ ତାପସ ପରିଡ଼ା

ନୀଳଗିରି,୨୭/୦୬ (ନି.ପ୍ର): ଚଳିତ ବର୍ଷ ମେଟ୍ରିକ ପରୀକ୍ଷାରେ ଆଦିବାସୀ ବହୁଳ ଗରଡିହି ହାଇସ୍କୁଲର ଛାତ୍ରୀ ଉର୍ମିଳା ସିଂ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାଶ୍ କରିଥିବା ବେଳେ +୨ ବିଜ୍ଞାନ ଅଧ୍ୟୟନ ପାଇଁ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ା ଦେବଦୂତ ସାଜି ଛାତ୍ରୀଙ୍କ ଘରେ ପହଞ୍ଚି +୨ ବିଜ୍ଞାନର ସମସ୍ତ ପଢ଼ା ଖର୍ଚ୍ଚ, ସମସ୍ତ ବହି ଖାତା, ପ୍ରଦାନ କରିବା ସହ ଉର୍ମିଳାକୁ ଉତ୍ତରୀୟ ଦେଇ ସମ୍ମାନୀତ କରିଛନ୍ତି । ନୀଳଗିରି ବ୍ଲକ ଗରଡିହି ପଞ୍ଚାୟତର କୁଞ୍ଚିବଣିଆ ଗାଁରେ ମାତା ସୁକାନ୍ତି ସିଂ , ପିତା ଗୋବିନ୍ଦ ସିଂ ର ମେଧାବୀ ଛାତ୍ରୀ ଉର୍ମିଳା ଭବିଷ୍ୟତରେ ଡାକ୍ତର ହେବାର ଆଶା ରଖିଛନ୍ତି । ମା ଜଣେ ଆଶା କର୍ମୀ ଭାବେ କାର୍ଯ୍ୟ କରୁଥିବା ବେଳେ ଝିଅ ଡାକ୍ତର ହୋଇ ସେବା କରିବାର ଆଶା ରଖିଛନ୍ତି । ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ା ଙ୍କର ଏପରି ସହାୟତାର ହାତ ଉର୍ମିଳାର ଭବିଷ୍ୟତ ପାଇଁ ଆଶାର ଆଲୋକ ସୃଷ୍ଟି କରିବ ବୋଲି ଅଞ୍ଚଳରେ ବେଶ୍ ଚର୍ଚ୍ଚା ଚାଲିଛି ।

# ବିଜୁଜନତା ଦଳର ପଞ୍ଚାୟତ ସ୍ତରୀୟ କର୍ମୀବୈଠକ



ବାରିପଦା,୨୭/୦୬ (ନି.ପ୍ର): ଆଜି ବାରିପଦା ନିର୍ବାଚନ ମଣ୍ଡଳୀର ପ୍ରଥମଥର କରି ବିଜୁଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀବୈଠକ ଅନୁଷ୍ଠିତ ହୋଇଯାଇଛି । ବାରିପଦା ବ୍ଲକର ହାତିକୋଟ୍ ଗ୍ରାମପଞ୍ଚାୟତରେ ଓଡିଶା ଖୋଦି ଓ ଗାମ୍ୟଦ୍ୟୋଗ ବୋର୍ଡର ସଦସ୍ୟ ସରୋଜ କୁମାର ବୋଷଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଆଗାମୀ ପଞ୍ଚାୟତ ନିର୍ବାଚନର କାର୍ଯ୍ୟପନ୍ଥା ଓ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ (ବବିଭାଇ)ଙ୍କ ନେତୃତ୍ୱରେ ପ୍ରତ୍ୟେକ ପଞ୍ଚାୟତରେ ୱାର୍ଡସ୍ତରୀୟ କର୍ମୀମାନଙ୍କୁ ସଂଗଠିତକରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଉନ୍ନୟନ ମୂଳକ ଯୋଜନା ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଆଲୋଚନା ହୋଇଥିଲା । ତତ୍‌ସହିତ ବାରିପଦା ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ ପ୍ରସ୍ତାବ ପାରିତ ହୋଇଥିଲା । ଆଗାମୀ ପଞ୍ଚାୟତ ନିର୍ବାଚନ ୫୬ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ୫୬ଟି ଯାକ ଯେପରି ବିଜୁଜନତା ଦଳ ବିଜୟଲାଭ କରିବ ତାହା ଆଲୋଚନାର ବିଷୟବସ୍ତୁ ହୋଇଥିଲା । ଏହି ବୈଠକରେ ପୂର୍ବତନ ବିଧାୟକ ତଥା ଉପ-ବାଚସ୍ପତିସାନନ୍ଦ ମାର୍ଣ୍ଡି, ପୂର୍ବତନ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧକ୍ଷ ଡାକ୍ତର ଦେବାଶିଷ ମାର୍ଣ୍ଡି, ରାଜ୍ୟ ବିଜୁଜନତା ଦଳର ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ, ବାରିପଦା ବ୍ଲକ ଉପାଧକ୍ଷ ପାର୍ବତୀ ହେମ୍ବ୍ରମ୍, ଉପାଧକ୍ଷ ରବିନ୍ଦ୍ର ମହାନ୍ତ, ହାତିକୋଟ୍ ବ୍ଲକର ସମିତିସଭ୍ୟ ସାମଲ ମାଝି, ବାରିପଦା ବ୍ୟବସାୟୀ ସଂଘର ସାଙ୍ଗଠାନିକ ସମ୍ପାଦକ ପୂର୍ଣ୍ଣାନନ୍ଦ ପରିଡା, ବାରିପଦା ବ୍ଲକ ଛାତ୍ର ସଭାପତି ଭୀଷ୍ମ ମହାନ୍ତ, ପୂର୍ବତନ ସରପଞ୍ଚ ମଧୁସୁଦନ ସିଂ, ସେୟଦ ଫିରଜୁଦିନ୍, ଅଜିତଭକ୍ତା, ସନିଆସିଂଙ୍କ ସମେତ ଶତାଧିକ ଯୁବ ଏହି ବୈଠକରେ ଉପସ୍ଥିତ ଥିଲେ । ଶେଷରେ ବାରିପଦା ବ୍ଲକର ଦୃଢସଂଗଠକ ଦିଲ୍ଲୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମ ଦେଶବାସୀଙ୍କ ହୃଦୟକୁ ଛୁଇଁ ପାରିଛି : ସମୀର ମହାନ୍ତି

ଭୁବନେଶ୍ୱର,୨୭/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମ ଦେଶବାସୀଙ୍କ ହୃଦୟକୁ ଛୁଇଁ ପାରିଛି । ପ୍ରତ୍ୟେକ ଦେଶବାସୀ ଆଜି ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିବା ପାଇଁ ବ୍ୟାକୁଳତାର ସହ ଅପେକ୍ଷାରତ ଥାନ୍ତି । ଏହି କାର୍ଯ୍ୟକ୍ରମ ଦ୍ୱାରା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯେଉଁ ଭଳି ଭାବେ ସାଧାରଣ ଦେଶବାସୀଙ୍କ ମନର କଥାକୁ ବାଖ୍ୟା କରୁଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ । ଏହା ଦ୍ୱାରା ଅନ୍ୟମାନେ ନିଶ୍ଚିତ ଭାବେ ପ୍ରୋତ୍ସାହିତ ହେବେ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଦୃଢ ଆଶା ବ୍ୟକ୍ତ କରିଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଭୁବନେଶ୍ୱରର ଏକାମ୍ର ନିର୍ବାଚନ ମଣ୍ଡଳୀର ୧୬୧ ନମ୍ବର ବୁଥ ଡାକବଙ୍ଗଳା ଛକ ଠାରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ । ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ଜିଲ୍ଲା ଉପସଭାପତି ଶିବପ୍ରସାଦ ବେହେରା, ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ସମେତ ଦଳୀୟ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ । ଆଜି ୭୮ ତମ ମନ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଟୋକିଓ ଅଲମ୍ପିକ୍ସରେ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଭାରତୀୟ ଆଥଲେଟ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ କୋଭିଡ ଟିକାକରଣ ସଂପର୍କରେ ଦେଶବାସୀଙ୍କୁ ଅବଗତ କରାଇବା ସହ ଦେଶବାସୀଙ୍କୁ ଟିକା ନେବା ପାଇଁ ଅନୁରୋଧ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ପ୍ରୟାସ, ଦେଶର ବରିଷ୍ଠ ବୈଜ୍ଞାନିକ ଓ ଡାକ୍ତରଙ୍କ ଉଦ୍ୟମକ୍ରମେ ଗତ ଜୁନ୍ ୨୧ ତାରିଖରୁ ବ୍ୟାପକ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି । ଗତ ୨୧ ତାରିଖରେ ୮୬ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାଗଣାରେ ଟିକାକରଣ କରାଯାଇଥିଲା । ସମସ୍ତଙ୍କୁ ମାଗଣା ଟିକାକରଣ କରାଇବା ଲକ୍ଷ୍ୟରେ ମୋଦି ସରକାର କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ରାଜ୍ୟବାସୀଙ୍କୁ ଟିକା ନେବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତି ଅନୁରୋଧ କରିଛନ୍ତି । ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଓଡିଆ ପ୍ରଶାସନିକ ଅଧିକାରୀ ସ୍ୱର୍ଗତଃ ଗୁରୁ ପ୍ରସାଦ ମହାପାତ୍ରଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତଃ ମହାପାତ୍ର ନିଜେ କରୋନାରେ ଆକ୍ରାନ୍ତ ହୋଇ କୋଭିଡ ରୋଗୀଙ୍କ ପାଇଁ ଅମ୍ଳଜାନ ଯୋଗାଡ କରିବାର କାର୍ଯ୍ୟ କରିବା ଅତ୍ୟନ୍ତ ପ୍ରଶଂସନୀୟ ଓ ପ୍ରେରଣାଦାୟୀ । ସ୍ୱର୍ଗତଃ ମହାପାତ୍ରଙ୍କ ଏଭଳି ମହାନ ଉଦ୍ୟମ ନିଶ୍ଚିତ ଭାବେ ଓଡିଆ ଜାତିକୁ ଗର୍ବିତ କରିବା ସହ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo